# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩୦/୨୦୨୧ (୧୨ ପୃଷ୍ଠା) | Bhubaneswar, Friday, April 30/2021 | ★★★★

୪୭ଶ ଭାଗ ୧୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶାନ୍ତିରେ ରହିବା କଷ୍ଟକର**

କରୋନା ଯୋଗୁ ଲୋକଙ୍କ ଅସହାୟତା ପ୍ରକାଶ କଲାବେଳେ କାନ୍ଦି ପକାଇଛନ୍ତି ଶିଳ୍ପା ସେଟ୍ଟୀ। ଏପରି ପରିସ୍ଥିତିରେ ଶାନ୍ତିରେ ରହିବା କଷ୍ଟକର ବୋଲି ସେ କହିଛନ୍ତି। ୧୦

୧୧ **ମୁମ୍ବାଇକୁ ଜିତାଇଲେ ଡି'କକ୍**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଗୁରୁବାର ମ୍ୟାଚ ବିଜୟୀ ଇନିଂସ ଖେଳି ରାଜସ୍ଥାନ ରୟାଲ୍ସ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସକୁ ଜିତାଇଛନ୍ତି କ୍ୱିଣ୍ଟନ ଡି'କକ୍।



## କେନ୍ଦ୍ରୀୟ ବାହିନୀ ଖର୍ଚ୍ଚ ଛାଡ଼ ହେଉ

**ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଚିଠି**



ଭୁବନେଶ୍ୱର,୨୯।୪(ବ୍ୟୁରୋ)

ଓଡ଼ିଶାରେ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବାହିନୀ (ସିଏପିଏଫ୍) ମୁତୟନ ବାବଦ ୪୫୬୧.୨୩ କୋଟି ଟଙ୍କାର ଖର୍ଚ୍ଚ ପଇଠ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦାବି କରିଛି। ହେଲେ ଏହି ଖର୍ଚ୍ଚ ଛାଡ଼ କରିବାକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସିଏପିଏଫ୍ ଯବାନ ମୁତୟନ ବାବଦକୁ ମନ୍ତ୍ରଣାଳୟ ୨୦୨୦ ଅକ୍ଟୋବର ୧ ତାରିଖ ଯାଏ ୪୫୬୧.୨୩ କୋଟି ଖର୍ଚ୍ଚ ଦାବି କରିଛି। ଏହି ଖର୍ଚ୍ଚକୁ ପୁନର୍ବିଚାର କରିବାକୁ ୨୦୧୫ରେ ରାଜ୍ୟ ସରକାର ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। ତେବେ କେବଳ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ଯଥା ଉତ୍ତର ପୂର୍ବ ରାଜ୍ୟ, ☞ପୃଷ୍ଠା–୪

## ସ୍ଥଗିତ ରହିଲା ଓବିସି ଗଣନା

ଭୁବନେଶ୍ୱର,୨୯।୪(ବ୍ୟୁରୋ)

କୋଭିଡ୍–୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଅନ୍ୟାନ୍ୟ ପଛୁଆବର୍ଗ(ଓବିସି)ଙ୍କ ଲାଗି ହେବାକୁ ଥିବା ସାମାଜିକ ଓ ଶିକ୍ଷାଗତ ସର୍ଭେ କାର୍ଯ୍ୟକୁ ଓଡ଼ିଶା ରାଜ୍ୟ ପଛୁଆବର୍ଗ କମିଶନ(ଓଏସ୍‌ସିବିସି) ସ୍ଥଗିତ ଘୋଷଣା କରିଛନ୍ତି। ଏହି ସର୍ଭେ କାର୍ଯ୍ୟ ମେ' ପହିଲାରୁ ହେବାକୁ ଥିଲା। ଏହା ମେ' ୨୦ ତାରିଖ ଯାଏ ଚାଲିବା ସହ ଜୁନ୍ ୧୧ ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଇଥାଆନ୍ତା। ତେବେ ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାରୁ କମିଶନ ମେ' ପହିଲାରୁ ହେବାକୁ ଥିବା ସର୍ଭେ କାର୍ଯ୍ୟକୁ ସାମୟିକ ଭାବେ ସ୍ଥଗିତ କରିଛନ୍ତି । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି କମିଶନଙ୍କ ମେମ୍ବର ସେକ୍ରେଟାରୀ ଭି.ଭି. ଯାଦବ କହିଛନ୍ତି। ସଂଶୋଧିତ ସର୍ଭେ କାର୍ଯ୍ୟସୂଚୀ ବିଷୟରେ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୨୦ ଫେବୃୟାରୀରେ ରାଜ୍ୟ ସରକାର ପଛୁଆବର୍ଗଙ୍କ ସର୍ଭେ ପାଇଁ ଓଏସ୍‌ସିବିସି ଗଠନ କରିଥିଲେ। ☞ପୃଷ୍ଠା–୪

# ଏକ୍‌ଜିଟ୍ ପୋଲ୍‌ରେ ମମତାଙ୍କ ହ୍ୟାଟ୍ରିକ୍

## ତାମିଲନାଡୁରେ ଷ୍ଟାଲିନ୍, କେରଳରେ ବିଜୟନ୍




ନୂଆଦିଲ୍ଲୀ,୨୯।୪

ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ହ୍ୟାଟ୍ରିକ୍ ବିଜୟ ହାସଲ କରି ପୁଣି ଥରେ ଶାସନ କରିପାରେ। ଏହାସହ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। କେରଳରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଲଗାତର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନ ଦଖଲ କରି ଇତିହାସ ରଚିବାକୁ ଯାଉଛନ୍ତି। ତାମିଲନାଡୁରେ କ୍ଷମତା ପରିବର୍ତ୍ତନ ହେବ। ଦକ୍ଷିଣ ଭାରତର ଏହି ପ୍ରମୁଖ ରାଜ୍ୟରେ ଦ୍ରାବିଡ ମୁନେତ୍ରା କାଜାଗାମ (ଡିଏମ୍‌କେ) ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କ ବହୁଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି। ଏଠାରେ ଆକସ୍ମିକ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀଙ୍କ ନେତୃତ୍ୱକୁ ଭୋଟର ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷେ ଆସାମରେ ଭାଜପା ପୁନର୍ବାର କ୍ଷମତାକୁ ଫେରିପାରେ। ଗୁରୁବାର ପଶ୍ଚିମବଙ୍ଗରେ ଅଷ୍ଟମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ବୁଥ୍ ଫେରନ୍ତା ଭୋଟରଙ୍କଠାରୁ ସଂଗୃହୀତ ମତକୁ ନେଇ ରାତି ପ୍ରାୟ ୭ଟାରେ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ପ୍ରକାଶିତ ଏକ୍‌ଜିଟ୍ ପୋଲ୍‌ରୁ ଏହା ଅନୁମାନ କରାଯାଉଛି। ବ୍ୟାପକ କୋଭିଡ୍ କଟକଣା ଓ ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ଶେଷ ହୋଇଛି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ। ୨୯୪ ଆସନ ମଧ୍ୟରୁ ୨୯୨ ସିଟ୍‌ରେ ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯ ମଧ୍ୟରେ ମତଦାନ ଶେଷ ହୋଇଥିବାବେଳେ ଅବଶିଷ୍ଟ ୨ ଆସନରେ ମେ' ୧୬ରେ ଭୋଟ ଗ୍ରହଣ କରାଯିବ। ସମ୍‌ଶେରଗଞ୍ଜ ଓ ଜାଙ୍ଗିପୁର ଆସନର ୨ ପ୍ରାର୍ଥୀଙ୍କ କୋଭିଡ୍ ମୃତ୍ୟୁ ଯୋଗୁ ଉଭୟ ସିଟ୍‌ରେ ମେ' ୧୬ରେ ଭୋଟ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ସେହିପରି ଆସାମ ବିଧାନସଭାର ୧୨୬ ଆସନ ଲାଗି ଅନୁଷ୍ଠିତ ୩ ପର୍ଯ୍ୟାୟ (ମାର୍ଚ୍ଚ ୨୭ରୁ ଏପ୍ରିଲ ୬) ନିର୍ବାଚନରେ ୮୨.୪% ମତଦାନ ହୋଇଥିଲା। କେରଳ(୧୪୦ ଆସନରେ ୭୪.୨%), ତାମିଲନାଡୁ(୨୩୪ ଆସନରେ ୭୨.୭୮%) ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ(୩୦ ଆସନରେ ୮୧.୭୦%)ରେ ଏପ୍ରିଲ ୬ରେ ଭୋଟ ଗ୍ରହଣ କରାଯାଇଥିଲା। ପଶ୍ଚିମବଙ୍ଗର ୩୫ ଆସନରେ ଗୁରୁବାର ୭୬.୦୭% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ। ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୨୨ ଆସନରେ ଭୋଟ ଗ୍ରହଣ କରାଯାଇଥିବାବେଳେ ପଶ୍ଚିମବଙ୍ଗ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥିଲା। କାରଣ ପଶ୍ଚିମବଙ୍ଗ ନିର୍ବାଚନ ହ୍ୟାଟ୍ରିକ୍ ଆଶାରେ ଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ସମ୍ମାନ ରକ୍ଷାର ଆହ୍ୱାନ ପାଲଟିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲାଗି ମର୍ଯ୍ୟାଦାର ପ୍ରଶ୍ନ ରୂପେ ଛିଡ଼ା ହୋଇଥିଲା। ଏଠାରେ ଶାସକ ଟିଏମ୍‌ସିର ମୁଖ୍ୟ ଚ୍ୟାଲେଞ୍ଜର ଭାବେ ପ୍ରଥମ ଥର ପାଇଁ ଉଭା ହୋଇଛି ଭାଜପା। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୯ ହୋଇଥିବାବେଳେ ଟିଏମ୍‌ସି ୧୫୪ ଆସନ ଦଖଲ କରିବ ବୋଲି ପୋଲ୍ ଅଫ୍ ଦି ☞ପୃଷ୍ଠା–୪

**ପଶ୍ଚିମବଙ୍ଗ ଏକ୍‌ଜିଟ୍ ପୋଲ**

| ସର୍ବେକ୍ଷଣ ସଂସ୍ଥା | ଟିଏମ୍‌ସି+ | ଭାଜପା+ | ବାମ+ |
|---|---|---|---|
| ଟାଇମ୍ସ ନାଓ–ସି ଭୋଟର | ୧୫୮ | ୧୧୫ | ୧୯ |
| ପି–ଏମ୍‌ଏଆର୍‌କ୍ୟୁ | ୧୫୮ | ୧୨୦ | ୧୪ |
| ଇଟିଜି | ୧୬୯ | ୧୧୦ | ୧୨ |
| ସିଏନ୍‌ଏକ୍ସ–ରିପବ୍ଲିକ୍ | ୧୩୩ | ୧୪୩ | ୧୬ |
| ପୋଲ ଅଫ୍ ଦି ପୋଲ୍ସ | ୧୫୪ | ୧୨୨ | ୧୫ |

ଏକ୍‌ଜିଟ୍ ପୋଲ୍ ସଂକ୍ରାନ୍ତ ଅଧିକ ରିପୋର୍ଟ: ପୃଷ୍ଠା–୨

## ମୃତ୍ୟୁ ହେଲେ ୫୦ ଲକ୍ଷ ଅନୁକମ୍ପା ସହାୟତା

**କରୋନା ଯୋଦ୍ଧାଙ୍କୁ ପ୍ରୋତ୍ସାହନ**

- ଠିକା କର୍ମଚାରୀଙ୍କୁ ମିଳିବ ଅଧିକ ୧ ମାସର ଦରମା
- ଆଶାକର୍ମୀଙ୍କୁ ୪ ମାସ ପାଇଁ ୧ ହଜାର ଲେଖାଏ ପ୍ରୋତ୍ସାହନ ରାଶି

ଭୁବନେଶ୍ୱର, ୨୯।୪(ବ୍ୟୁରୋ): ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ ଅଧୀନରେ ଆସୁ ନ ଥିବା ଆଗଧାଡିର କୋଭିଡ୍ ଯୋଦ୍ଧାଙ୍କ ମୃତ୍ୟୁ ହେଲେ ରାଜ୍ୟ ସରକାର ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବେ। ପ୍ରଥମ ପର୍ଯ୍ୟାୟ କରୋନା ସଂକ୍ରମଣ ବେଳେ ମୃତ କରୋନା ଯୋଦ୍ଧାଙ୍କ ଲାଗି ରାଜ୍ୟ ସରକାର ଉକ୍ତ ଆର୍ଥିକ ସହାୟତା ରାଶି ଘୋଷଣା କରିଥିଲେ। ଏବେ ପୁଣିଥରେ ଦ୍ୱିତୀୟ ଲହର ସଂକ୍ରମଣ ମାମଲା ବଢୁଥିବାରୁ ସରକାର ମୃତ କୋଭିଡ ଯୋଦ୍ଧାଙ୍କୁ ପୂର୍ବ ଭଳି ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବାକୁ ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

ବିକାଶ ଆକଳନର ନୂଆ ମାନଦଣ୍ଡ


## ୨୪ ଘଣ୍ଟାରେ ୧୨ ମୃତ, ୬୯୯୮ ଚିହ୍ନଟ

ଭୁବନେଶ୍ୱର,୨୯।୪(ବ୍ୟୁରୋ)



**ଖୋର୍ଦ୍ଧାରୁ ସର୍ବାଧିକ ୯୧୯ ସଂକ୍ରମିତ**

ରାଜ୍ୟରେ କୋଭିଡ୍–୧୯ ସଂକ୍ରମଣ ହାର ବଢ଼ିଚାଲିଛି। ବୁଧବାର ତୁଳନାରେ ଗୁରୁବାର ରାଜ୍ୟରେ ଯଦିଓ ଦୈନିକ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ହ୍ରାସପାଇଛି ତେବେ ପରିସ୍ଥିତି ପୂର୍ବଭଳି ଗମ୍ଭୀର ରହିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ୨୪ଘଣ୍ଟାରେ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୧୨ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାବେଳେ ୬,୯୯୮ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୦୫୪ ଜଣ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳରୁ ୨୯୪୪ ଜଣ ଚିହ୍ନଟ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ, ପୁରୀରୁ ୨, ରାୟଗଡ଼ାରୁ ୨, କଟକ, କେନ୍ଦୁଝର, ଅନୁଗୋଳ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ମୃତ୍ୟୁ ବରଣ କରିଛନ୍ତି।

ସେହିପରି ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୯୧୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କଟକରୁ ୫୧୭, ସୁନ୍ଦରଗଡ଼ରୁ ୪୭୪, ନୂଆପଡ଼ାରୁ ୪୨୦, ଝାରସୁଗୁଡ଼ାରୁ ୩୯୬, ବରଗଡ଼ରୁ ୩୩୦, ଅନୁଗୋଳରୁ ୩୨୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ସମ୍ବଲପୁରରୁ ୩୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମୟୂରଭଞ୍ଜରୁ ୩୦୮, କଳାହାଣ୍ଡିରୁ ୨୯୨, ପୁରୀରୁ ୨୮୮, ନବରଙ୍ଗପୁରରୁ ୨୫୫, ବଲାଙ୍ଗୀରରୁ ୨୩୬, ଯାଜପୁରରୁ ୨୨୬, ରାୟଗଡ଼ାରୁ ୧୮୧, କେନ୍ଦୁଝରରୁ ୧୬୦, ସୁବର୍ଣ୍ଣପୁରରୁ ୧୩୧, ଗଞ୍ଜାମରୁ ୧୨୮, ଗଜପତି ଓ ନୟାଗଡ଼ରୁ ୧୨୧ ଲେଖାଏ, ବାଲେଶ୍ୱରରୁ ୯୭, ଭଦ୍ରକରୁ ୯୧, କେନ୍ଦ୍ରାପଡ଼ାରୁ ୭୭, ଦେବଗଡ଼ରୁ ୭୪, ବୌଦ୍ଧରୁ ୬୫ ଓ ଷ୍ଟେଟ୍ ପୁଲ୍ ୧୮୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୩୫,୫୧୩ ହୋଇଥିବା ବେଳେ ସେଥିରୁ ୩,୭୫,୭୨୧ ଜଣ ଆରୋଗ୍ୟଲାଭ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୫୭,୭୧୦ ଜଣ ଆକ୍ଟିଭ ସଂକ୍ରମିତ ରହିଛନ୍ତି।

## ଟିକା ପାଇଁ ଚିଠି

- ମେ' ପାଇଁ ୪୦ ଲକ୍ଷ, ଜୁନ୍, ଜୁଲାଇ, ଅଗଷ୍ଟ ପାଇଁ ମାସିକ ୬୦ ଲକ୍ଷ କୋଭିଶିଲ୍ଡ
- ମେ' ସୁଦ୍ଧା ୫ ଲକ୍ଷ, ଜୁନ୍ ପାଇଁ ୫.୩୪ ଲକ୍ଷ କୋଭାକ୍ସିନ ଟିକା ଲୋଡ଼ିଲେ ରାଜ୍ୟ ସରକାର




ଭୁବନେଶ୍ୱର,୨୯।୪(ବ୍ୟୁରୋ)

କୋଭିଡ୍–୧୯ ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। ରାଜ୍ୟରେ ଏପ୍ରିଲ୍ ମାସରେ ଏଯାବତ୍ ୯୪,୫୯୬ ସଂକ୍ରମଣ ଚିହ୍ନଟ ହେଲେଣି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଟିକାକରଣ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ବହୁମାତ୍ରାରେ ଟିକା ଆବଶ୍ୟକ ଥିବାରୁ ରାଜ୍ୟ ସରକାର ୨ ଟିକା ଉତ୍ପାଦନକାରୀ ସଂସ୍ଥାକୁ ଚିଠି ଲେଖିଛନ୍ତି । କେଉଁ ପର୍ଯ୍ୟାୟରେ କେତେ ଟିକା ଦରକାର, ସେନେଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ☞ପୃଷ୍ଠା–୪

## ରାଜ୍ୟ ଲାଗି କୋଭାକ୍ସିନ ଦାମ୍ ୨୦୦ ଟଙ୍କା କମିଲା

ନୂଆଦିଲ୍ଲୀ, ୨୯।୪

ରାଜ୍ୟ ସରକାରଙ୍କ ପାଇଁ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଏହାର କୋଭିଶିଲ୍ଡ ଟିକା ଦାମ୍ ୧୦୦ ଟଙ୍କା ହ୍ରାସ କରିବାର ଦିନକ ପରେ ଭାରତ ବାୟୋଟେକ୍ ଗୁରୁବାର କୋଭାକ୍ସିନ ଦାମ୍ କମାଇଛି। ଏହି ଟିକା ରାଜ୍ୟ ସରକାରଙ୍କ ପାଇଁ ୪୦୦ ଟଙ୍କାରେ ଉପଲବ୍ଧ ହେବ। ପୂର୍ବରୁ ଭାରତ ବାୟୋଟେକ୍ ରାଜ୍ୟ ପାଇଁ ପ୍ରତି ଡୋଜ୍ ଟିକା ଦାମ୍ ୬୦୦ ଟଙ୍କା ଧାର୍ଯ୍ୟ କରିଥିଲା। ଦେଶ ଏବେ ଗମ୍ଭୀର ମହାମାରୀ ସ୍ଥିତିର ସମ୍ମୁଖୀନ ହୋଇଥିବାରୁ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ସୃଷ୍ଟ ଚ୍ୟାଲେଞ୍ଜକୁ ଅନୁଭବ କରି ରାଜ୍ୟ ସରକାରଙ୍କ ପାଇଁ ଡୋଜ୍ ପ୍ରତି ଦାମ୍ ☞ପୃଷ୍ଠା–୪




ଧରିତ୍ରୀ
DHARITRI
ଶୁକ୍ରବାର, ୩୦ ଏପ୍ରିଲ୍, ୨୦୨୧



## ସଂକ୍ଷେପରେ

### ଏମ୍ସରୁ ଫେରିଲେ ମନମୋହନ



**ନୂଆଦିଲ୍ଲୀ, ୨୯।୪:** କରୋନା ସଂକ୍ରମିତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଗୁରୁବାର ସୁସ୍ଥ ହୋଇ ଦିଲ୍ଲୀ ଏମ୍ସରୁ ଘରକୁ ଫେରିଛନ୍ତି। ଏହି ବରିଷ୍ଠ କଂଗ୍ରେସ ନେତା ଏପ୍ରିଲ ୧୯ରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

### ମହାକୁମ୍ଭକୁ ଆସିଥିଲେ ୯୧ ଲକ୍ଷ ଶ୍ରଦ୍ଧାଳୁ

**ଡେରାଡୁନ, ୨୯।୪:** ମହାକୁମ୍ଭମେଳା ପାଇଁ ଏପ୍ରିଲ ୧ରେ ଉତ୍ତରାଖଣ୍ଡ ସରକାର ବିଜ୍ଞପ୍ତି ଜାରି କରିବା ପରେ ଏହା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ତେବେ ଏହାର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ଜାନୁୟାରୀରୁ ହରିଦ୍ୱାରକୁ ତୀର୍ଥଯାତ୍ରୀଙ୍କ ଆଗମନ ଆରମ୍ଭ ହୋଇଥିଲା। ମହାମାରୀ ଯୋଗୁ କୁମ୍ଭମେଳାକୁ କାଟ୍‌ଛାଣ୍ଟ କରାଯାଇଥିଲେ ହେଁ ଏଥିରେ ୯୧ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏପ୍ରିଲରେ କରୋନା ସଂକ୍ରମଣ ଅତ୍ୟଧିକ ବଢ଼ିଥିବାବେଳେ ମେଡିକାଲରେ ଅକ୍ସିଜେନ, ଔଷଧ ଓ ବେଡ୍‌ର ଅଭାବ ଦେଖାଦେଇଛି। ଉତ୍ତରାଖଣ୍ଡରେ ମଧ ଅନୁରୂପ ଅବସ୍ଥା। ଏଭଳି ସ୍ଥିତିରେ କୁମ୍ଭମେଳା ଆୟୋଜନକୁ ନେଇ ଉତ୍ତରାଖଣ୍ଡ ହାଇକୋର୍ଟ ସରକାରଙ୍କୁ ସମାଲୋଚା କରିବା ସହ ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ଏକାଧିକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଆର୍.ଏସ୍. ଚୌହାନ ଏବଂ ଜଷ୍ଟିସ ଆଲୋକ କୁମାରଙ୍କ ଖଣ୍ଡପୀଠ କୁମ୍ଭମେଳା ପରିଚାଳନାକୁ ନେଇ ପ୍ରଶ୍ନ କରିଛନ୍ତି।

### ଆମେରିକୀୟଙ୍କୁ ତୁରନ୍ତ ଭାରତ ଛାଡ଼ିବାକୁ ପରାମର୍ଶ

**ନୂଆଦିଲ୍ଲୀ, ୨୯।୪:** ଭାରତରେ କରୋନା ସଂକ୍ରମଣ ହୁହୁ ହୋଇ ବଢୁଥିବାରୁ ଯଥାଶୀଘ୍ର ସମ୍ଭବ ସେହି ଦେଶ ଛାଡ଼ି ଚାଲିଆସିବାକୁ ଆମେରିକା ଏହାର ନାଗରିକମାନଙ୍କୁ ପରାମର୍ଶ ଦେଇଛି। ସେହିପରି ଭାରତକୁ ଏବେ କେହି ନ ଯିବା ଲାଗି ଆମେରିକା ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି। ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ପକ୍ଷରୁ ଭାରତ ପାଇଁ ଲେବଲ୍ ୪ ଟ୍ରାଭେଲ୍ ଆଡଭାଇଜରି ଜାରି କରାଯାଇଛି, ଯାହାକି ସର୍ବାଧିକ ସ୍ତର। ଭାରତରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ସେଠାରେ ସବୁ ପ୍ରକାର ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ସୀମିତ ହୋଇଯାଇଥିବା ଏଥିରେ କୁହାଯାଇଛି। ନାଗରିକମାନେ ଏବେ ଆମେରିକାକୁ ସିଧାସଳଖ ବିମାନ କିମ୍ବା ଭାୟା ପ୍ୟାରିସ ଓ ଫ୍ରାଙ୍କଫର୍ଟ ବିମାନ ଧରିପାରିବେ ବୋଲି ପରରାଷ୍ଟ୍ର ବିଭାଗ ଟୁଇଟ୍ କରିଛି।

| କେରଳ ଆସନ ସଂଖ୍ୟା: ୧୪୦ ମ୍ୟାଜିକ୍ ନମ୍ବର: ୭୧ | | | | |
|---|---|---|---|---|
| ସର୍ବେକ୍ଷଣ ସଂସ୍ଥା | ଏଲ୍‌ଡିଏଫ୍ | ୟୁଡିଏଫ୍ | ଭାଜପା | ଅନ୍ୟ |
| ଏବିପି ନ୍ୟୁଜ୍-ସି ଭୋଟର | ୭୧-୭୭ | ୬୨-୬୮ | ୦-୨ | ୦ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୧୦୪-୧୨୦ | ୨୦-୩୬ | ୦-୨ | ୦-୨ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୧୦୨ | ୩୫ | ୩ | ୦ |
| ପି-ଏମ୍‌ଏଆର୍‌କ୍ୟୁ | ୭୨-୭୯ | ୬୦-୬୬ | ୦-୩ | ୦-୧ |
| ସିଏନ୍‌ଏକ୍ସ-ରିପବ୍ଲିକ୍ | ୭୨-୮୦ | ୫୮-୬୪ | ୧-୫ | ୦ |
| ପୋଲ ଅଫ୍ ଦି ପୋଲ୍ସ | ୮୫ | ୫୩ | ୨ | ୦ |

| ତାମିଲନାଡୁ ଆସନ ସଂଖ୍ୟା: ୨୩୪ ମ୍ୟାଜିକ୍ ନମ୍ବର: ୧୧୮ | | | | |
|---|---|---|---|---|
| ସର୍ବେକ୍ଷଣ ସଂସ୍ଥା | ଏଆଇଏଡିଏମ୍‌କେ+ | ଡିଏମ୍‌କେ+ | ଏଏମ୍‌ଏମ୍‌କେ+ | ଅନ୍ୟ |
| ଏବିପି ନ୍ୟୁଜ୍-ସି ଭୋଟର | ୫୮-୭୦ | ୧୬୦-୧୭୨ | ୦ | ୦-୭ |
| ଇଣ୍ଡିଆ ନ୍ୟୁଜ୍-ଜନ୍ କୀ ବାତ୍ | ୧୦୨-୧୨୩ | ୧୧୦-୧୩୦ | ୦ | ୧-୨ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୩୮-୫୪ | ୧୭୫-୧୯୫ | ୦ | ୧-୯ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୫୭ | ୧୭୫ | ୦ | ୨ |
| ପି-ଏମ୍‌ଏଆର୍‌କ୍ୟୁ | ୪୦-୬୫ | ୧୬୫-୧୯୦ | ୧-୩ | ୧-୬ |
| ସିଏନ୍‌ଏକ୍ସ-ରିପବ୍ଲିକ୍ | ୫୮-୬୮ | ୧୬୦-୧୭୦ | ୪-୬ | ୦-୨ |
| ପୋଲ ଅଫ୍ ଦି ପୋଲ୍ସ | ୬୬ | ୧୬୦ | ୧ | ୭ |

# ଇତିହାସ ରଚିବେ ବିଜୟନ୍



ପିନାରାୟୀ ବିଜୟନ୍

| ଆସାମ ଆସନ ସଂଖ୍ୟା: ୧୨୬ ମ୍ୟାଜିକ୍ ନମ୍ବର: ୬୪ | | | |
|---|---|---|---|
| ସର୍ବେକ୍ଷଣ ସଂସ୍ଥା | ଭାଜପା+ | କଂଗ୍ରେସ+ | ଅନ୍ୟ |
| ଏବିପି ନ୍ୟୁଜ୍-ସି ଭୋଟର | ୫୮-୭୧ | ୫୩-୬୬ | ୦-୫ |
| ଇଣ୍ଡିଆ ନ୍ୟୁଜ୍-ଜନ୍ କୀ ବାତ୍ | ୭୦-୮୧ | ୪୫-୫୫ | ୦-୧ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୭୫-୮୫ | ୪୦-୫୦ | ୧-୪ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୭୦ | ୫୬ | ୦ |
| ପି-ଏମ୍‌ଏଆର୍‌କ୍ୟୁ | ୬୨-୭୦ | ୫୬-୬୪ | ୦-୪ |
| ସିଏନ୍‌ଏକ୍ସ-ରିପବ୍ଲିକ୍ | ୭୪-୮୪ | ୪୦-୫୦ | ୧-୩ |
| ପୋଲ ଅଫ୍ ଦି ପୋଲ୍ସ | ୭୨ | ୫୩ | ୧ |



ଏମ୍.କେ. ଷ୍ଟାଲିନ

**ନୂଆଦିଲ୍ଲୀ,୨୯।୪**

ପୂର୍ବାପେକ୍ଷା ଏଥର ଆମେ ଅଧିକ ଆସନରେ ବିଜୟୀ ହେବୁ। ଗୁରୁବାର ରାତିରେ ଏକ୍‌ଜିଟ୍ ପୋଲ୍ ଫଳ ଆସିବା ପରେ କେରଳ ରାଜଧାନୀ ଥିରୁଭାନନ୍ତପୁରମ୍‌ରେ ଏହା ଥିଲା ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ପ୍ରଥମ ମନ୍ତବ୍ୟ। ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହୋଇ ଇତିହାସ ରଚିବାକୁ ଯାଉଥିବା ବିଜୟନ୍ କହିଛନ୍ତି, ମେ' ୨ରେ ଆସିବାକୁ ଥିବା ଫଳାଫଳକୁ ନେଇ କୌଣସି ସନ୍ଦେହ ନାହିଁ। ୨୦୧୬ ବିଧାନସଭା ନିର୍ବାଚନ ତୁଳନାରେ ଏଥର ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ(ସିପିଆଇଏମ୍) ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଅଧିକ ଆସନ ଦଖଲ କରି ପୁନର୍ବାର କ୍ଷମତାସୀନ ହେବ। ମୁଁ କେରଳର ଜନତାଙ୍କୁ ଜାଣେ। ଏହା ହେଉଛି ମୋର ଆତ୍ମବିଶ୍ୱାସ।

ପଶ୍ଚିମବଙ୍ଗ ବିଧାନସଭାର ଅଷ୍ଟମ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ଓ ଜାତୀୟ ଗଣମାଧ୍ୟମ ପକ୍ଷରୁ ଏକ୍‌ଜିଟ୍ ପୋଲ ପ୍ରକାଶ ପାଇଛି। ଏଥିରେ ବିଜୟନ୍ ଇତିହାସ ରଚିବାକୁ ଯାଉଛନ୍ତି ବୋଲି ଭବିଷ୍ୟବାଣୀ କରାଯାଇଛି। ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୭୧ ଆସନ ଆବଶ୍ୟକ ଥିବାବେଳେ ୨୦୧୬ରେ ଏଲ୍‌ଡିଏଫ୍ ୯୧ ଆସନ ଦଖଲ କରି କ୍ଷମତାସୀନ ହୋଇଥିଲା। କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍)କୁ ମାତ୍ର ୪୭ ଆସନରେ ସଫଳତା ମିଳିଥିଲା। ପୂର୍ବରୁ କୌଣସି ମେଣ୍ଟ କ୍ରମାଗତ ଦୁଇଥର କ୍ଷମତାସୀନ ହୋଇ ନ ଥିବାବେଳେ ଏଥର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ପୂର୍ବ ସଫଳତା ଦୋହରାଇବେ ବୋଲି ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ତେବେ ଶେଷ ମୁହୂର୍ତ୍ତରେ ମେଟ୍ରୋମ୍ୟାନ୍ ଇ.ଶ୍ରୀଧରନ୍‌ଙ୍କୁ ମଇଦାନକୁ ଓହ୍ଲାଇ ଭାଜପା କେତେକ ଆସନରେ ନିଜ ସ୍ଥିତି ମଜଭୁତ କରିବ ବୋଲି ଯାହା କୁହାଯାଉଥିଲା ସେପରି କିଛି ଦେଖିବାକୁ ମିଳିନାହିଁ।

ସେହିପରି ତାମିଲନାଡୁରେ ବିରୋଧୀ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ)-କଂଗ୍ରେସ ମେଣ୍ଟ ଶାସକ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଏଆଇଏଡିଏମ୍‌କେ)-ଭାଜପା ମେଣ୍ଟର ବିଜୟ ଆଶାକୁ ମଳିନ କରିଦେଇଛି। ଡିଏମ୍‌କେ ଅଧକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିବା ଭୋଟର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଡିଏମ୍‌କେକୁ ୪୮% ଭୋଟ ମିଳିଥିବାବେଳେ ଏଆଇଏଡିଏମ୍‌କେ ସପକ୍ଷରେ ୩୫% ମତଦାନ ହୋଇଥିବା କୁହାଯାଉଛି। ସେହିପରି ଏଏମ୍‌ଏମ୍‌କେକୁ ୩% ଏବଂ କମଲ ହାସନଙ୍କ ଏମ୍‌ଏନ୍‌ଏମ୍‌କୁ ୪% ଭୋଟ ମିଳିଥିବା ଆକଳନ କରାଯାଇଛି। ରାଜ୍ୟର ୪୬% ମତଦାତା ଷ୍ଟାଲିନ୍ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ମତଦେଇଛନ୍ତି।

ଅନ୍ୟପକ୍ଷେ ସବୁଠି ନିରାଶ ହୋଇଥିବା ଭାଜପାର ସମ୍ମାନ ଆସାମରେ ବଞ୍ଚିବ ବୋଲି କୁହାଯାଉଛି। ଏଠାରେ ଶାସକ ଭାଜପାକୁ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମହାମେଣ୍ଟ ବଡ଼ ଚ୍ୟାଲେଞ୍ଜ ଦେଇପାରି ନ ଥିବା ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଆକଳନ କରିଛନ୍ତି। ପୁଡୁଚେରୀରେ ଏଆଇଏଡିଏମ୍‌କେ, ଅଲ୍ ଇଣ୍ଡିଆ ଏନ୍.ଆର୍. କଂଗ୍ରେସ ଏବଂ ଭାଜପା ମଧ୍ୟରେ ପ୍ରାକ୍ ନିର୍ବାଚନୀ ମେଣ୍ଟ ହୋଇଥିଲା। ଏଠାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ଡିଏମ୍‌କେ-କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ଏଆଇଏନ୍‌ଆର୍‌ସି ମୁଖ୍ୟ ଏନ୍. ରଙ୍ଗାସ୍ୱାମୀଙ୍କୁ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ କରିପାରେ। ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆର ଆକଳନ ହେଉଛି ଏନ୍‌ଡିଏକୁ ୨୦ରୁ ୨୪ ଆସନରେ ସଫଳତା ମିଳିପାରେ। ଏଆଇଏନ୍‌ଆର୍‌ସି ୧୩-୧୫ ଆସନ ଦଖଲ କରିବାକୁ ଥିବାବେଳେ ଏଆଇଏଡିଏମ୍‌କେକୁ ୩ ଆସନରେ ସୀମିତ ରହିବାକୁ ପଡ଼ିପାରେ। କଂଗ୍ରେସ ୬ରୁ ୧୦ ଆସନରେ ବିଜୟୀ ହେବ ବୋଲି ଏହି ସଂସ୍ଥା ଭବିଷ୍ୟବାଣୀ କରିଛି।

- ପାଲାନିସ୍ୱାମୀଙ୍କୁ ପ୍ରତ୍ୟାଖ୍ୟାନ
- ଷ୍ଟାଲିନ୍‌ଙ୍କ ସ୍ୱପ୍ନ ପୂରଣ ହେବ
- ଆସାମ ରଖିବ ଭାଜପା ସମ୍ମାନ
- ପୁଡୁଚେରୀରେ ଏନ୍‌ଡିଏ

### ମୋଦି ଇସ୍ତଫା ଦିଅ ହାଶଟ୍ୟାଗ୍ ବ୍ଲକ କଲା ଫେସ୍‌ବୁକ



**ନୂଆଦିଲ୍ଲୀ, ୨୯।୪:** ଦେଶରେ କରୋନା ମୁକାବିଲାରେ କେନ୍ଦ୍ର ସରକାର ବିଫଳ ହୋଇଥିବା କହି ଲୋକେ ସୋସିଆଲ ମିଡିଆରେ ମୋଦି ଇସ୍ତଫା ଦିଅ ହାଶ୍‌ଟ୍ୟାଗ୍ ଟ୍ରେଣ୍ଡ ଚଲାଇଥିବାବେଳେ ଗୁରୁବାର ଫେସ୍‌ବୁକ୍ ଏହି ହାଶ୍‌ଟ୍ୟାଗକୁ ବ୍ଲକ କରିଦେଇଥିଲା। ଏହାକୁ ନେଇ ଏହି ସୋସିଆଲ ପ୍ଲାଟଫର୍ମ ବିବାଦକୁ ଆସିଯାଇଥିଲା। ଫେସ୍‌ବୁକ୍‌ରେ ହାଶ୍‌ଟ୍ୟାଗ୍ ରିଜାଇନ୍ ମୋଦି ସର୍ଚ୍ଚ କରିବାରେ, କମ୍ୟୁନିଟି ଷ୍ଟାଣ୍ଡାର୍ଡ ନିୟମ ଉଲ୍ଲଂଘନ କରୁଥିବାରୁ ଏଭଳି ପୋଷ୍ଟକୁ ଅସ୍ଥାୟୀ ଭାବେ ବ୍ଲକ କରାଯାଇଥିବା ମେସେଜ୍ ଦେଖିବାକୁ ମିଳିଥିଲା। ତେବେ ଏହି ହାଶ୍‌ଟ୍ୟାଗ୍‌କୁ ଭୁଲ୍‌ରେ ବ୍ଲକ କରାଯାଇଥିବା ଏବଂ ଭାରତ ସରକାର ଏପରି କରିବାକୁ କହି ନ ଥିବା ଫେସ୍‌ବୁକ୍ ପରେ ସଫେଇ ଦେଇଥିଲା। କିଛି ଘଣ୍ଟା ପରେ ତାହାକୁ ରଦ୍ଦ ତାଲିକାରୁ ହଟାଯାଇଥିଲା। ଦେଶରେ କୋଭିଡ୍ ମୁକାବିଲା ବାବଦରେ ଭ୍ରମାତ୍ମକ ତଥ୍ୟଭିତ୍ତିକ ପୋଷ୍ଟ ହଟାଇବାକୁ ପୂର୍ବରୁ କେନ୍ଦ୍ର ସରକାର ଫେସ୍‌ବୁକ୍ ଓ ଟୁଇଟରକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ।

### ୟୁପି ପଞ୍ଚାୟତ ନିର୍ବାଚନରେ ୫୭୭ ଶିକ୍ଷକଙ୍କ ମୃତ୍ୟୁ

**ଲକ୍ଷ୍ନୌ, ୨୯।୪:** ଉତ୍ତରପ୍ରଦେଶ ପଞ୍ଚାୟତ ନିର୍ବାଚନ ଡ୍ୟୁଟିରେ ଥିବା ୫୭୭ ଶିକ୍ଷକ ଓ ସହକାରୀ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ତାଲିକା ଦାଖଲ କରାଯାଇଛି। ମେ' ୨ରେ ହେବାକୁ ଥିବା ଭୋଟଗଣତି ସ୍ଥଗିତ ରଖିବାକୁ ୟୁନିୟନ ଦାବି କରିଛି। ନିର୍ବାଚନ ଦାୟିତ୍ୱରେ ଥିବାବେଳେ ୭୧ ଜିଲାରୁ ୫୭୭ ଜଣ ଶିକ୍ଷକ କରୋନାରେ ପ୍ରାଣ ହରାଇଥିବା ୟୁପି ଶିକ୍ଷକ ମହାସଂଘ (ୟୁପିଏସ୍‌ଏମ୍)ର ସଭାପତି ଦିନେଶ ଚନ୍ଦ୍ର ଶର୍ମା କହିଛନ୍ତି। ଆହୁରି ଅନେକ ଶିକ୍ଷକ ଓ ସହକାରୀ କର୍ମଚାରୀ ସଂକ୍ରମିତ ଅଛନ୍ତି, ଯାହାର ସବିଶେଷ ତଥ୍ୟ ହସ୍ତଗତ ହୋଇ ନ ଥିବା ସେ କହିଛନ୍ତି। ସଂକ୍ରମଣ ବଢ଼ିବାରୁ ଏପ୍ରିଲ ୧୨ ତାରିଖ ପରେ ନିର୍ବାଚନ ସ୍ଥଗିତ ରଖିବାକୁ ଶିକ୍ଷକ ସଂଘ ଦାବି କରିଥିଲେ ମଧ ନିର୍ବାଚନ କମିଶନ ଏହାକୁ ଗ୍ରହଣ କରି ନ ଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଏତେସଂଖ୍ୟାରେ ଶିକ୍ଷକ ମୃତ୍ୟୁକୁ ନେଇ ମଙ୍ଗଳବାର ଆଲ୍ଲାହାବାଦ ହାଇକୋର୍ଟ ରାଜ୍ୟ ନିର୍ବାଚନ କମିଶନଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।





ଚେନ୍ନାଇ ପୋଲିସ ଗୁରୁବାର ବାଇକ୍ ରାଲି ମାଧ୍ୟମରେ କରୋନା ମହାମାରୀ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛି।

## ଦିଲ୍ଲୀକୁ କମ୍ ଅକ୍ସିଜେନ୍ ଯୋଗାଣ

# କେନ୍ଦ୍ରକୁ ଜବାବ ମାଗିଲେ ହାଇକୋର୍ଟ

**ନୂଆଦିଲ୍ଲୀ, ୨୯।୪(ପି.ଟି.)**

ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଭଳି ରାଜ୍ୟକୁ ଚାହିଦା ତୁଳନାରେ ଅଧିକ ଅକ୍ସିଜେନ୍ ଯୋଗାଇ ଦିଆଯାଇଥିବାବେଳେ ଜାତୀୟ ରାଜଧାନୀକୁ ଆବଶ୍ୟକ ପରିମାଣଠାରୁ କମ୍ ଦିଆଯାଇଥିବାରୁ ଦିଲ୍ଲୀ ହାଇକୋର୍ଟ ଏନେଇ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। କୋଭିଡ୍ ରୋଗୀଙ୍କ ପାଇଁ ଆବଶ୍ୟକ ପରିମାଣର ଅକ୍ସିଜେନ୍ ଅନ୍ତତଃ ମିଳିବା ଆବଶ୍ୟକ ବୋଲି ଜଷ୍ଟିସ୍ ବିପିନ ସାଘିଁ ଏବଂ ରେଖା ପାଲ୍ଲିଙ୍କ ଖଣ୍ଡପୀଠ କହିଛନ୍ତି। ଦିଲ୍ଲୀ ପାଇଁ ଦିନକୁ ୭୦୦ ମେଟ୍ରିକ ଟନ୍ ଅକ୍ସିଜେନ ଆବଶ୍ୟକ ହେଉଥିବାବେଳେ କେନ୍ଦ୍ର ସରକାର ମାତ୍ର ୪୮୦ ଏବଂ ୪୯୦ ମେଟ୍ରିକ ଟନ୍ ଯୋଗାଇଥିଲେ, ଏବଂ ଏହାକୁ ବଢ଼ାଇ ନ ଥିଲେ ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାହୁଲ ମେହରା କହିଥିଲେ। ଅନ୍ୟ ପକ୍ଷରେ ମହାରାଷ୍ଟ୍ର ୧୫୦୦ ମେଟ୍ରିକ୍ ଟନ୍ ଦାବି କରିଥିବାବେଳେ ଏହାକୁ ୧,୬୬୧ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇ ଦିଆଯାଇଥିବା ଆମିକସ୍ କ୍ୟୁରି ରାଜଶେଖର ରାଓ ଖଣ୍ଡପୀଠଙ୍କୁ କହିଥିଲେ। ସେହିପରି ମଧ୍ୟପ୍ରଦେଶ ୪୪୫ ମେଟ୍ରିକ୍ ଟନ୍ ଚାହିଁଥିବାବେଳେ ସେଠାରୁ ୫୪୩ ମେଟ୍ରିକ୍ ଟନ ପଠାଯାଇଥିଲା। କେନ୍ଦ୍ର ସରକାରଙ୍କୁ ଏହା ଉପରେ ସ୍ପଷ୍ଟୀକରଣ ଦେବାକୁ ପଡ଼ିବ ବୋଲି ଅଦାଲତ କହିଥିଲେ।

### ଯୋଗାଣକାରୀ କମ୍ପାନୀଙ୍କୁ ସମନ



ମେଡିକାଲ ଅକ୍ସିଜେନ୍ ଯୋଗାଣକାରୀ କମ୍ପାନୀଗୁଡ଼ିକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ସମନ ଜାରି କରି ସେମାନଙ୍କୁ ଶୁକ୍ରବାର ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ବିଭିନ୍ନ ହସ୍ପିଟାଲକୁ ସେମାନେ କେତେ ପରିମାଣରେ ଅକ୍ସିଜେନ ଯୋଗାଇଛନ୍ତି, ତାହାର ସବିଶେଷ ବିବରଣୀ ଦେବାକୁ କୋର୍ଟ କହିଛନ୍ତି। ହସ୍ପଟାଲ ବାହାରେ ଅପେକ୍ଷା କରିଥିବା ରୋଗୀଙ୍କୁ ବିଚାରକୁ ନେଇ ମଞ୍ଜୁରୀ ଅର୍ଡରରେ ସଂଶୋଧନ କରିବାକୁ ଦିଲ୍ଲୀ ସରକାରଙ୍କୁ କୁହାଯାଇଛି।

# ଘରେ ରେମ୍‌ଡେସିଭିର୍ ନ ନେବାକୁ ପରାମର୍ଶ

**ନୂଆଦିଲ୍ଲୀ, ୨୯।୪(ପି.ଟି.)**

ସାମାନ୍ୟ ଏବଂ ମଧ୍ୟମ ଲକ୍ଷଣ ଥିବା କରୋନା ସଂକ୍ରମିତଙ୍କ ହୋମ୍ ଆଇସୋଲେଶନ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗୁରୁବାର ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛି। ଘରେ ରହୁଥିବା ରୋଗୀ ରେମ୍‌ଡେସିଭିର ଇଞ୍ଜେକ୍ସନ ନ ନେବା ପାଇଁ ପରାମର୍ଶ ଦିଆଯାଇଛି। କେବଳ ହସ୍ପିଟାଲରେ ରହୁଥିବା ରୋଗୀଙ୍କୁ ରେମ୍‌ଡେସିଭିର ଦିଆଯାଇପାରିବ। ଘରେ ରହୁଥିବା ସଂକ୍ରମିତଙ୍କଠାରୁ ଅନ୍ୟ କାହାକୁ ଯେପରି ଭୂତାଣୁ ନ ବ୍ୟାପେ ସେଥିପାଇଁ ସେ ସବୁବେଳ ପାଇଁ ତିନି ସ୍ତରୀୟ ମେଡିକାଲ ମାସ୍କ ନିଶ୍ଚୟ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସଂକ୍ରମିତ ରହୁଥିବା ଘରେ ଉପଯୁକ୍ତ ବାୟୁ ଚଳାଚଳ ହେଉଥିବା ଆବଶ୍ୟକ। ହୋମ୍ ଆଇସୋଲେଶନ ଶେଷ ହେବା ପରେ ଆଉ ପରୀକ୍ଷା କରାଇବା ଆବଶ୍ୟକ ନାହିଁ।

ଗାଇଡ୍‌ଲାଇନ ଅନୁଯାୟୀ ଯଦି ୭ ଦିନରୁ କମ୍ ଜ୍ୱର ଓ କାଶ ଆଦି ଲକ୍ଷଣ ଦେଖାଦିଏ, ତେବେ ଡାକ୍ତରଙ୍କ ପରାମର୍ଶକ୍ରମେ ଓରାଲ ଷ୍ଟେରଏଡ୍‌ର କମ୍ ମାତ୍ରା ନେଇପାରିବେ। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଯେଉଁମାନଙ୍କର ଉଚ୍ଚ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ, ଦୀର୍ଘଦିନର ଫୁସ୍‌ଫୁସ, ଲିଭର କିମ୍ବା କିଡ୍‌ନୀ ରୋଗ ରହିଛି, ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଉପଯୁକ୍ତ ମୂଲ୍ୟାୟନ କରିବା ପରେ ହୋମ୍ ଆଇସୋଲୋଶନ ପାଇଁ ଅନୁମତି ଦିଆଯାଇପାରିବ। ଅମ୍ଳଜାନ ସାଚୁରେଶନ ସ୍ତର ହ୍ରାସ ପାଇଲେ ବା ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ ରୋଗୀଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ଡାକ୍ତର କିମ୍ବା ସର୍ଭିଲାନ୍ସ ଟିମ୍‌ର ପରାମର୍ଶ ନେବା ଆବଶ୍ୟକ।

ନୂଆ ଗାଇଡ୍‌ଲାଇନ ଅନୁଯାୟୀ ରୋଗୀ ଦିନକୁ ଦୁଇଥର ଗରମ ପାଣି ଗର୍ଗଲ କରିପାରିବେ କିମ୍ବା ବାମ୍ପ ଚିକିତ୍ସା କରିପାରିବେ। ପାରାସିଟାମଲ ୬୫୦ ମି.ଗ୍ରା ଦିନକୁ ୪ ଥର ନେବା ସତ୍ତ୍ୱେ ଯଦି ଜ୍ୱର ନିୟନ୍ତ୍ରଣକୁ ନ ଆସେ ତେବେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି।

### ହୋମ୍ ଆଇସୋଲେଶନ ପାଇଁ ନୂଆ ଗାଇଡ୍‌ଲାଇନ

# ୩୦ ଲକ୍ଷ ଟପିଲା ସକ୍ରିୟ ମାମଲା

## ଦିନକରେ ୩.୭୯ ଲକ୍ଷ ସଂକ୍ରମିତ, ୩,୬୪୫ ମୃତ



**ନୂଆଦିଲ୍ଲୀ, ୨୯।୪(ପି.ଟି.)**

ଗୋଟିଏ ଦିନରେ ୩,୭୯,୨୫୭ ନୂଆ କରୋନା ପଜିଟିଭ୍ ମାମଲା ଚିହ୍ନଟ ହୋଇଥିବାବେଳେ ଦେଶରେ ମୋଟ ମାମଲା ସଂଖ୍ୟା ୧,୮୩,୭୬,୫୨୪ରେ ପହଞ୍ଚିଛି। ଏଥିସହିତ ସକ୍ରିୟ ମାମଲା ସଂଖ୍ୟା ୩୦ ଲକ୍ଷ ଅତିକ୍ରମ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ୩,୬୪୫ ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୋଟ ମୃତ୍ୟୁସଂଖ୍ୟା ୨,୦୪,୮୩୨ରେ ପହଞ୍ଚିଛି। ଦେଶରେ କ୍ରମାଗତ ଭାବେ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିଲାବେଳେ ସକ୍ରିୟ ମାମଲା ଅର୍ଥାତ୍ ଚିକିତ୍ସାଧୀନ ଥିବା କରୋନା ରୋଗୀ ସଂଖ୍ୟା ୩୦,୮୪,୮୧୪ରେ ପହଞ୍ଚିଛି, ଯାହା ମୋଟ ମାମଲାର ୧୬.୭୯ ପ୍ରତିଶତ। ଜାତୀୟ ସ୍ତରରେ ଆରୋଗ୍ୟ ହାର ୮୨.୧୦ ପ୍ରତିଶତକୁ ହ୍ରାସ ପାଇଛି।

ଦିନକରେ ମୋଟ ୩,୬୪୫ ଜଣଙ୍କ ଜୀବନ ଯାଇଥିବାବେଳେ ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୧,୦୩୫ଜଣରହିଛନ୍ତି।ଦିଲ୍ଲୀରେ୨୬୮,ଛତିଶଗଡ଼ରେ ୨୭୯, ଉତ୍ତରପ୍ରଦେଶରେ ୨୬୫ ଏବଂ କର୍ନାଟକରେ ୨୨୯ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି।

### ମହାରାଷ୍ଟ୍ରରେ ୧୫ ଯାଏ ବଢ଼ିଲା ଲକ୍‌ଡାଉନ

**ମୁମ୍ବାଇ, ୨୯।୪:** ମହାରାଷ୍ଟ୍ର ସରକାର ରାଜ୍ୟରେ ଲକ୍‌ଡାଉନକୁ ମେ' ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସେଠାରେ ଗତ ୨୪ ଘଣ୍ଟାରେ ୬୬,୧୫୯ ଜଣ ସଂକ୍ରମିତ ହୋଇଥିବାବେଳେ ୭୭୧ ଜଣଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା ହୋଇଥିଲା। ଏହା ସତ୍ତ୍ୱେ ସଂକ୍ରମଣ ଧାରା ଜାରି ରହିଥିବାରୁ ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ଲକ୍‌ଡାଉନକୁ ମେ' ୧ ସକାଳ ୭ରୁ ୧୫ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସିଆର୍‌ପିସି ଧାରା ୧୪୪ ଅନୁଯାୟୀ ଗୋଟିଏ ସ୍ଥାନରେ ୫ କିମ୍ବା ଅଧିକ ଲୋକ ଏକତ୍ର ହେବାକୁ ବାରଣ କରାଯାଇଛି। ପନିପରିବା, ଡେଜରାଡି ଦୋକାନ ଆଦି ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୦୭,୩୪,୩୯୬ | ୩୧,୭୦,୪୧୬ | ୧୨,୮୧,୮୨,୫୪୦ |
| ଭାରତ | ୧,୮୬,୯୨,୭୨୦ | ୨,୦୭,୩୯୭ | ୧,୫୩,୧୧,୬୪୦ |
| ଓଡ଼ିଶା | ୪,୩୫,୫୧୩ | ୨୦୨୯(+୫୩) | ୩,୮୦,୪୦୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କୋଭିଡ୍‌ରେ ଖବରଦାତାଙ୍କ ପରଲୋକ



ମାନସ ଜୟପୁରିଆ

**ସମ୍ବଲପୁର,୨୯।୪(ବ୍ୟୁରୋ):** ସମ୍ବଲପୁର ସହଯୋଗ ନଗର ନିବାସୀ ଖବରଦାତା ମାନସ ଜୟପୁରିଆଙ୍କ ଗୁରୁବାର ଏକ କୋଭିଡ୍ ମେଡିକାଲରେ ମୃତ୍ୟୁ ଘଟିଛି। କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟରତ ଥିବା ମାନସ ଜୀବନ ସଂଗ୍ରାମରେ ହାରିଯାଇଛନ୍ତି। ଖବର ପ୍ରଚାରିତ ହେବା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି। କମଳିବଜାର ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାଜ୍ୟର ବିଭିନ୍ନ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ ସେ କାମ କରିଥିଲେ। ଶେଷ ସମୟରେ ସେ ଏକ ଜାତୀୟ ଚ୍ୟାନେଲରେ ନୂଆଦିଲ୍ଲୀର ଗୁରଗାଓଁ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଏପ୍ରିଲ ୨୨ରେ ସେ ସମ୍ବଲପୁର ଅସିଥିଲେ। ଲକ୍ଷଣ ଜଣାପଡିବା ପରେ କୋଭିଡ୍ ପରୀକ୍ଷା କରିବାରୁ ପଜିଟିଭ୍ ଆସିଥିଲା। ତାଙ୍କୁ ଆରୋଗ୍ୟମ କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଦୁଇଦିନ ତଳେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଚିଙ୍ଗୁଡ଼ି ସହ ୫ ହଜାର ଲାଞ୍ଚ ମାଗି ଏଏସ୍‌ଆଇ ନିଲମ୍ବିତ



ହରେକୃଷ୍ଣ ପାଢ଼ୀ

ଭଦ୍ରକ ଅଫିସ/ଚାନ୍ଦବାଲି, ୨୯।୪ (ଡି.ଏନ.ଏ.): ଜଣେ ଅଭିଯୁକ୍ତଙ୍କୁ ଖସାଇ ଦେବା ପାଇଁ ଚିଙ୍ଗୁଡ଼ି ସହ ୫ ହଜାର ଟଙ୍କା ଲାଞ୍ଚ ମାଗିବା ଅଭିଯୋଗରେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଏଏସ୍‌ଆଇ ହରେକୃଷ୍ଣ ପାଢ଼ୀ ନିଲମ୍ବିତ ହୋଇଛନ୍ତି। ଏଏସ୍‌ଆଇ ପାଢ଼ୀ ଏଭଳି ଲାଞ୍ଚ ମାଗୁଥିବାର ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଚାନ୍ଦବାଲି ଏସ୍‌ଡିପିଓ ଉମାଶଙ୍କର ମହାରଣା ଘଟଣାର ତଦନ୍ତ କରିବାରୁ ଏହି ଅଡିଓର ସତ୍ୟତା ଜଣାପଡ଼ିଥିଲା। ୨୦୧୮ର ଚାନ୍ଦବାଲି ଥାନା ଅଧୀନ ତେନ୍ତୁଲିଡିହି ପଞ୍ଚାୟତର ଏକ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖସାଇଦେବା ତଥା ମାମଲାକୁ ରଫାଦଫା କରିବା ଲାଗି ଏଏସ୍‌ଆଇ ପାଢ଼ୀ ଲାଞ୍ଚ ମାଗିଥିଲେ। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇ ଏସ୍‌ପି ଚରଣ ସିଂ ମୀନା ଗୁରୁବାର ତାଙ୍କୁ ନିଲମ୍ବନ କରିଥିବା ସୂଚନା ଦିଆଯାଇଛି।

■ ସରକାରୀ କାର୍ଯ୍ୟାଳୟରେ ବଢୁଛି ସଂକ୍ରମଣ

### କମ୍ ସଂଖ୍ୟକ କର୍ମଚାରୀରେ ଚାଲିବ କାର୍ଯ୍ୟ

ଭୁବନେଶ୍ୱର, ୨୯।୪(ବ୍ୟୁରୋ): ରାଜ୍ୟରେ କୋଭିଡ୍ ସଂକ୍ରମଣ ସ୍ଥିତି ଅସମ୍ଭାଳ ହେଲାଣି। ସରକାରୀ କାର୍ଯ୍ୟାଳୟରେ ପଜିଟିଭ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ମୁଣବ୍ୟଥା ବଢ଼ାଇଛି। କରୋନା ସଂକ୍ରମଣ ଏଡ଼ାଇବା ଲାଗି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଚିଠି କରାଯାଇଛି। ସ୍ଥିତି ଦେଖି କର୍ମଚାରୀଙ୍କୁ ଆସିବାକୁ ଏଥିରେ ଉଲ୍ଲେଖ କରାଯାଇଛି। ବିଭିନ୍ନ ସରକାରୀ ବିଭାଗର ଉପସଚିବ ଏବଂ ଯେଉଁମାନେ ଦୈନିକ ଅଫିସ କାର୍ଯ୍ୟରେ ଯୋଗଦେବା ଜରୁରୀ, ସେମାନଙ୍କୁ ଛାଡ଼ି ଗତ ୧୯ ତାରିଖରୁ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟ ଚାଲିବ ବୋଲି କୁହାଯାଇଥିଲା। ବର୍ତ୍ତମାନ କଟକ ଓ ଭୁବନେଶ୍ୱରର ବିଭିନ୍ନ ସରକାରୀ ଅଫିସ ସମେତ ମୁଖ୍ୟାଳୟରେ ବହୁ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏହାକୁ ପ୍ରତିହତ କରିବା ଲାଗି ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ତେଣୁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଲାଗି ନିଷ୍ପତ୍ତି ହୋଇଛି। ସ୍ଥିତି ବିଗିଡ଼ିଲେ ସର୍ବନିମ୍ନ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଚାଲିବ। ସରକାରୀ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିଲାଗି ଦୃଷ୍ଟି ଦିଆଯିବ। କର୍ମକ୍ଷେତ୍ରକୁ ଆସୁ ନ ଥିବା କର୍ମଚାରୀ ୱର୍କ ଫ୍ରମ୍ ହୋମ୍ କରିବେ। ଜରୁରୀ ସମୟରେ ସେମାନଙ୍କୁ କାମ କରିବାକୁ ପ୍ରସ୍ତୁତ ରହିବା ଲାଗି କୁହାଯାଇଛି। ଏଥିସହ ଟେଲିଫୋନ୍ ଅନ୍ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କୋଭିସିଲ୍ଡ ପରେ କମିଲା କୋଭାକ୍ସିନ୍ ଦର




# ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଥମୁନାହିଁ। ଉପକୂଳ ଓଡ଼ିଶାରେ ତାତି ସାମାନ୍ୟ ହ୍ରାସ ପାଇଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପରମୁହାଁ ରହିଛି। ଗୁରୁବାର ରାଜ୍ୟର ୧୨ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୪୩.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୪୦.୧, ଝାରସୁଗୁଡ଼ା ୪୧, ସମ୍ବଲପୁର ୪୧.୨, ସୁନ୍ଦରଗଡ଼ ୪୨, ହୀରାକୁଦ ୪୦.୩, ତାଳଚେର ୪୦.୩, ଭବାନୀପାଟଣା ୪୨, ଟିଟିଲାଗଡ଼ ୪୨.୬, ମାଲକାନଗିରି ୪୦, ବୌଦ୍ଧ ୪୨.୫, ଫୁଲବାଣୀ ୩୯.୪ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୮.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପାରଦ ଉପରମୁହାଁ ହୋଇଥିବା ବେଳେ ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର ଏବଂ ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ୨ ତାରିଖରେ ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ୩ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, କନ୍ଧମାଳ, ଗଜପତି ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୪ ତାରିଖରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ନୟାଗଡ଼, ଦେବଗଡ଼, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଅନୁଗୋଳ, ଢେଙ୍କାନାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

**ଝଡ଼ବର୍ଷା ସମ୍ଭାବନା**

# ବୃଦ୍ଧାଙ୍କୁ ଗଣବଳାତ୍କାର

■ ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଆଲୋଡ଼ନ
■ ୨ ଠିକା କର୍ମଚାରୀ ଅଟକ, ସିସିଟିଭି ଫୁଟେଜ୍ ଯାଞ୍ଚ

**ଢେଙ୍କାନାଳ ଅଫିସ, ୨୯।୪**

ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଗତ ୨୭ ତାରିଖ ବିଳମ୍ବିତ ରାତିରେ ଘଟିଛି ଏକ ସ୍ୱର୍ଶକାତର ଘଟଣା। ନାତୁଣୀଙ୍କ ଚିକିତ୍ସା ଲାଗି ମେଡିକାଲକୁ ଆସିଥିବା ଜଣେ ୭୦ ବର୍ଷୀୟା ବୃଦ୍ଧା ଗଣବଳାତ୍କାରର ଶିକାର ହୋଇଛନ୍ତି। ଡାକ୍ତରଖାନାରୁ କେତେଜଣ ଦୁର୍ବୃତ୍ତ ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ବଳାତ୍କାର କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ୨ଜଣ ଠିକା କର୍ମଚାରୀଙ୍କୁ ଅଟକ ରଖିଛି। ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି ଲାଗିଥିବାବେଳେ ଜଣେ ବୃଦ୍ଧାଙ୍କୁ ଉଠାଇନେଇ ଗଣବଳାତ୍କାର କରାଯିବା ଭଳି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ସୁରକ୍ଷା ବ୍ୟବସ୍ଥା ଥିଲା ଥିବାରୁ ଏଭଳି ଅମାନବୀୟକାଣ୍ଡ ଘଟିଥିବା ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ଗଁଦିଆ ଥାନା ଅଞ୍ଚଳର ସମ୍ପୃକ୍ତା ବୟସ୍କା ମହିଳାଙ୍କ ନାତୁଣୀ ଜିଲା ଚିକିତ୍ସାଳୟର ଶିଶୁ ବିଭାଗରେ ଚିକିତ୍ସିତ ହେଉଥିଲେ। ବୃଦ୍ଧା ଜଣକ ନାତୁଣୀଙ୍କ ପାଖରେ ଆଟେଣ୍ଡାଣ୍ଟ ଥିଲେ। ୨୭ ତାରିଖ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଜବରଦସ୍ତ ଉଠାଇ ନେଇ ନିକଟସ୍ଥ ପୋଖରୀ ପାଖରେ ଗଣବଳାତ୍କାର କରି ଗୁରୁତର ଅବସ୍ଥାରେ ଛାଡ଼ି ପଳାଇଥିଲେ। ପୀଡ଼ିତା ଗତ ୨୮ ତାରିଖରେ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ବୃଦ୍ଧାଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ଆବଶ୍ୟକ ଚିକିତ୍ସା କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୧୮୩/୨୧ରେ ମାମଲା ରୁଜୁ ହୋଇଛି। ଜିଲା ଚିକିତ୍ସାଳୟର ଦୁଇଜଣ ଠିକା କର୍ମଚାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଥାନାଧିକାରୀ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କୁହନ୍ତି, ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର ଠିକା କର୍ମଚାରୀ କିମ୍ବା ଅନ୍ୟ କେହି ସମ୍ପୃକ୍ତ ଥିବା ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଟିକା ପାଇଁ ଲମ୍ବା ଧାଡ଼ି



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ କୋଭିଡ୍ ଟିକାକରଣ କେନ୍ଦ୍ରରେ ଗୁରୁବାର ଟିକା ନେବା ପାଇଁ ଲୋକେ ଲମ୍ବାଧାଡ଼ିରେ ଅପେକ୍ଷା କରିଛନ୍ତି। ପ୍ରବଳ ଖରାରେ ଲୋକେ ଠିଆ ହୋଇଥିବାବେଳେ କାହା ମଧ୍ୟରେ ସାମାଜିକ ଦୂରତା ନ ଥିବା ଦେଖିବାକୁ ମିଳିଥିଲା।

# ୧୩୨ ଏସ୍‌ଆଇଙ୍କ ପଦୋନ୍ନତି

**କଟକ ଅଫିସ, ୨୯।୪**

ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଗୁରୁବାର ରାଜ୍ୟର ବିଭିନ୍ନ ଜିଲାର ୧୩୨ଜଣ ଏସ୍‌ଆଇଙ୍କୁ ଇନ୍‌ସପେକ୍ଟର ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପରବର୍ତ୍ତୀ ମୁହୂର୍ତ୍ତରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସେମାନଙ୍କୁ ବିଭିନ୍ନ ଜିଲାରେ ଖାଲିଥିବା ସ୍ଥାନକୁ ବଦଳି କରାଯାଇ ନୂତନ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ପୂର୍ବରୁ ଡିଏସ୍‌ପି ପାହ୍ୟାରୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ୮ଜଣଙ୍କ ଅନ୍ୟତ୍ର ବଦଳିକରାଯାଇ ନିଯୁକ୍ତିପ୍ରଦାନ କରାଯାଇଛି। ସେମାନେ ହେଲେ ସରୋଜ କୁମାର ମହାପାତ୍ର, ଅନିଲ କୁମାର ମିଶ୍ର, ସୁରେଶ ଚନ୍ଦ୍ର ପାତ୍ର, କିଶୋର ଚନ୍ଦ୍ର ଦାଶ, ମନୋରଞ୍ଜନ ବିଶ୍ୱାଳ, ଉଦୟଭାନୁ ମିଶ୍ର, ସୁଯୋଗ୍ୟ କୁମାର ମିଶ୍ର ଓ ତ୍ରିନାଥ ମିଶ୍ର । ସେହିପରି ପୂର୍ବରୁ ଇନ୍‌ସପେକ୍ଟର ପାହ୍ୟାରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ୪୪ଜଣଙ୍କୁ ବଦଳି କରାଯାଇ ନୂତନ ନିଯୁକ୍ତି ଦିଆଯାଇଛି।

# କୋଇଡ଼ାରେ ଚାଞ୍ଚଲ୍ୟ: ଦିନକରେ ମିଳିଲା ୩ ମୃତଦେହ

■ ୩ ବର୍ଷର ଝିଅକୁ ହତ୍ୟାକରି ମା’ଙ୍କ ଆତ୍ମହତ୍ୟା
■ ଜଙ୍ଗଲରୁ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଜବତ

**ବଣାଇ/ବଡ଼ବିଲ/ଟେନ୍‌ସା, ୨୯।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅଞ୍ଚଳରେ ଚାଞ୍ଚଲ୍ୟକର ଘଟଣା ଘଟିଛି। ଗୁରୁବାର ଗୋଟିଏ ଦିନରେ ପରିବାରର ୩ ସଦସ୍ୟଙ୍କ ମୃତଦେହ ଠାବ କରାଯାଇଛି। ନିୟୁ ଗାର୍ଡେନ କଲୋନୀ ମସ୍‌ଜିଦ ସମ୍ମୁଖ ଭଡ଼ା ଘରୁ ରଞ୍ଜିତା ସାହାଣୀ (୨୯) ଏବଂ ତାଙ୍କ ୩ବର୍ଷ ଶିଶୁକନ୍ୟାର ମୃତଦେହ ମିଳିଥିବାବେଳେ ଦିନକ ପୂର୍ବରୁ ଘର ଛାଡ଼ି ଚାଲିଯାଇଥିବା ରଞ୍ଜିତାଙ୍କ ସ୍ୱାମୀ ପ୍ରହ୍ଲାଦ (୩୪)ଙ୍କ ଝୁଲନ୍ତା ମୃତଦେହ କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଝାଡ଼ଗାଁ–ରୋଇଡ଼ା ରାସ୍ତାକଡ଼ ଜଙ୍ଗଲରୁ ଠାବ କରାଯାଇଛି। ମହିଳାଙ୍କ ମୃତଦେହ ନିକଟରୁ ପୋଲିସ ଏକ ସୁଇସାଇଡାଲ୍ ନୋଟ୍ ଜବତ କରିଛି। ସ୍ୱାମୀଙ୍କ ବିରୋଧରେ ଭଡ଼ା ଘର ମାଲିକ ଥାନାରେ ଏତଲା ଦେବାକୁ ନେଇ ରଞ୍ଜିତା ଏଭଳି ଚରମ ପଦକ୍ଷେପ ନେଲେ। ପ୍ରଥମେ ଶିଶୁକନ୍ୟାଙ୍କୁ ହତ୍ୟା କରିବା ପରେ ସେ ଆତ୍ମହତ୍ୟା କରିଥିବା ଏଥିରେ ଉଲ୍ଲେଖ ରହିଛି। ଘର ମାଲିକ ରାଜେନ୍ଦ୍ର ସାମଲଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରହ୍ଲାଦ ସାହାଣୀଙ୍କ ଘର ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ କରତୋଠା ଗ୍ରାମରେ। ସେ ଏକ ପରିବହନ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ସପରିବାର କୋଇଡ଼ାରେ ଭଡ଼ାରେ ରହୁଥିଲେ। ପ୍ରହ୍ଲାଦ ଏବ ରଞ୍ଜିତାଙ୍କ ମଧ୍ୟରେ ମଙ୍ଗଳବାର ରାତିରେ ଝଗଡ଼ା ହୋଇଥିଲା। ବୁଧବାର ସକାଳେ ପ୍ରହ୍ଲାଦ ଘରୁ ପଳାଇଥିଲେ। ଏ ନେଇ ରାଜେନ୍ଦ୍ର ପୋଲିସକୁ ସୂଚନା ଦେଇଥିଲେ। ହେଲେ ସ୍ତ୍ରୀ ରଞ୍ଜିତା ଥାନାରେ ଅଭିଯୋଗ କରିଥିବା ନେଇ ପ୍ରହ୍ଲାଦ ସନ୍ଦେହ କରିଥିଲେ। ବୁଧବାର ରଞ୍ଜିତାଙ୍କୁ ଫୋନ୍ କରି କାହିଁକି ଥାନାକୁ ଗଲ ବୋଲି କହିବା ସହ ଆତ୍ମହତ୍ୟା ଧମକ ଦେଇ ଫୋନ୍ ସୁଇଚ ଅଫ୍ କରି ଦେଇଥିଲେ। ବିଳମ୍ବିତ ରାତି ଯାଏ ଖୋଜା ଖୋଜି କରି ନୟାନ୍ତ ହେବା ପରେ ରଞ୍ଜିତା ଏଭଳି କାଣ୍ଡ ଘଟାଇଥିଲେ। ଆତ୍ମହତ୍ୟା କରିବା ପୂର୍ବରୁ ସେ ସମସ୍ତ ବିଷୟ ସୁଇସାଇଡାଲ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। କୋଇଡ଼ା, ବଡ଼ବିଲ ଥାନା ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଭୁବନେଶ୍ୱର କୋର୍ଟ ସମେତ ୪ ଅଫିସ ସିଲ୍









ସିଲ୍ ହୋଇଥିବା କୋର୍ଟ, କୋଚିଂ ସେଣ୍ଟର, ବ୍ୟାଙ୍କ।

■ ବ୍ୟାଙ୍କ, କୋଚିଂ ସେଣ୍ଟର ସିଲ୍ କଲା ବିଏମ୍‌ସି
■ ଜରୁରୀ ଆବଶ୍ୟକତା ଥିଲେ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିବାକୁ ନିବେଦନ

**ଭୁବନେଶ୍ୱର, ୨୯।୪ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ ରୋକିବାକୁ ବିଏମ୍‌ସି ଓ କମିଶନରେଟ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଉଲ୍ଲଂଘନକାରୀଙ୍କ ଉପରେ ଜରିମାନା କରାଯାଉଛି। ଏଥିସହ ସିଲ୍ ଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଗୁରୁବାର ଭୁବନେଶ୍ୱର କୋର୍ଟ, ଉପଜିଲାପାଳ ଓ ତହସିଲ୍‌ଦାରଙ୍କ କାର୍ଯ୍ୟାଳୟ, ଏସ୍‌ବିଆଇ ଶାଖା, ଏକ କୋଚିଂ ସେଣ୍ଟର ଏବଂ ବିଡିଏ ପ୍ଲାନିଂ ସେଲ୍‌କୁ ସିଲ୍ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ଲୁଇସ୍ ରୋଡ୍‌ରେ ଥିବା ଭୁବନେଶ୍ୱର ଜିଲା ଓ ଦୌରା ଜଜ୍ କୋର୍ଟକୁ ୭ ଦିନ ପାଇ ସିଲ୍ କରାଯାଇଛି। ଏଠାରେ ଏକାଧିକ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଗୁରୁବାରଠାରୁ ମେ ୫ ପର୍ଯ୍ୟନ୍ତ କୋର୍ଟ ବନ୍ଦ ରହିବ। ସମସ୍ତ ସଂକ୍ରମିତଙ୍କୁ ଆଇସୋଲେଶନରେ ଗୋଟିଏ ସ୍ଥାନରେ ରଖାଯାଇଛି। ଏହି ସମୟ ମଧ୍ୟରେ କୌଣସି ବ୍ୟକ୍ତି ଜୁଡିସିଆଲ କମ୍ପ୍ଲେକ୍ସ ବାହାରକୁ ଆସି ପାରିବେ ନାହିଁ କିମ୍ବା ବାହାରୁ ଭିତରକୁ ଯାଇ ପାରିବେ ନାହିଁ। ସମସ୍ତ ଆବଶ୍ୟକ ସାମଗ୍ରୀ ବିଏମ୍‌ସି ଜରିଆରେ ସେମାନଙ୍କୁ ପ୍ରଦାନ କରାଯିବ। ଏଥିସହ ତୁରନ୍ତ ଜୁଡିସିଆଲ କମ୍ପ୍ଲେକ୍ସକୁ ସାନିଟାଇଜ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୋର୍ଟ ପରିସରରେ ଥିବା ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ୍‌ଦାରଙ୍କ କାର୍ଯ୍ୟାଳୟ, ସବ୍‌ରେଜିଷ୍ଟ୍ରାର ଖଣ୍ଡଗିରିଙ୍କ କାର୍ଯ୍ୟାଳୟ ଓ ଜିଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ମଧ୍ୟ ଆସନ୍ତା ମେ ୫ ପର୍ଯ୍ୟନ୍ତ ୭ଦିନ ପାଇଁ ସିଲ୍ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର ଡେଭଲପ୍‌ମେଣ୍ଟ ଅଥରିଟି (ବିଡିଏ)ର ପ୍ଲାନିଂ ସେକ୍ସନକୁ ୪ଦିନ ପାଇଁ ସିଲ୍ କରାଯାଇଛି। ଏଠାରେ ୪ଜଣ କର୍ମଚାରୀ ପଜିଟିଭ୍ ଚିହ୍ନଟ ହେବା ପରେ ଏହି ପଦକ୍ଷେପ ନିଆଯାଇଛି।

ସେହିପରି ଖାରବେଳନଗର ଶ୍ରୀୟାଛକଠାରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଶାଖାକୁ ୪ଦିନ ପାଇଁ ସିଲ୍ କରାଯାଇଛି। ଆସନ୍ତା ମେ ୨ ଯାଏ ଏହା ବନ୍ଦ ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସମାନ କାରଣ ଦର୍ଶାଇ ନାଗେଶ୍ୱରଟାଙ୍ଗୀସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରକୁ ସିଲ୍ କରିଛି ବିଏମ୍‌ସି। ଶହୀଦନଗର ଜନପଥ ପାର୍ଶ୍ୱରେ ଥିବା ରିଲାଏନ୍ସ ଟ୍ରେଣ୍ଡ୍ ଷ୍ଟୋରକୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ୭ଦିନ ପାଇଁ ସିଲ୍ କରାଯାଇଛି। ଏଠାରେ ମଧ୍ୟ ଏକାଧିକ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ତୁରନ୍ତ ଏହାକୁ ସାନିଟାଇଜ୍ କରିବା ସହ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ଉପରେ ରୋକ୍ ଲଗାଯାଇଛି। କୌଣସି ମେଡିକାଲ କିମ୍ବା ଜରୁରିକାଳୀନ ଆବଶ୍ୟକତା ପଡ଼ିଲେ ତୁରନ୍ତ ବିଏମ୍‌ସିର କଣ୍ଟ୍ରୋଲ ରୁମ୍ ୭୮୪୭୮୭୩୦୪୦କୁ କିମ୍ବା ୧୯୨୯କୁ ଫୋନ୍ କରି ସୂଚନା ଦେବା ପାଇଁ କୁହାଯାଇଛି।

# ମାସକରେ ୫.୬୬ କୋଟି ଗଣିଲେ ଅମାନିଆ

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ଅମାନିଆଙ୍କ ପାଇଁ ଓଡ଼ିଶାରେ ହୁହୁ ହୋଇ ସଂକ୍ରମଣ ବଢୁଛି। ଜରିମାନା ଓ ଗିରଫ ସତ୍ତ୍ୱେ କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିବାରୁ ସ୍ଥିତି ବିଗିଡିବାରେ ଲାଗିଛି। ଏ ପରିସ୍ଥିତିରେ କରୋନା ମହାମାରୀର ଭୟାବହତାକୁ ନେଇ ପୋଲିସ ଡିଜି ଅଭୟ ରାଜ୍ୟବାସୀଙ୍କୁ ସଚେତନ କରାଇଛନ୍ତି। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱକୁ ସେ ଗୁରୁତ୍ୱ ଦେଇଥିବାବେଳେ ଅମାନିଆଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା କହିଛନ୍ତି। କେବଳ ଏପ୍ରିଲ ମାସରେ ମାସ୍କ ଓ ସାମାଜିକ ଦୂରତା ନିୟମ ଉଲ୍ଲଂଘନକାରୀଙ୍କଠାରୁ ୫କୋଟି ୬୬ଲକ୍ଷ ୬୫ହଜାର ଜରିମାନା ଆଦାୟ କରାଯାଇଛି। ମାସ୍କ ପିନ୍ଧି ନ ଥିବାରୁ ଦେଢ଼ ଲକ୍ଷ ଲୋକ ଜରିମାନା ଗଣିଛନ୍ତି। ଏମାନଙ୍କଠାରୁ ଜରିମାନା ବାବଦକୁ ୫ କୋଟି ୨୪ ଲକ୍ଷ ଟଙ୍କା ଆଦାୟ ହୋଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ଆୟୋଜିତ କୋଭିଡ୍ ସଚେତନତା ପରାମର୍ଶ କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିପି ଅଭୟ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, କୋଭିଡ୍ କଟକଣା ପାଇଁ ରାଜ୍ୟରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଇତିମଧ୍ୟରେ ସାଢେ ୩ଶହ ଦୋକାନ ଓ କୋଚିଂ ଇନ୍‌ଷ୍ଟିଚ୍ୟୁଟ ସିଲ୍ ହୋଇଛି। ଏପ୍ରିଲରେ କୋଭିଡ୍ ନିୟମ ଉଲ୍ଲଂଘନ କରି ୪୧୮ଜଣ ଅମାନିଆ ଗିରଫ ହୋଇଛନ୍ତି। ୧୩୦୦ରୁ ଅଧିକ ଅବକାରୀ ମାମଲା ରୁଜୁ ହୋଇଛି। ୧୮ ହଜାରରୁ ଅଧିକ ଗାଡି ସିଜ୍ ହୋଇଛି। ଅନ୍ୟପଟେ ଲୋକେ କୋଭିଡ୍ ନିୟମ ମାନୁ ନ ଥିବାରୁ ଡିଜିପି ଦୁଃଖ ପ୍ରକାଶ କରିଛନ୍ତି। ସେଥିପାଇଁ ଲୋକେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଓ ସମସ୍ତ କୋଭିଡ୍ ନିୟମ ମାନିବାକୁ ନିବେଦନ କରିଛନ୍ତି। ଏହାସହ ନିୟମ ମାନୁଥିବା ଲୋକଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି।

**କୋଭିଡ୍ ନିୟମ ମାନିବାକୁ ଡିଜିପିଙ୍କ ନିବେଦନ**

■ ୪୧୮ ଗିରଫ, କେବଳ ମାସ୍କ ନ ପିନ୍ଧି ୫.୨୪ କୋଟି ଜରିମାନା
■ ସାଢ଼େ ୩ଶହ ଦୋକାନ, କୋଚିଂ ସେଣ୍ଟର ସିଲ୍
■ ୧୮ ହଜାରରୁ ଊର୍ଦ୍ଧ୍ୱ ଗାଡ଼ି ସିଜ୍

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ଏପରି ସୁପରପାୱାରରେ ପରିଣତ କରିଛନ୍ତି ଯେ, କେହି ଏହାର ନିକଟତର ହେବାକୁ ଚାହୁଁନାହାନ୍ତି। ଶେଷରେ ପାକିସ୍ତାନ, ବାଂଲାଦେଶଠାରୁ ଭାରତ ସହାୟତା ଆଶା କରିଛି।

– କମଲ ନାଥ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏହି ପେଟ;**
**ଏହି ପେଟ ଲାଗି ବଙ୍ଗଳା ବାଟ,**
**ଏହି ପେଟ ଲାଗି ଛଟପଟ,**
**ଏହି ପେଟ ଲାଗି ଧାନ କୁଟ,**
**ଏହି ପେଟ ଲାଗି ବସିଛି ହାଟ।**

ପେଟ ଲାଗି ସବୁ ନାଟ। ପେଟର ଭୋକ ପୂରଣ କରିବା ଲାଗି କିଏ କେଉଁଠି ମୂଲ ମଜୁରି ଲାଗୁଛି। ସେହିପରି କେଉଁଠି କୂଟକପଟର ଖେଳ, ହଣାମରା ଭଳି କେତେ କ'ଣ ଲାଗି ରହୁଛି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଏକ ସହସ୍ର ବତା,**
**ଦୁଇ ସହସ୍ର କତା,**
**ତିନି ସହସ୍ର ଗଣ୍ଠି ;**
**ଏ ନାଆଁଟି ଯେ କହିଦେବ,**
**ତାକୁ ଦେବି ସୁନା କଣ୍ଠି।**

ଏ ଏକ ନାଁ ଦିଆ ପହେଳି ବା ପ୍ରହେଳିକା। ଏଠାରେ ଚାଳଘର ଛପର ପାଇଁ ବ୍ୟବହୃତ ହେଉଥିବା ବାଉଁଶ ବତା ଓ ଗଣ୍ଠି ପକେଇବା ପାଇଁ ନଡ଼ିଆ କତା ବ୍ୟବହାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଆନ୍ତଃରାଜ୍ୟ ସଞ୍ଚାରଣ ଶୁଳ୍କ ହ୍ରାସ ହେଲେ ବିଦ୍ୟୁତ ଦର କମିବ

### କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଚିଠି ଲେଖିଲେ ଦିବ୍ୟଶଙ୍କର

ଭୁବନେଶ୍ୱର, ୨୯।୪(ବ୍ୟୁରୋ)

କେନ୍ଦ୍ରୀୟ ସଂସ୍ଥାଗୁଡ଼ିକରୁ ବିଦ୍ୟୁତ ସଞ୍ଚାରଣ ପାଇଁ ଲାଗୁ କରାଯାଇଥିବା ପରିବହନ ଶୁଳ୍କ ହ୍ରାସ କରିବାକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକରୁ ପିଜିସିଆଇଏଲ୍‌ର ବିଦ୍ୟୁତ ସଞ୍ଚାରଣ ନେଟୱାର୍କ ମାଧ୍ୟମରେ ଉକ୍ତ ବିଦ୍ୟୁତ ସଞ୍ଚାରିତ ହୋଇଥାଏ। ଗତ ଏକ ଦଶନ୍ଧିରେ କରାଯାଇଥିବା ଆକଳନ ଅନୁଯାୟୀ, ୨୦୧୧-୧୨ ଆର୍ଥିକ ବର୍ଷରେ ଆଇସିଟିଏସ ଶୁଳ୍କ ୟୁନିଟ୍ ପିଛା ୨୪ ପଇସା ଥିବାବେଳେ ୨୦୧୯-୨୦ ବେଳକୁ ତାହା ବୃଦ୍ଧି ପାଇ ପ୍ରାୟ ୧ ଟଙ୍କା ହୋଇଛି। କେନ୍ଦ୍ରମନ୍ତ୍ରୀ ରାଜକୁମାର ସିଂହଙ୍କୁ ପତ୍ର ଲେଖି ପିଜିସିଆଇଏଲ୍‌ର ଏହି ବିଦ୍ୟୁତ ସଞ୍ଚାରଣ ଶୁଳ୍କର ପୁନଃବିଚାର ନିମନ୍ତେ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ଆନ୍ତଃରାଜ୍ୟ ବିଦ୍ୟୁତ ସଂଚାରଣ ଦେୟ ଓଡ଼ିଶା ପାଇଁ ୨୦୧୧-୧୨ରେ ୧୭୯ କୋଟି ଟଙ୍କା ଥିବାବେଳେ ୨୦୧୯-୨୦ ବେଳକୁ ତାହା ବୃଦ୍ଧି ପାଇ ୭୩୪ କୋଟି ଟଙ୍କାରେ ପହଞ୍ଚିଛି। ଏହି ଆଶାତୀତ ଦର ବୃଦ୍ଧି ସମସ୍ୟାର ସମାଧାନର ଉପାୟ ଉପରେ ମନ୍ତ୍ରୀ ମିଶ୍ର କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରି ଅବ୍ୟବହୃତ ଭିତ୍ତିଭୂମିର ଖର୍ଚ୍ଚକୁ ଉପଭୋକ୍ତାଙ୍କ ଉପରେ ଲଦି ନ ଦେବାକୁ କହିଛନ୍ତି। ଏହାସହ ଶକ୍ତି ବ୍ୟବସ୍ଥା ବିକାଶ ପାଣ୍ଠି ଭଳି ସରକାରୀ ପାଣ୍ଠିରୁ ଭରଣା କରିବାକୁ ପରାମର୍ଶ ଦେଇଛନ୍ତି। ସେ ମଧ୍ୟ ବିଦ୍ୟୁତ ଆକ୍ଟ-୨୦୦୩ର ଧାରା ୧୦୭ ପ୍ରକାରେ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗକୁ ଏ ସମ୍ବନ୍ଧରେ ନିର୍ଦ୍ଦେଶନାମା ଜାରି କରି ବିଦ୍ୟୁତ ପରିବହନ ଦେୟକୁ ଜାତୀୟ ବିଦ୍ୟୁତ ନିୟମ ୨୦୦୩ ଓ ଟାରିଫ ପଲିସି ଆଧାରରେ ସ୍ଥିର କରିବାକୁ ଅନୁରୋଧ କରିଛନ୍ତି। ଅନ୍ତଃରାଜ୍ୟ ସଞ୍ଚାରଣ ଶୁଳ୍କ କମ୍ କଲେ ବିଦ୍ୟୁତ ଦର ମଧ୍ୟ କମା ଯାଇପାରିବ ବୋଲି ମନ୍ତ୍ରୀ ମିଶ୍ର ଜଣାଇଛନ୍ତି।

## ଏକ୍‌ଜିଟ୍ ପୋଲ୍‌ରେ...

| ପଶ୍ଚିମବଙ୍ଗ: ୨୯୨ | | | |
|---|---|---|---|
| ପର୍ଯ୍ୟାୟ | ତାରିଖ | ଆସନ | ମତଦାନ |
| ୧ମ | ମାର୍ଚ୍ଚ ୨୭ | ୩୦ | ୮୪.୬୫% |
| ୨ୟ | ଏପ୍ରିଲ ୧ | ୩୦ | ୮୬.୧୧% |
| ୩ୟ | ଏପ୍ରିଲ ୬ | ୩୧ | ୮୪.୬୧% |
| ୪ର୍ଥ | ଏପ୍ରିଲ ୧୦ | ୪୪ | ୭୯.୯୦% |
| ୫ମ | ଏପ୍ରିଲ ୧୭ | ୪୫ | ୮୨.୪୯% |
| ୬ଷ୍ଠ | ଏପ୍ରିଲ ୨୨ | ୪୩ | ୮୨.୦୦% |
| ୭ମ | ଏପ୍ରିଲ ୨୬ | ୩୪ | ୭୬.୮୯% |
| ୮ମ | ଏପ୍ରିଲ ୨୯ | ୩୫ | ୭୬.୦୭% |

ପୋଲ୍ ଦର୍ଶାଉଛି। ଟାଇମ୍ସ ନାଓ ଏବଂ ସି-ଭୋଟର ପକ୍ଷରୁ ମିଳିତ ଭାବେ କରାଯାଇଥିବା ସର୍ବେକ୍ଷଣ ଅନୁସାରେ ଟିଏମ୍‌ସି ୧୫୮ ଆସନରେ ସଫଳତା ପାଇବ। ଭାଜପା ୧୧୫ରେ ସନ୍ତୁଷ୍ଟ ହୋଇ ବିରୋଧୀ ଆସନରେ ବସିବ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ(ସିପିଆଇଏମ୍), କଂଗ୍ରେସ ଏବଂ ଇଣ୍ଡିଆନ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ମେଣ୍ଟକୁ ୧୯ ଆସନରେ ସଫଳତା ମିଳିବ। ସେହିପରି ପିଏମ୍‌ଆଇକ୍ୟୁର ଆକଳନ ହେଉଛି ଟିଏମ୍‌ସି ୧୫୮, ଭାଜପା ୧୨୦ ଏବଂ ବାମ-କଂଗ୍ରେସ-ଆଇଏସ୍‌ଏଫ୍ ମେଣ୍ଟ ୧୪ ଆସନ ଦଖଲ କରିବ। ଇଟିଜିର ଆକଳନ ଅନୁସାରେ ଟିଏମ୍‌ସି ୧୬୯, ଭାଜପା ୧୧୦ ଏବଂ ବାମ ନେତୃତ୍ୱାଧୀନ ମେଣ୍ଟ ୧୨ ସିଟ୍‌ରେ ବିଜୟୀ ହେବ। ସିଏନ୍‌ଏକ୍ସ-ରିପବ୍ଲିକ୍‌ର ଗଣିତ କହୁଛି ଟିଏମ୍‌ସି ୧୩୩ ଆସନରେ ସୀମିତ ରହି କ୍ଷମତାଚ୍ୟୁତ ହେବ। ଭାଜପା ୧୪୩ ଆସନରେ ବିଜୟୀ ହେବା ସହ ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ଶାସନ କରିବାକୁ ଯାଉଛି ବୋଲି ଏହି ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଥିବାବେଳେ ବାମ ନେତୃତ୍ୱାଧୀନ ମେଣ୍ଟକୁ ୧୬ ଆସନ ଦେଇଛି। ମତଦାନର ୧ ଘଣ୍ଟା ପରେ ଉପରୋକ୍ତ ସର୍ବେକ୍ଷଣ ସଂସ୍ଥା ଓ ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହି ଏକ୍‌ଜିଟ୍ ପୋଲ ପ୍ରକାଶ ପାଇଛି। ବୁଥ୍ ଫେରନ୍ତା ଭୋଟରଙ୍କ ମତାମତକୁ ନେଇ ସାମଗ୍ରିକ ଭାବେ ଉକ୍ତ ଆକଳନ କରାଯାଇଛି। ତେବେ କେଉଁ ରାଜ୍ୟ ପାଇଁ କେଉଁ ସର୍ବେକ୍ଷଣ ସଂସ୍ଥାର ଭବିଷ୍ୟବାଣୀ ସତ ହେବ ତାହା ମେ' ୨ରେ ଭୋଟ ଗଣତି ପରେ ସ୍ପଷ୍ଟ ହେବ। କାରଣ ଅନେକ ସମୟରେ ଏକ୍‌ଜିଟ୍ ପୋଲ୍ ଭୁଲ୍ ପ୍ରମାଣିତ ହୋଇଥିବା ପୂର୍ବ ଅଭିଜ୍ଞତାରୁ ଜଣାଯାଏ।

## କେନ୍ଦ୍ରୀୟ ବାହିନୀ...

ଜମ୍ମୁ-କଶ୍ମୀର ଏବଂ ହିମାଚଳ ପ୍ରଦେଶ ବ୍ୟତୀତ ଅନ୍ୟ ରାଜ୍ୟଗୁଡ଼ିକୁ ଖର୍ଚ୍ଚ ଛାଡ଼ କରିବା ନେଇ କୌଣସି ବ୍ୟବସ୍ଥା ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯାଇଥିଲା। ସମ୍ବଳର ଅଭାବ ହେତୁ କେନ୍ଦ୍ରୀୟ ବାହିନୀ ମୁତୟନ ବାବଦ ଖର୍ଚ୍ଚ ବହନ କରିବା ରାଜ୍ୟ ପକ୍ଷେ ସମ୍ଭବ ହେଉନାହିଁ। ସମଗ୍ର ଦେଶ ପାଇଁ ମାଓବାଦୀ କାର୍ଯ୍ୟକଳାପ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହା ଜାତୀୟ ସଂହତି ପ୍ରତି ବଡ଼ ବିପଦ ହୋଇଛି। ଏହା ଏକ ଜାତୀୟ ସମସ୍ୟା। ଏହାକୁ ମିଳିତ ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମୁକାବିଲା କରୁଛନ୍ତି। ସୀମିତ ସମ୍ବଳ ସତ୍ତ୍ୱେ ଓଡ଼ିଶା ସରକାର ମାଓବାଦୀ ଦମନ ପାଇଁ ସୁରକ୍ଷା କର୍ମୀମାନଙ୍କୁ ନିୟୋଜିତ କରିଆସୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

ମାଓବାଦୀ କାର୍ଯ୍ୟକଳାପ ରୋକିବାକୁ ରାଜ୍ୟ ସରକାର ୧୫ଟି ବାଟାଲିୟନ ପ୍ରତିଷ୍ଠା କରିଛନ୍ତି। ପୋଲିସ କ୍ୟାଡ୍‌ରରେ ୩୦ ହଜାର ପଦବୀ ସୃଷ୍ଟି କରାଯାଇଛି। ମାଓବାଦୀ ମୁକାବିଲା ପାଇଁ ସୁରକ୍ଷା ବଳକୁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି। କେନ୍ଦ୍ରୀୟ ବାହିନୀ ମୁତୟନରେ ଓଡ଼ିଶା ସମସ୍ୟାକୁ ଅନୁଭବ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦାବି ଅର୍ଥ ଛାଡ଼ ବିଷୟରେ ପୁନର୍ବିଚାର କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ସ୍ଥଗିତ ରହିଲା...

ଏହାର ଅଧ୍ୟକ୍ଷ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରଘୁନାଥ ବିଶ୍ୱାଳ ଥିବାବେଳେ ନଭନୀତା ରଥ, ମିତାଲି ଚିନାରା ଏବଂ ପ୍ରସନ୍ନ କୁମାର ପାତ୍ର ସଦସ୍ୟ ରହିଛନ୍ତି। ରାଜ୍ୟ ସରକାର ୧୯୯୩ରେ ଓବିସି କମିଶନ ଗଠନ କରିଥିଲେ। ତେବେ ପ୍ରଥମ କାର୍ଯ୍ୟକାଳ ପରେ ଏହା ଅକାମୀ ହୋଇପଡ଼ିଥିଲା।

## ଟିକା ପାଇଁ...

ମୁଖ୍ୟ ଶାସନ ସଚିବ(ଏସିଏସ୍) ପ୍ରଦୀପ୍ତ କୁମାର ମହାପାତ୍ର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ଭାରତ ବାୟୋଟେକ୍‌କୁ ଚିଠି ଲେଖିଛନ୍ତି। ଉଭୟ ସଂସ୍ଥାରୁ ରାଜ୍ୟ ସରକାର ମୋଟ ୨ କୋଟି ୩୦ଲକ୍ଷ ୩୪ ହଜାର ଟିକା ଆଣିବାକୁ ଅର୍ଡର ଦେଇଛନ୍ତି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସରକାର ମେ' ମାସ ପାଇଁ ୪୦ ଲକ୍ଷ, ଜୁନ୍, ଜୁଲାଇ ଏବଂ ଅଗଷ୍ଟ ପାଇଁ ମାସିକ ୬୦ ଲକ୍ଷ ଡୋଜ୍ କୋଭିଶିଲ୍ଡ କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଭାରତ ବାୟୋଟେକ୍‌ଠାରୁ ୧୦ଲକ୍ଷ ୩୪ ହଜାର ଡୋଜ୍ କୋଭାକ୍ସିନ ସରକାର କ୍ରୟ ଆଦେଶ ଦେଇଛନ୍ତି। ମେ' ୩୧ ସୁଦ୍ଧା ୫ ଲକ୍ଷ ଏବଂ ବାକି ୫.୩୪ ଲକ୍ଷ କୋଭାକ୍ସିନ ଡୋଜ୍ ଜୁନ୍ ୧୫ ସୁଦ୍ଧା ଯୋଗାଇ ଦେବାକୁ ଏସିଏସ୍ ଭାରତ ବାୟୋଟେକ୍‌କୁ ଚିଠି ଲେଖି ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ମେ' ପହିଲାରୁ ୧୮ରୁ ୪୪ ବର୍ଷ ବର୍ଗଙ୍କୁ ମାଗଣା ଟିକା ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଟିକା ଯୋଗାଡ଼ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

## ରାଜ୍ୟ ପାଇଁ...

୨୦୦ ଟଙ୍କା କମାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଭାରତ ବାୟୋଟେକ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତେବେ ଘରୋଇ ହସ୍ପିଟାଲଗୁଡ଼ିକ ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ଦର ୧,୨୦୦ ଟଙ୍କା ଅପରିବର୍ତ୍ତିତ ରହିଛି।

## ମୃତ୍ୟୁ ହେଲେ...

ନିଷ୍ପତ୍ତି ନେଇଛନ୍ତି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୦ ଜୁଲାଇ ୨୯ରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅପରିବର୍ତ୍ତିତ ରହିବ। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କୋଭିଡ କାର୍ଯ୍ୟରେ ନିୟୋଜିତ ଥିବା ଠିକା ଏବଂ ଆଉଟସୋର୍ସିଂ କର୍ମଚାରୀଙ୍କୁ ଗୋଟିଏ ମାସର ଦରମା ଅତିରିକ୍ତ ପ୍ରୋତ୍ସାହନ ରାଶି ଆକାରରେ ପ୍ରଦାନ କରାଯିବ। ସେହିପରି ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ଟିକାକରଣ କାର୍ଯ୍ୟରେ ନିୟୋଜିତ ଏ ସ୍ୱାସ୍ଥ୍ୟ କର୍ମୀଙ୍କୁ ମଧ୍ୟ ସମାନ ସୁବିଧା ମିଳିବ। ସେହିପରି କୋଭିଡ୍ କାର୍ଯ୍ୟରେ ନିୟୋଜିତ କାର୍ଯ୍ୟରେ ସାମିଲ ଥିବା ଆଶା କର୍ମୀମାନଙ୍କୁ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ଅଧିକ ୧ ହଜାର ଟଙ୍କା ଲେଖା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାପଗ୍ରହ ଯୁକ୍ତ ନୀଚସ୍ଥ ଚନ୍ଦ୍ର କର୍ମକ୍ଷେତ୍ର ସକାଶେ ପ୍ରତିକୂଳତା ଆନୟନ କରିପାରନ୍ତି। ପରିବହନରେ ସମସ୍ୟା ମାନସିକ ଅଶାନ୍ତିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବିଭିନ୍ନ ବିଷୟରେ ଚିନ୍ତା କରିବା କାରଣରୁ ଟେନ୍ସନ ଲାଗି ରହିବ। ମୃଗଶିରା ନକ୍ଷତ୍ର ପାଇଁ ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାକୁ ବଢ଼ାଇ ଦେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ** ଆଜି ଆପଣ ଧର୍ମକାର୍ଯ୍ୟ ସକାଶେ ବନ୍ଧୁଙ୍କ ପ୍ରେରଣାରେ ମନକୁ ଉତ୍ସାହିତ କରିପାରନ୍ତି। ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। ଆରଦ୍ରା ନକ୍ଷତ୍ରର ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଚେଷ୍ଟା କରୁଥିବା କାର୍ଯ୍ୟ ହାସଲ ସକାଶେ ନୂତନ ଦିଗ ପ୍ରତି ଚିନ୍ତା କରିପାରନ୍ତି।

**କର୍କଟ** କୌଣସି ଗୋଟିଏ ସ୍ଥାନରେ ଆଜି ସ୍ଥିର ଭାବେ ରହି ପାରିବେ ନାହିଁ। ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ଅଶ୍ଳେଷା ନକ୍ଷତ୍ରର ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ସିଂହ** ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଈର୍ଷାନ୍ୱିତ ହୋଇ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। କିନ୍ତୁ ମଘା ଉତ୍ତରାଫାଲଗୁନୀ ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଏକା ସଙ୍ଗେ ଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରତିବନ୍ଧକ ଦେଖାଦେଇପାରେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ନିଜ ଲୋକଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିପାରନ୍ତି। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। ଚିତ୍ରା ନକ୍ଷତ୍ରର ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବସ୍ତୁଟି ସମସ୍ୟା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ସାଜିପାରେ। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାତ୍ର ବିଶାଖା ନକ୍ଷତ୍ରର ଏହାର ବିପରୀତ ଫଳ ପାଇବେ।

**ବିଛା** ଆଜି ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହେବ ଓ ପ୍ରଶଂସିତ ହେବେ। କିନ୍ତୁ ଏହା ସଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ ଏବଂ ଟେନ୍ସନ ମଧ୍ୟ ଲାଗି ରହିବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ।

**ଧନୁ** ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ୍ୟ ହେବେ କିନ୍ତୁ ଅସଫଳ ହେବେ ନାହିଁ। ଉତ୍ତରାଷାଢା ନକ୍ଷତ୍ରର ବନ୍ଧୁଙ୍କ ବ୍ୟବହାର ମନରେ ଆଘାତ ଦେଇପାରେ। ଯାତ୍ରା, ପରିବହନ, ଆମଦାନୀ କାରବାର, କ୍ଷେତ୍ରରେ ବେଶ ଖୁସି ରହିବେ। ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** ଆଜି ଦିନରେ ଯାହା କରିବା ସକାଶେ ମନସ୍ଥ କରିଛନ୍ତି ଅବଶ୍ୟ ବହୁତ ଭଲ ହେବ। ବନ୍ଧୁମାନଙ୍କ ସହାୟତାରେ ନିଶ୍ଚିତ ସମସ୍ୟାମୂଳକ ଅସୁବିଧାରୁ ମୁକୁଳି ଯାଇପାରନ୍ତି। ସାୟାହ୍ନେ ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ।

**କୁମ୍ଭ** ଆଜି ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଅପରାହ୍ନରେ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବାଣିଜ୍ୟ ଓ ପରିବହନ, ନିର୍ମାଣ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** ବିତର୍କ ବୃଦ୍ଧି କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଟି ସହ ବିବାଦର ଆଶଙ୍କା ରହିଛି। ରେବତୀ ନକ୍ଷତ୍ରର ପାରିବାରିକ ସ୍ତରରେ ନିଜ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ଯାତ୍ରା, ବ୍ୟବସାୟ, ମକଦ୍ଦମା, ସଂଗଠନ, ଲେଖାପଢାରେ ସମସ୍ୟା ଲାଗି ରହିବ। ପ୍ଲଟିଙ୍ଗ କାରବାର, ଜମିଜମା, ଦୂରଯାତ୍ରା, ଆନୁଷ୍ଠାନିକ କାମ ସମ୍ପର୍କିତ କଥାରେ ଅଗ୍ରଗତି ଘଟିବ।

ଆଜି ବୈଶାଖ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ଶ୍ରୀମନ୍ଦିରରେ ରାବଣବଧ ପ୍ରସ୍ତାବ, ଏପ୍ରିଲ ୩୦ ତାରିଖ, ରାଶିନକ୍ଷତ୍ର-ଦିବା ଘ.୧୨.୦୮ମି. ଗତେ ମୂଳା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୨୨ମି. ଗତେ ଘ.୦୬.୧୩ମି. ମଧ୍ୟେ, ଘ.୦୭.୦୩ମି. ଗତେ ଘ.୦୯.୩୬ମି. ମଧ୍ୟେ, ଘ.୧୨.୦୯ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୪.୨୬ମି. ଗତେ ଘ.୦୬.୦୫ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୬ମି. ଗତେ ଘ.୦୯.୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୮ମି. ଗତେ ଘ.୧୧.୪୪ମି. ମଧ୍ୟେ ରାହୁକାଳ।

# ଭୋଗ ଖାଇ ଶିଶୁ ମୃତ, ଶତାଧିକ ଅସୁସ୍ଥ

ବାହାନଗା, ୨୯।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତ ଆରୁହା ଗ୍ରାମରେ ହରିହାଟ ଭୋଗ ଖାଇ ଗ୍ରାମର ଶତାଧିକ ଲୋକ ଅସୁସ୍ଥ ହୋଇପଡିଥିଲେ। ତେବେ ସୋର ଡାକ୍ତରଖାନାରେ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ଆରୁହା ଗ୍ରାମର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ହରିହାଟ ଉଦ୍‌ଯାପିତ ହୋଇଥିଲା। ସେହି ସନ୍ଧ୍ୟାରେ ଗ୍ରାମବାସୀ କରୋନା କଟକଣାକୁ ନ ମାନି ପ୍ରସାଦସେବନ କରିଥିଲେ। ରାତିରେ ଲୋକମାନେ ପ୍ରସାଦସେବନ କରି ଘରକୁ ଫେରିବା ପରେ ସେହି ଗ୍ରାମର ଭଗବାନ ଧଳଙ୍କ ୫ ବର୍ଷିୟା ଝିଅର ପେଟବ୍ୟଥା ହେବା ସହିତ ମୁଣ୍ଡ ବୁଲାଇଥିଲା। ରାତିରେ ଘର ଲୋକେ ଝିଅକୁ ସୋର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟ କେତେଜଣ ଗୁରୁତର ଅସୁସ୍ଥ ହେବା ପରେ ବୁଧବାର ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କରେନା କଟକଣାକୁ ନଜରରେ ରଖି ଅନ୍ୟ କେତେଜଣ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉନାହାନ୍ତି। ସୋର ଡାକ୍ତରଖାନାରୁ ଏକ ଟିମ୍ ଡାକ୍ତର ଧିରେଶ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ଗୁରୁବାର ରାତିରେ ଗ୍ରାମରେ ପହଞ୍ଚି ଅସୁସ୍ଥ ଲୋକଙ୍କ ଚିକିତ୍ସା କରିଛନ୍ତି।


## classifieds Everyday
0674-2580101, 2549302




### SALE

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 1km. sqft.-220/-, Niser ପାଖରେ sqft.-500/-, ତ୍ରିଶୂଳିଆ ଛକ ପାଖରେ 450/- plot ବିକ୍ରି ଚାଲୁଅଛି। 9178004547, 9348020724. D-70843

Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254. D-70825

Bhubaneswar ସୁନ୍ଦରପଦାରୁ ଓଇସି ରୋଡ୍‌ରେ ଘରବାରି ପ୍ଲଟ୍ sqft. 1500/-, 950/-, 380/- କାଟେଣୀରେ 630/- ଦିଆଯାଉଛି। Sonali-9938016295. D-70845

Plot for sale near Pipili Toll Gate, just 16km from Bhubaneswar, Kalpana Square. Contact: 9937446498. D-70592

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648. D-20490

Plot available in Shreekhetra Vihar (highly developed plotting project) near Mangalpur Bhubaneswar- Puri NH side project features:- gated community 30ft road, gharabari Plot, Park, Temple, Society room. Contact-9777302825. D-70847

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70837

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

1200sqft. gharabari boundary plot 30ft. road Gudiapokhari 8,00,000/-Rangabazar 10,00,000/-, 8455094875. D-70828




Construct your building with Tata rod, Ultratech Cement, all branded materials, earthquake resistant, guarantee. 7327043914. D-70593




ଭୁବନେଶ୍ୱର ପାଖରେ Paver Block/ Fly ash bricks/ ସିମେଣ୍ଟ ଇଟା/ hollow bricks/ cement nanda/ chowkatha etc. ପାଇଁ ୧୦ବର୍ଷ ଭଡ଼ା ସୂତ୍ରରେ ଜାଗା ଦିଆଯିବ। ଯୋଗାଯୋଗ: ୬୩୭୦୩୧୯୮୬୧, ୬୩୭୨୭୪୭୦୭୭. D-20515

Shoproom (10'x10') opposite BijuPatnaik College, Jayadev Vihar main road. Contact: 9938511622. D-20634




New Opening Saikrupa Panchakarma and Spa Joint Pain, Fullbody Massage. 8984068077. D-65917

Refreshing your mind your body with the best therapy at Lotus Spa. 9801811949. D-70448

Swarna SPA newly open positively health benefits with expert therapist. 9556978408. D-70595

Refreshing your mind body with best expert therapist. 8144219731, 7749040472. D-70597

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Zen SPA positively health benefits with experts therapeutic genuinely massage. 7205084157. D-70596

Newly open Spa Offer @599/-, positively health benefits, Jaydevbihar. 7846814019. D-59990




କ'ଣ ଆପଣ ଅସୁବିଧାରେ ଅଛନ୍ତି କି? ୨ଘଣ୍ଟାରେ ସମାଧାନ Myastron ଦ୍ୱାରା। କାମ ନହେଲେ ଟଙ୍କା ଫେରସ୍ତ। ବ୍ୟବସାୟରେ, ପ୍ରେମରେ, ବିବାହରେ, ଚାକିରି ସମାଧାନ Mobile/ Whatsapp No.- 07381297749, 09739501234. D-20592


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଅଗ୍ନିକାଣ୍ଡ, ୨ ବଖରା ଭସ୍ମୀଭୂତ**

**ଦଶରଥପୁର,(ଡି.ଏନ୍.ଏ):** ଦଶରଥପୁର ବ୍ଲକ୍ କର୍ୟାଁ ପଞ୍ଚାୟତ ଅନ୍ତର୍ଗତ ଧମରପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇବଖରା ସହ ଏକ ଗୁହାଳ ଜଳି ପାଉଁଶ ହୋଇଯାଇଛି। ଗ୍ରାମର ତ୍ରିଲୋଚନ ଦାସଙ୍କ ପରିବାର ଲୋକେ ଖାଇପିଇ ଶୋଇଥିବାବେଳେ କୌଣସି କାରଣରୁ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀଙ୍କ ସହ ଦଶରଥପୁର ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ତ୍ରିଲୋଚନ ଅତ୍ୟନ୍ତ ଗରିବ ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ଗୁରୁବାର ସ୍ଥାନୀୟ ଆରଆଇ ତ୍ରିଲୋଚନଙ୍କ ଘରକୁ ଯାଇ ପ୍ରାଥମିକ ତଦନ୍ତ ପରେ ଦୁଇଟି ପାଲ ଯୋଗାଇ ଦେଇଛନ୍ତି।



## ସଂକ୍ଷେପରେ

### ପାହାଡ଼ରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

**ଚଣ୍ଡିଖୋଲ,୨୯।୪(ଡି.ଏନ.ଏ.):** ବଡ଼ଚଣା ଥାନା ବାରୁଣାବନ୍ତ ପାହାଡ଼ର ପାଦଦେଶ ଜଙ୍ଗଲରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ପାହାଡ଼ ପାଖଦେଇ ଯାଇଥିବା ରାସ୍ତାକଡ଼ ଉପରକୁ ଏହି ଜଙ୍ଗଲ ମଧ୍ୟରେ ମୃତଦେହ ପଡିଥିବା ଦେଖି ଜାଳ କାଠ ସଂଗ୍ରହ କରିବାକୁ ଯାଇଥିବା ମହିଳାମାନେ ଦେଖିଥିଲେ। ମହିଳାମାନେ ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ବଡ଼ଚଣା ଥାନା ଅଧିକାରୀ ପ୍ରିୟବ୍ରତ ରାଉତଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛନ୍ତି। ମୃତକଙ୍କ ବୟସ ଆନୁମାନିକ ୩୫ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ସେ ଏକ ଫୁଲ୍ ଚେକ୍ ଶାର୍ଟ ଓ ବ୍ଲୁ ରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ମୃତଦେହ ନିକଟରେ ଗୋଟିଏ ପାଣି ବୋତଲ ଓ ଡାହାଣ ଗୋଡର ଚପଲ ଓ କିଛି ଦୂରରେ ହାଲୁକା ବ୍ଲୁ ରଙ୍ଗର ଗାମୁଛା ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ ସମୟରେ ପାରିପାର୍ଶ୍ୱିକ ସ୍ଥିତିରୁ କେହି ତାକୁ ହତ୍ୟାକରି ୫ରୁ ୭ଦିନ ପୂର୍ବରୁ ଏଠାରେ ଫୋପାଡି ଦେଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯୁବକଙ୍କ ମୃତ୍ୟୁ କିଭଳି ହୋଇଛି ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

### ନାବାଳିକାଙ୍କୁ ବଳାତ୍କାର ପରେ ବ୍ଲାକମେଲ ଘଟଣା: ଅଭିଯୁକ୍ତ ଗିରଫ

**ପାରାଦୀପ,୨୯।୪(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ସେହି ଦୃଶ୍ୟକୁ ମୋବାଇଲ ଫୋନ୍‌ରେ ରେକର୍ଡ କରି ବ୍ଲାକମେଲ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସଂଗ୍ରାମ ଦାସ। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ। ସଂଗ୍ରାମ ୨ ବର୍ଷ ପୂର୍ବେ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଆସିବା ପରେ ପୁଣି ପୀଡ଼ିତାଙ୍କ ସହ ସମ୍ପର୍କ ରଖିଥିଲେ। ୫ ଏପ୍ରିଲରେ ବଳାତ୍କାର ଦୃଶ୍ୟ ମୋବାଇଲରେ ରେକର୍ଡ କରି ନାବାଳିକାଙ୍କୁ ବ୍ଲାକମେଲ କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ମାମଲା (ନଂ.୧୦୫/୨୧) ରୁଜୁ କରିଥିଲା। ମାତ୍ର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସକ୍ଷମ ହୋଇ ନ ଥିଲେ। ଗୁରୁବାର ସନ୍ଧ୍ୟାରେ କୌଣସି ସୂତ୍ରରୁ ଖବରପାଇ ସଂଗ୍ରାମଙ୍କୁ ତାଙ୍କ ଗ୍ରାମରୁ ଗିରଫ କରାଯାଇଛି ବୋଲି ଥାନାଧିକାରୀ ପ୍ରଭାସଚନ୍ଦ୍ର ସାହୁ କହିଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

**ରସୁଲପୁର,୨୯।୪(ଡି.ଏନ.ଏ.):** କୁଆଖିଆ ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଭୁବନେଶ୍ୱରରୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକ ସୁଶାନ୍ତ ମଲିକ (୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉଦ୍ଧାର ପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ନାବାଳିକାଙ୍କୁ ଗତ ୨ ତାରିଖରେ ଅପହରଣ କରାଯାଇଥିଲା। ନାବାଳିକାଙ୍କୁ ଥାନା ଅନ୍ତର୍ଗତ ନରସିଂହପୁର ଅଞ୍ଚଳର ସୁଶାନ୍ତ ଅପହରଣ କରି ନେଇଥିବା ତାଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୨୭/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏସ୍ଆଇ ରାଜକିଶୋର ଦାସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ତେବେ ଉଭୟ ନାବାଳିକା ଓ ଅପହରଣକାରୀ ଭୁବନେଶ୍ୱରରେ ରହୁଥିବା ଜାଣି ଗୁରୁବାର ସକାଳେ ଚଢ଼ାଉ କରି ସେମାନଙ୍କୁ ଠାବ କରିଥିଲା।

### ଶିକ୍ଷକଙ୍କ ପରଲୋକ

**ବାଲିଚନ୍ଦ୍ରପୁର,୨୯।୪(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ କୃଷ୍ଣପୁର ଶାସନସ୍ଥ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସରୋଜ କୁମାର ନାୟକ (୪୭)ଙ୍କ ହୃଦ୍‌ଘାତରେ ବୁଧବାର ରାତିରେ ପରଲୋକ ଘଟିଛି। ସେ କିଛିଦିନ ଧରି ମଧୁମେହ ରୋଗରେ ପୀଡ଼ିତ ହୋଇ କଟକରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସରୋଜଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ତାଙ୍କ ବାସସ୍ଥାନ ଯାଜପୁର ସଦରଥାନା ଅଧୀନ ପୁରୁଷୋତ୍ତମପୁରରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସ୍ନେହୀ ଛାତ୍ର ବତ୍ସଳ, ବନ୍ଧୁ ବତ୍ସଳ ଶିକ୍ଷକ ଥିଲେ। କୋଭିଡ୍ କଟକଣା ଅନୁସାରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁତୁରା ମୁଖାଗ୍ନି ଦେଇଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଲୋକେ

**ରସୁଲପୁର,୨୯।୪(ଡି.ଏନ.ଏ.)**

କୁଆଖିଆ ବିଦ୍ୟୁତ୍ ଉପଖଣ୍ଡର ବ୍ରହ୍ମବରଦା ସେକ୍ସନ ଅଧୀନରେ ଥିବା ଝାଲପଡ଼ା ପଞ୍ଚାୟତ କାକୁଡ଼ିକୁଦ ଗ୍ରାମର ୨୮ଜଣଙ୍କ ଘରକୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ମାତ୍ର ସେମାନଙ୍କ ନାଁରେ ବିଲ୍ ଆସିଛି। ଏହାର ପ୍ରତିବାଦରେ ସେମାନେ ଗୁରୁବାର ବ୍ରହ୍ମବରଦା ସେକ୍ସନ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସେମାନଙ୍କ ନିକଟକୁ ମାର୍ଚ୍ଚରେ ୫ରୁ ୬ହଜାର ଟଙ୍କା ପର୍ଯ୍ୟନ୍ତ ବିଲ୍ ଆସିଛି। ଏହାକୁ ଦେଖି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ବିଭାଗୀୟ ଯନ୍ତ୍ରୀ ଅଶୋକ ସାହୁଙ୍କୁ ଭେଟି ଆଲୋଚନା କରିବାକୁ ଆସିଥିଲେ। ତେବେ ଲୋକଙ୍କ ମେଳି ସମ୍ପର୍କରେ ଜାଣିପାରି ଯନ୍ତ୍ରୀ ସାହୁ କାର୍ଯ୍ୟାଳୟକୁ ଆସି ନ ଥିଲେ। ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରିବା ସହ ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଉତ୍ୟକ୍ତ ଲୋକେ ଫେରିଥିଲେ। ତ୍ରୁଟିପୂର୍ଣ୍ଣ ବିଲ୍‌କୁ ତୁରନ୍ତ ସଂଶୋଧନ ପାଇଁ ଦାବି ହୋଇଛି।



ଲୋକେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବ୍ରହ୍ମବରଦା ବିଦ୍ୟୁତ୍ ସେକ୍ସନ ଅଧୀନରେ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ରହିଛି। ହେଲେ ଅଞ୍ଚଳରେ ଉନ୍ନତ ବିଦ୍ୟୁତ୍ ସେବା ପହଞ୍ଚି ପାରୁନାହିଁ। ଏହଛଡ଼ା ସୌଭାଗ୍ୟ ଯୋଜନାରେ ଶତାଧିକ ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ତାହା ପୁଣି କାଗଜ କଲମରେ ବୋଲି ଜଣାପଡ଼ିଛି। ସେକ୍ସନ ଅଧୀନରେ ଦିନକୁ ୨୦ରୁ ଊର୍ଦ୍ଧ୍ୱଥର ବିଜୁଳି କାଟ ହେଉଛି। ବିଭାଗ ପକ୍ଷରୁ କୌଣସି ସୂଚନା ନ ଥିବାରୁ ଅଘୋଷିତ ବିଜୁଳି କାଟକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

### ବିଦ୍ୟୁତ୍ ସଂଯୋଗ ନ ଥାଇ ଆସୁଛି ବିଲ୍

ଅନ୍ୟପକ୍ଷରେ ରୁଗ୍ଣ ବିଦ୍ୟୁତ ସେବା ସହ ବିଜୁଳି ଦର ବଢିବାକୁ ଉପଭୋକ୍ତା ବିରୋଧ କରିଛନ୍ତି। ଉନ୍ନତ ବିଜୁଳି ସେବା ଯୋଗାଇ ଦେବା ପାଇଁ ବ୍ରହ୍ମବରଦା ଅଞ୍ଚଳରେ ନିର୍ମାଣାଧୀନ ଷ୍ଟ୍ରକଚରକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ ବୋଲି ଉପଭୋକ୍ତ ନିରଞ୍ଜନ ବେହେରା, ଜିତେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ରଣା ଓ ଆଲୋକ ବେହେରାଙ୍କ ସମେତ ଶତାଧିକ ଲୋକ ଦାବି କରିଛନ୍ତି। ସମସ୍ୟା ସମାଧାନ କରା ନ ଗଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବା ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଯନ୍ତ୍ରୀ ସାହୁଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ସେ ଫୋନ ଧରି ନ ଥିଲେ।

# ଜନ୍ମମାଟିରେ ଯବାନଙ୍କ ଶେଷକୃତ୍ୟ


ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

**ବିଞ୍ଝାରପୁର,୨୯।୪(ଡି.ଏନ.ଏ.)**

ରାୟଗଡ଼ା ଜିଲା କାଶୀପୁର ବିଏସ୍ଏଫ୍ କ୍ୟାମ୍ପରେ ନିଜ ବନ୍ଧୁକ ଗୁଳିରେ ଆତ୍ମହତ୍ୟା କରିଥିବା ଯବାନ ଦିଲୀପ ମହିଙ୍କ ଗୁରୁବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମରଶରୀର ଜନ୍ମମାଟିରେ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ରଣପୁର ସରପଞ୍ଚ ଅଟଳବିହାରୀ ନାୟକଙ୍କ ନେତୃତ୍ୱରେ କୋଭିଡ୍ କଟକଣାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବିଞ୍ଝାରପୁର ଥାନା ରଣପୁର ପଞ୍ଚାୟତ କଣ୍ଟିପୁର ଗ୍ରାମର ଦୁର୍ଗାଚରଣ ମହିଙ୍କ ମଝିଆ ପୁଅ ଦିଲୀପ ୨୦୦୮ରୁ ବିଏସ୍ଏଫ୍‌ରେ ଯୋଗ ଦେଇଥିଲେ। କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ବୁଧବାର ନିଜ ବନ୍ଧୁକ ଗୁଳିରେ ଆତ୍ମହତ୍ୟା କରିଥିଲେ। ଗୁରୁବାର କାଶୀପୁରଠାରେ ବିଏସ୍ଏଫ୍ ପକ୍ଷରୁ ଯବାନଙ୍କୁ ରାଷ୍ଟ୍ରୀୟ ସଲାମି ଦିଆଯାଇଥିଲା। ପରେ ଏସ୍ଆଇ ଉଦୟ ରାଏଙ୍କ ନେତୃତ୍ୱରେ ଆଠଜଣିଆ ଟିମ୍ ଯବାନଙ୍କ ମର ଶରୀରକୁ ଆମ୍ବୁଲାନ୍ସ ଯୋଗେ କଣ୍ଟିପୁର ଆଣିଥିଲେ।

# ପାଣି ମିଶା ପେଟ୍ରୋଲ୍ ବିକ୍ରି ନେଇ ଉତ୍ତେଜନା

**ବରୀ,୨୯।୪(ଡି.ଏନ.ଏ.)**

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବରୀ ମାଉଣ୍ଡ ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ପାଣି ମିଶା ତେଲ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗୁରୁବାର ପେଟ୍ରୋଲ ପମ୍ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ହୋହଲ୍ଲା କରିବା ସହ ତେଲ ଟାଙ୍କି ବନ୍ଦ କରିବାକୁ ଦାବି କରିଥିଲେ। ସ୍ଥାନୀୟ କେତେଜଣ ଲୋକ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଉତ୍ତେଜନା ଥମିଥିଲା।

ସୂଚନାଯୋଗ୍ୟ, ଉକ୍ତ ପେଟ୍ରୋଲ ଟାଙ୍କିରେ ପୂର୍ବରୁ କିରୋସିନ ମିଶା ତେଲ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ପୁଣି ପାଣି ମିଶିଥିବା



ଲୋକେ ଜାଣିବା ପରେ ଉତ୍ତେଜିତ ହୋଇଥିଲେ। ତେବେ ପେଟ୍ରୋଲରେ ପାଣି ମିଶିବା ଘଟଣାକୁ ଦାୟିତ୍ୱରେ ଥିବା କର୍ମଚାରୀ ସ୍ୱୀକାର କରିଥିଲେ। ଏଠାରେ ପ୍ରଶ୍ନଉଠେ ପ୍ରଥମେ କିରୋସିନ ଏବଂ ପରେ ପାଣି ମିଶାଯିବା ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଏଦିଗରେ ଚୁପ୍ କାହିଁକି। ପେଟ୍ରୋଲ ଟାଙ୍କିର ଲାଇସେନ୍ସ ବାତିଲ କରିବା ସହ ଟାଙ୍କି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ତେଲ ଟାଙ୍କି ପରିଚାଳକ ଗୋବର୍ଦ୍ଧନ ବେହେରା କହିଛନ୍ତି, ଏଭଳି ଘଟଣା କେବେ ଘଟି ନ ଥିଲା। ଯେଉଁ ଅଭିଯୋଗ ଆସିଛି ସେଥିରେ ତଥ୍ୟତା ରହିଛି। ଏନେଇ ତେଲ କମ୍ପାନୀକୁ ଅବଗତ କରାଯିବ। ପାଣି କିପରି ମିଶିଲା ସେମାନେ ଯାଞ୍ଚ କରିବେ।

# ଟ୍ରକ୍ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଧର୍ମଶାଳା,୨୯।୪(ଡି.ଏନ.ଏ.)**

ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ସେତୁ ନିକଟରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ କଟକ ଜିଲା ଟାଙ୍ଗୀ ଥାନା ଭଗତପୁର ଅଞ୍ଚଳର ହେମନ୍ତ ନାୟକ ଓ ନିଆଳି ଥାନା ଅରଖପୁର ଗ୍ରାମର କୀର୍ତ୍ତିରଞ୍ଜନ ପ୍ରଧାନ ବୋଲି ଜଣାପଡ଼ିଛି। ଉଭୟ ଗୋଟିଏ ବାଇକ୍‌ରେ ପାଣିକୋଇଲି ଆଡ଼କୁ ଯାଉଥିବାବେଳେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହେମନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ କୀର୍ତ୍ତିରଞ୍ଜନଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି। ଟ୍ରକ୍ ଚାଳକ ଫେରାର ହୋଇ ଯାଇଛନ୍ତି।

# ସରିଲା ରିମାଣ୍ଡ, ଜେଲ ଫେରିଲେ ରବି

### ସୂଚନା ଅଧିକାର କର୍ମୀଙ୍କୁ ବୋମାମାଡ଼ ଘଟଣା

**ଧର୍ମଶାଳା,୨୯।୪(ଡି.ଏନ.ଏ.)**

ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ବୋମାମାଡ଼ ଘଟଣାରେ ଗିରଫ ହୋଇ ୩ ଦିନିଆ ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତ ରବି ଦାସଙ୍କ ଗୁରୁବାର ରିମାଣ୍ଡ ଶେଷ ହୋଇଛି। ଏହାପରେ ପୋଲିସ ତାଙ୍କୁ ଚଣ୍ଡିଖୋଲ କୋର୍ଟରେ ହାଜର କରିଥିଲା। ତେବେ ସେଠାରେ ତାଙ୍କର ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଯାଜପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ରବିଙ୍କୁ ୨୭ ତାରିଖରେ ରିମାଣ୍ଡରେ ଆଣିଥିଲା।

ଧର୍ମଶାଳା ଥାନା ଅଧୀନ ଇମାମନଗରଠାରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱରଙ୍କୁ ବୋମାମାଡ଼ ହୋଇଥିଲା। ସର୍ବେଶ୍ୱର ବେଆଇନଭାବେ ପାହାଡ଼ରେ ଚାଲିଥିବା ଲୁଟତରାଜ ନେଇ ଏନ୍‌ଜିଟି ଓ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବା ସହ ଏହାକୁ ବିରୋଧ କରୁଥିଲେ। ବେଆଇନ ବ୍ୟବସାୟ ଚଳାଇଥିବା ମାଫିଆ ସର୍ବେଶ୍ୱରଙ୍କୁ ବାଟରୁ ହଟାଇବାର ଯୋଜନା ପ୍ରସ୍ତୁତ କରିଥିଲେ। ପଥର ମାଫିଆ ପାଳିଥିବା ରବି ୨ଜଣ ବୋମାଫିଙ୍ଗାଳିଙ୍କୁ ଯୋଗାଡ଼ କରି ଏଭଳି କାଣ୍ଡ ଘଟାଇଥିଲେ। ଘଟଣା ପରେ ଗିରଫଦାରି ଭୟରେ ସେ ଆତ୍ମଗୋପନ କରିଥିଲେ। କିଛି ଦିନ ତଳେ ପୋଲିସ ତାଙ୍କୁ ଆଠଗଡ଼ ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିବା ସହ ରିମାଣ୍ଡରେ ଆଣିବା ଲାଗି ଆବେଦନ କରିଥିଲା। ରିମାଣ୍ଡ ସମୟରେ ପୋଲିସ ରବିଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଘଟଣାରେ ବଡ଼ବଡ଼ ମାଫିଆ ଓ ରାଜନେତାଙ୍କ ସମ୍ପୃକ୍ତି ରହିଥିବା ନେଇ ରବି ପୋଲିସ ଆଗରେ ସ୍ୱୀକାର କରିଥିବା ଶୁଣିବାକୁ ମିଳିଛି।

# ପ୍ରତାପଙ୍କ ବୟାନ ରେକର୍ଡ କଲା ପୋଲିସ

### ଜମି ବିବାଦକୁ କେନ୍ଦ୍ର କରି ହଣାକଟା ଘଟଣା

**ବିଞ୍ଝାରପୁର,୨୯।୪(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଙ୍ଗାଳୋ ପଞ୍ଚାୟତ ଅରିଲୋ ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ବୁଧବାର ପ୍ରଫୁଲ୍ଲ ସାମଲ ଓରଫ ପପୁ ଓ ପ୍ରତାପ କୁମାର ସାମଲଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପପୁ ଏକ ଧାରୁଆ ଅସ୍ତ୍ରରେ ପ୍ରତାପଙ୍କୁ ଆକ୍ରମଣ କରିଥିଲେ। ପ୍ରତାପ ଏବେ ଗୁରୁତର ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପଟେ ବିଞ୍ଝାରପୁର ପୋଲିସ ବୁଧବାର ଅରିଲୋ ଗ୍ରାମକୁ ଯାଇ ସାକ୍ଷୀଙ୍କୁ ପଚରାଉଚରା କରିବାସହ ୧୬୭/୨୧ରେ ଏକ ମାମଲା ରୁଜୁ କରିଥିଲା। ଗୁରୁବାର ଆଇଆଇସି ନିରଞ୍ଜନ ଶବରଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ମନୋଜ କୁମାର ବାରା ଓ ଏଏସ୍ଆଇ ସଞ୍ଜୀବ କୁମାର ଥାଟୋଇ କଟକର ଘରୋଇ ହସ୍ପିଟାଲକୁ ଯାଇ ପ୍ରତାପଙ୍କ ବୟାନ ରେକର୍ଡ କରିଛନ୍ତି। ବିଶେଶ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ପ୍ରତାପଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗଣ୍ଡଗୋଳରେ ପ୍ରତାପ ଓ ନରହରୀ ସାମଲ ଆହତ ହୋଇଥିଲେ। ପ୍ରତାପ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିଲା ବେଳେ ନରହରୀ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଥିଲେ।

# ଲୋକେ ମାନୁନାହାନ୍ତି କୋଭିଡ୍ କଟକଣା

**ଦଶରଥପୁର,୨୯।୪(ଡି.ଏନ୍.ଏ):** ଦଶରଥପୁର ବ୍ଲକରେ ପ୍ରତିଦିନ ୧୦ ରୁ ୧୫ କରୋନା ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ଆଗକୁ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। କରୋନା ଦ୍ୱିତୀୟ ଲହର ଅତ୍ୟନ୍ତ ଭୟାବହ ହୋଇଥିବାବେଳେ ଲୋକେ ଜାଣିମଧ୍ୟ ଅମାନିଆ ହେଉଛନ୍ତି। କରୋନା କଟକଣାକୁ ଲୋକେ ମାନୁ ନ ଥିବାବେଳେ ପ୍ରଶାସନ ମଧ୍ୟ ଢିଲାପଣ ଦେଖାଉଛି। ପୂର୍ବରୁ ପ୍ରଶାସନ କଟକଣାକୁ କଠୋର ଭାବେ ଲାଗୁ କରିଥିଲା। ଏଥର କିନ୍ତୁ ଯାଞ୍ଚ ଓ ଚଢ଼ାଉ ଆଖି ଦୃଶିଆ ହେଉନି। ଅତି ଖାମଖିଆଲିଭାବେ ପ୍ରଶାସନ କରୋନାକୁ ଗ୍ରହଣ କରିଛି ବୋଲି ଅଭିଯୋଗ ହୋଇଛି। ବ୍ଲକ୍‌ର ବିଭିନ୍ନ ହାଟ ବଜାରରେ ଗହଳି ଲାଗୁଛି। ଅଧିକାଂଶ ମାସ୍କ ପିନ୍ଧୁନାହାନ୍ତି କିମ୍ବା ସାମାଜିକ ଦୂରତା ବଜାୟ ରଖୁ ନ ଥିବା ଦେଖାଯାଉଛି। ବହୁ ସଂଖ୍ୟାରେ ପ୍ରବାସୀ ପ୍ରତିଦିନ ବ୍ଲକ୍‌ର ବିଭିନ୍ନ ଗ୍ରାମକୁ ଆସି ଘରେ ରହିଛନ୍ତି। ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଉନାହିଁ। ଫଳରେ ଆଗାମୀ ଦିନରେ ବ୍ଲକ୍‌ରେ ସଂକ୍ରମିତଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଥାନା ଫାଟକ ନିକଟରେ ଯୁବକଙ୍କୁ ଆକ୍ରମଣ

**ଯାଜପୁର ସଦର,୨୯।୪(ଡି.ଏନ.ଏ.):** ଯାଜପୁର ସଦର ଥାନା ଫାଟକ ନିକଟରେ ବୁଧବାର ରାତିରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମାଧପୁର ଗ୍ରାମର ତ୍ରିନାଥ ମହାପାତ୍ର(୩୬) ଥାନାଗେଟ୍ ସମ୍ମୁଖ ଦେଇ ଆସୁଥିବା ବେଳେ ସେହି ଗ୍ରାମର ସାଧୁଚରଣ ବିଶ୍ୱାଳ ଓ ତାଙ୍କ ପୁଅ ବିଶ୍ୱଭୂଷଣ ବିଶ୍ୱାଳ ୫ ଜଣଙ୍କ ସହ ମିଶି ତ୍ରିନାଥଙ୍କୁ ଆକ୍ରମଣ କରିଥିଲେ। ଜମି ବିବାଦକୁ ନେଇ ତ୍ରିନାଥ ୨୦ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଉଭୟଙ୍କୁ ଆପୋସ ସମାଧାନ କରିବାକୁ ଉପଦେଶ ଦେଇଥିଲା। ସମାଧାନ କରିବାକୁ ଯିବାବେଳେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏହାପରେ ସେମାନେ ଏକ ସାଦା କାଗଜରେ ଜୋରଜବରଦସ୍ତ ତ୍ରିନାଥଙ୍କଠାରୁ ଦସ୍ତଖତ ନେଇଥିଲେ। ଦସ୍ତଖତ ନ ଦେଲେ ଜୀବନରୁ ମାରିଦେବୁ ବୋଲି ସେମାନେ ଧମକ ଦେଇଥିଲେ। ମାଡଖାଇ ତ୍ରିନାଥ ଥାନାରେ ପୁନଶ୍ଚ ଅଭିଯୋଗ କରିଛନ୍ତି।


## ODISHA PUBLIC SERVICE COMMISSION

**ADVERTISEMENT No. 01 of 2021-22**

**Recruitment to the Post of Homoeopathic Medical Officers in the Group-B rank of the State under Health & Family Welfare Department**

**WEBSITE: www.opsc.gov.in**

No. D-14: Online applications are invited from the prospective candidates through the proforma application to be made available on the Website of the Commission **(http://www.opsc.gov.in)**. For recruitment to 186 (one hundred eighty six) posts of Homoeopathic Medical Officers in the Group-B rank of the State under Health & Family Welfare Department in the Scale of Pay of 44900/- in Level 10, Cell - 1 of ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Health & Family Welfare Department, Government of Odisha, out of a total of 186 (56-w) vacancies, 87 (26-w) vacancies are reserved for UR Category, 06 (02-w) vacancies are reserved for SEBC, 08 (02-w) vacancies are reserved for SC category, 85 (26-w) vacancies are reserved for ST category. Also, 02 vacancies are for Sports persons, 06 vacancies are for Ex-Serviceman and 07 (03-w) are for persons with Disabilities.
3. **AGE:** A candidate must have attained the age of **21 (twenty one)** years and must not be above **32 (thrity two)** years as on **1st day of January 2021** i.e. he/she must have been born **not earlier than 2nd January, 1989 and not later than 1st January, 2000**.
4. **EDUCATIONAL QUALIFICATION:** A candidate must have possessed the Degree of Bachelor in Homoeopathic Medicine and Surgery (B.H.M.S.) or equivalent Degree from a recognized University or Institution recognized by Central Council of Homoeopathy and must have registered himself/herself under the Odisha State Board of Homoeopathic Medicines.
5. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Person with Disability (whose permanent disability is 40% and more) are exempted from payment of this fee.

**The link for registration/re-registration and payment of examination fees shall be available from 21.05.2021 to 22.06.2021 (Note: 29.06.2021 is the last date for submission of Registered Online Application).**

The candidates are advised to visit the website of the Commission at **http://opsc.gov.in for detailed information for applying to the above post.**

**CUTTACK**
**DATE: 29.04.2021**

**Sd./- ADDITIONAL SECRETARY**
**ODISHA PUBLIC SERVICE COMMISSION, CUTTACK**
**OIPR-12002/11/0007/2122**



## MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5049



## GOVERNMENT OF ODISHA
## "e" PROCUREMENT NOTICE
## OFFICE OF THE NOTIFIED AREA COUNCIL, DASPALLA
## TENDER CALL NOTICE

**E-mail: nacdaspalla@gmail.com**
**Bid Identification No. NAC-Daspalla/01/2021-22**

The Executive Officer, NAC, Daspalla, Dist.- Nayagarh inviting percentage rate bid in **online mode** for the works as detailed in the Annexure from eligible contractors for construction of civil works as detailed in the table below.

1. Nature of Work : As per DTCN
2. No. of Work : 2 Nos.
3. Tender Cost : To be remitted online through a process as mentioned in DTCN.
4. Class of Contractor : As mentioned in Annexure
5. Available of Bid Document in : From Dt.30.04.2021, 11.00 A.M. to Dt.12.05.2021 upto 5.00 P.M. in the website.
6. Date & time of opening Technical Bid : Dt.13.05.2021 at 11.00 A.M.
7. The bidders have to participate in ONLINE bidding only. Further deails can be seen from the website: **https://tenderodisha.gov.in**. Any Addendum/Corrigendum/ Cancellation of tender can also be seen in the said website.

**Sd./- Executive Officer, NAC, Daspalla**



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM–LAA–MBJ–0008–2021 6758/ R&DM. Dated 26 Feb 2021

No.XXI–17:– ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଇବଣିଆ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– କାଳିକ (ଅତିରିକ୍ତ), ଥାନା– ରାଇବଣିଆ ନଂ.୬୧, ତହସିଲ– ଜଳେଶ୍ୱର, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୪୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧– **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଇବଣିଆ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ।
୨– **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ**– ନିର୍ବାହୀ ଯନ୍ତ୍ରୀ, ଜାମ୍ବିରା କେନାଲ ଡିଭିଜନ, ମୋରଡା, ମୟୂରଭଞ୍ଜ।
୩– **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତା କାରଣ**– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪– **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫– **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬– **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ଜଳେଶ୍ୱର | କାଳିକ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୨.୭୪ | ଏ.୦.୪୩ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା–୪୯/୨୦୧୯
ଏ. ୦.୪୩ ଡେ.ମି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଇବଣିଆ ଡିଷ୍ଟ୍ରିବ୍ୟୁଟାରୀ**
**ମୌଜା- କାଳିକ (ଅତିରିକ୍ତ), ଥାନା- ରାଇବଣିଆ ନଂ.୬୧, ତହସିଲ- ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱର**

| ଖାତା ନଂ. ଏବଂ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୯୩୭/୯୬୯ ସ୍ଥିତିବାନ | ୯୧୯ | ୧.୧୫ | ୦.୦୩ | ଶାରଦ ତିନି | ଭାରତୀ ଦାସ, ପି.– ପୂର୍ଣ୍ଣଚନ୍ଦ୍ର ପାତ୍ର, ଜା.– ତନ୍ତୀ, ବା.– ଚାକୁଆପାଳ ସାମିଲ ନିଜଗାଁ |
| | ୧୦୬୩ | ୦.୨୨ | ୦.୧୦ | ଘରବାରୀ | |
| ୯୩୭/୯୭୦ ସ୍ଥିତିବାନ | ୯୧୨ | ୦.୨୭ | ୦.୨୨ | ଶାରଦ ତିନି | ଅସିତ କୁମାର ଦାସ, ମିହିର ରଞ୍ଜନ ଦାସ, କମଳ ରଞ୍ଜନ ଦାସ ଡାକ ନାମ ପାନାଲାଲ ଦାସ, ଦୀପ୍ତିମୟୀ ଦାସ, ଲିନା ଦାସ, ରୀନା ଦାସ, ପି.– ଅଧିର ଚନ୍ଦ୍ର ଦାସ, ଜା.– ତନ୍ତୀ, ବା.– ଚାକୁଆପାଳ ସାମିଲ ନିଜଗାଁ |
| | ୧୦୩୬ | ୧.୧୦ | ୦.୦୮ | ଶାରଦ ତିନି | |
| ମୋଟ | ୪ ପ୍ଲଟ | ଏ.୨.୭୪ ଡେ.ମି. | ଏ.୦.୪୩ ଡେ.ମି. | | |

OIPR-24001/14/0024/2122

ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। –ଶ୍ରୀମା



# ବିକାଶ ଆକଳନର ନୂଆ ମାନଦଣ୍ଡ



ମ୍ୟାକ୍ସୱେଲ ଗୋମେରା

ବିଶ୍ୱର ପ୍ରାୟ ୧୫ କୋଟିରୁ ଊର୍ଦ୍ଧ୍ୱ ଲୋକ କରୋନା ମହାମାରୀରେ ପୀଡ଼ିତ। ଏହି ସଂଖ୍ୟା କାନାଡା, ଫ୍ରାନ୍ସ ଓ ଇଂଲଣ୍ଡର ମୋଟ ଜନସଂଖ୍ୟା ସହ ପାଖାପାଖି ସମାନ। ଗତ ବର୍ଷେ ହେଲାଣି ଉକ୍ତ ମହାମାରୀ ସମସ୍ତଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଛି। ଫଳରେ କେତେକ ସରକାର କୋଭିଡ୍ –୧୯ ମୁକାବିଲା ଲାଗି ଅଭୂତପୂର୍ବ ଭାବେ ପ୍ରଚୁର ଅର୍ଥ ବ୍ୟୟ କରୁଛନ୍ତି। ମହାମାରୀଜନିତ ପରିସ୍ଥିତିରେ ଉଦ୍ଧାର ଏବଂ ପ୍ରୋତ୍ସାହନ ବାବଦରେ କେବଳ ୨୦୨୦ରେ ୧୪.୬ ଟ୍ରିଲିଅନ୍ ଡଲାରର ଆର୍ଥିକ ପ୍ୟାକେଜ ଘୋଷଣା କରାଯାଇଛି। କିନ୍ତୁ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍ଇପି) ଓ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟର ଏକ ଅଧ୍ୟୟନଭିତ୍ତିକ ରିପୋର୍ଟ ସୂଚିତ କରିଛି ଯେ ,କୋଭିଡ୍ ଜନିତ କ୍ଷତି ଭରଣା କରି ପରିସ୍ଥିତି ସୁଧାରିବା ପାଇଁ ଯାହା ନିବେଶ କରାଯାଇଛି ସେଥିମଧ୍ୟରୁ ମାତ୍ର ୧୮ ପ୍ରତିଶତ 'ଗ୍ରୀନ୍' ଅର୍ଥାତ ପରିବେଶ ଉପଯୋଗୀ । ଏହା ହିଁ ସମସ୍ୟା।

ବିଭିନ୍ନ ଦେଶର ସରକାର ଶୀଘ୍ର ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଚାହୁଁଥିବାରୁ ସେମାନଙ୍କୁ ମାନବ ପ୍ରଗତି ଓ କଲ୍ୟାଣର ମାନଦଣ୍ଡ ବଦଳାଇବାକୁ ହେବ। ନ ହେଲେ ସେମାନେ କରୁଥିବା ବିପୁଳ ନିବେଶ ବ୍ୟାପକ ତାରତମ୍ୟ ସୃଷ୍ଟି କରିବ ଏବଂ ଏହା ପରିବେଶର କ୍ଷତିକରିବ। ଏଭଳି କ୍ଷତି କୋଭିଡ୍ –୧୯ ଲାଗି ଭିତ୍ତି ସୃଷ୍ଟି କରିଛି। ଅବକ୍ଷୟମୁଖୀ ପରିବେଶ ଓ ବନ୍ୟଜନ୍ତୁ ତଥା ମଣିଷ ମଧ୍ୟରେ ବଢୁଥିବା ସମ୍ପର୍କ ଯୋଗୁଁ ସାର୍ସ– ସିଓଭି–୨ ଭୂତାଣୁ ପଶୁଙ୍କଠାରୁ ମଣିଷକୁ ସଂକ୍ରମିତ ହେଲା । ଏହି ଭୂତାଣୁ ମଧ୍ୟ କୋଭିଡ୍ –୧୯ର କାରଣ ପାଲଟିଲା। ଧୀରେ ଧୀରେ ଏହି ଭୂତାଣୁ ପରିବେଶଗତ ପରିସ୍ଥିତିକୁ ସାମ୍ନା କରି,ବ୍ୟାପକ ସାମାଜିକ ତାରତମ୍ୟ ମଧ୍ୟରେ ନିଜକୁ ଦୃଢ଼ କରିବା ପରେ ମହାମାରୀର ରୂପ ନେବାକୁ ସକ୍ଷମ ହେଲା । ଏହା ସ୍ୱାସ୍ଥ୍ୟଗତ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପ୍ରଳୟଙ୍କରୀ ପ୍ରଭାବ ପକାଇଲା। ଏପରିକି ଯେଉଁସବୁ ଦେଶ ପରିବେଶଗତ ଅବକ୍ଷୟ ଓ ସାମାଜିକ ତାରତମ୍ୟ ଦୂର କରିବା ଲାଗି ଲକ୍ଷ୍ୟ ରଖିଥିଲେ ତାହା ସେମାନଙ୍କ ଦ୍ୱାରା ମହାମାରୀ ପୂର୍ବରୁ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ପର୍ଯ୍ୟବସିତ ଅସ୍ଥାୟୀ ନିବେଶ ବା ବ୍ୟୟ ଯୋଗୁ ପ୍ରଭାବିତ ହେଲା । ଏହିସବୁ ଦିଶାହୀନ ନିବେଶ ପରିସ୍ଥିତିକୁ ଅଧିକ ଜଟିଳ କରିଦେଲା ଯାହାଦ୍ୱାରା ଆମେ ଆଜିର ସ୍ଥିତିରେ ପହଞ୍ଚିଲୁ । ଉଦାହରଣ ସ୍ୱରୂପ ଭାରତ, କାନାଡା, ଦକ୍ଷିଣ ଆଫ୍ରିକା ଓ ଚାଇନା ଭଳି ଦେଶ ସବୁଜ ସୁଧାର ବା ପରିବେଶ ସୁଧାରିବା ପାଇଁ ଅର୍ଥବ୍ୟବସ୍ଥା କରିଛନ୍ତି ସତ ,କିନ୍ତୁ ଏସବୁ ଦେଶରେ ଜୀବାଶ୍ମ ଇନ୍ଧନ ଆଧାରିତ ଶିଳ୍ପ ସବୁ ଛତୁ ଫୁଟିଲା ଭଳି ବଢିଚାଲିଛି। ତେବେ ଚୀନ୍ ସବୁଜ ସୁଧାର ଲାଗି ଏକ ଉତ୍କୃଷ୍ଟ ଯୋଜନା କରିଥିଲେ ବି ୨୦୨୦ର ପ୍ରଥମାର୍ଦ୍ଧରେ ଦେଶରେ ଅନେକ କୋଲ୍(କୋଇଲା)ପ୍ଲାଣ୍ଟ ବୃଦ୍ଧି ପାଇଥିଲା। ଦକ୍ଷିଣ ଆଫ୍ରିକା ଡିଜେଲ ଆଧାରିତ ଇଲେକ୍ଟ୍ରିକାଲ ଜେନେରେଟର ବ୍ୟବହାର ଯଥେଷ୍ଟ କମ୍ କରିବା ପାଇଁ ୩ଟି ନୂଆ ଶକ୍ତି ପ୍ରକଳ୍ପ କରିବା ପାଇଁ ଆଗକୁ ବଢିଛି। ଏଥିରେ ୩.୫ ବିଲିୟନ୍ ଡଲାର ନିବେଶ କରିବାକୁ ଯୋଜନା କରିଛି। କିନ୍ତୁ ସରକାରୀ ବିଦ୍ୟୁତ ଉଦ୍ୟୋଗ ଏସ୍କମ୍ ଏହା ପୂର୍ବରୁ ବିଶ୍ୱର ତୃତୀୟ ଓ ଚତୁର୍ଥ ବୃହତ୍ତମ କୋଇଲା ଆଧାରିତ ତାପଜ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା କରିଛି। ୪.୭ ମିଲିୟନ୍ ଲୋକ ବାସ କରୁଥିବା ମିଡେଲ୍ବର୍ଗର ଆଖପାଖ ଶିଳ୍ପାଞ୍ଚଳରେ ୧୨ଟି କୋଇଲା ଆଧାରିତ ତାପଜ ଶକ୍ତି ପ୍ରକଳ୍ପ ସ୍ଥାପନ ହୋଇଛି। ଏହାଛଡା କୋଇଲାରୁ ତରଳ ପେଟ୍ରୋଲିୟମ୍ ଉତ୍ପାଦନ କରୁଥିବା ଏକ ବିଶାଳ ବିଶୋଧନାଗାର ମଧ୍ୟ ପ୍ରତିଷ୍ଠା କରାଯାଇଛି। ଏସବୁ ଶିଳ୍ପ ଦ୍ୱାରା ବାର୍ଷିକ ଅଧିକରୁ ଅଧିକ ସବୁଜଗୃହ ଗ୍ୟାସ ନିର୍ଗମନ ହେଉଛି ଓ ଏହା ନରୱେ ଓ ପର୍ତ୍ତୁଗାଲରେ ନିର୍ଗତ ମୋଟ ଗ୍ୟାସ୍ ଠାରୁ ଅଧିକ। ପ୍ରତିବର୍ଷ ଏହି ଅଞ୍ଚଳରେ ଶ୍ୱାସକ୍ରିୟା ଜନିତ ରୋଗରେ ୩୦୦ରୁ ଅଧିକ ଲୋକଙ୍କର ଅକାଳ ମୃତ୍ୟୁ ଘଟୁଛି।

ଜଙ୍ଗଲ ଧ୍ୱଂସ, ଚାରଣ ଜମିରେ ଚାଷ ଏବଂ ସଡ଼କ ନିର୍ମାଣ ଏବଂ ମଧୁର ଜଳ ପ୍ରଦୂଷଣ କରିବା ଆଦି କାର୍ଯ୍ୟ ପରିବେଶର କ୍ଷତି କରୁଛି। ଏହା ସବୁବେଳେ ବ୍ୟାପକ ଭାବେ କରାଯାଉଛି। କୋଟି କୋଟି ଲୋକଙ୍କ ଜୀବନ ଜୀବିକା ଏହି ସବୁ ପ୍ରାକୃତିକ ସଂଶାଧନ ଉପରେ ନିର୍ଭରଶୀଳ। ଭାରତର ଗ୍ରାମାଞ୍ଚଳରେ ରହୁଥିବା ୪୭% , ଇଣ୍ଡୋନେସିଆରେ ପାଖାପାଖି ୭୫% ଏବଂ ବ୍ରାଜିଲ୍ର ଉତ୍ତର ଆମାଜନରେ ୮୯% ଗରିବ ପରିବାରର ଏହା ଆୟର ଉତ୍ସ। ଆଫ୍ରିକାର ଉପ ସାହାରାଞ୍ଚଳରେ ୭୦%ରୁ ଊର୍ଦ୍ଧ୍ୱ ଲୋକ ଜଙ୍ଗଲ ଏବଂ ଜଙ୍ଗଲଜମି ଉପରେ ନିର୍ଭର କରିଥାଆନ୍ତି। ଆମର ବଞ୍ଚିବାର ଧାରାକୁ ପରିବର୍ତ୍ତନ କରିବାକୁ ହେଲେ ମାନବ ବିକାଶ ଏବଂ ସାମାଜିକ ପ୍ରଗତିକୁ ଆମେ ଯେଉଁଭଳି ଆକଳନ କରୁଛେ ବା ଏଥିପାଇଁ ଯେଉଁ ମାପଦଣ୍ଡ ଉପଯୋଗ କରୁଛେ ସେଥିରେ ଆମକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଉଚିତ ଦିଶାନିର୍ଦ୍ଦେଶ ସୂଚକ ବିନା ଆମ ଜୀବନ ଜୀବିକାକୁ ନିଶ୍ଚିତ କରୁଥିବା ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସୁଧାର ହାସଲ କରିବାକୁ ଆମେ ସକ୍ଷମ ହେବା ନାହିଁ। ମୋଟ ଘରୋଇ ଉତ୍ପାଦ ( ଜିଡିପି) କୁ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ତଥା ଉପଯୋଗୀ ମାପକ ବା ମାନଦଣ୍ଡ ଭାବେ ବହୁଳ ବ୍ୟବହାର କରାଯାଏ। ଏହା ମଧ୍ୟ ମାନବ କଲ୍ୟାଣ ସମ୍ପର୍କିତ ବହୁ ତଥ୍ୟ ଯୋଗାଇ ଦିଏ। କିନ୍ତୁ ପରିବେଶକୁ କ୍ଷତି କରୁଥିବା ଓ ଅସମାନତା ପରିଣାମକୁ ଦୂର କରିବା ପାଇଁ ଏହା କୌଣସି ଦିଶାନିର୍ଦ୍ଦେଶ କରେ ନାହିଁ। ଭାଗ୍ୟବଶତଃ ଯେହେତୁ ଦେଶଗୁଡ଼ିକ ମହାମାରୀ ପରେ ସୁଧାର ଆଣିବା ଲାଗି ବ୍ୟୟ କରିବାକୁ ଯୋଜନା କରିଛନ୍ତି , ସେମାନେ ଏକ ନୂଆ ପଦ୍ଧତି ଉପରେ ବିଚାର କରିପାରନ୍ତି। ତାହା ହେଉଛି ପ୍ଲାନେଟାରି–ପ୍ରେସର୍ସ ଆଡଜଷ୍ଟେଡ୍ ଡେଭଲପ୍ମେଣ୍ଟ ଇଣ୍ଡେକ୍ସ (ପିଏଚ୍ଡିଆଇ)। ଏହା ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଏବଂ ଏହାର ସହଭାଗୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି।

ପିଏଚ୍ଡିଆଇ ମାନବ ପ୍ରଗତିର ଏକ ମାନଦଣ୍ଡ। ଏହା ଦାରିଦ୍ର୍ୟ, ଅସମାନତା ଏବଂ ବିଶ୍ୱରେ ପରିବେଶଗତ ଚାପ ଆକଳନ କରିଥାଏ। ଏହା କେବଳ ଦେଶର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଶୈଳୀ ଆକଳନ କରି ନ ଥାଏ ,ବରଂ ସେହି ଦେଶର କାର୍ବନ ଡାଇଅକ୍ସାଇଡ ନିର୍ଗମନ ଏବଂ ବିଭିନ୍ନ ଉତ୍ସରୁ ନିର୍ଗତ ସାମଗ୍ରୀର ଆକାରକୁ ଆକଳନ କରିଥାଏ। ଏହି ପଦ୍ଧତିରେ ଶେଷକୁ ଏକ ସୂଚକାଙ୍କ ମିଳିଥାଏ। ଉଭୟ ଲୋକ ଏବଂ ବିଶ୍ୱର ମଙ୍ଗଳକୁ ମାନଦଣ୍ଡ ଭାବେ ଯଦି ମାନବଜାତିର ପ୍ରଗତି ଆକଳନ କରିବାରେ ଉପଯୋଗ କରାଯାଏ, ତେବେ କିଭଳି ପ୍ରାଥମିକତା ଆଧାରରେ ବିକାଶର ଧାରାକୁ ପରିବର୍ତ୍ତନ କରାଯିବ ସେ ସମ୍ପର୍କରେ ଏହି ସୂଚକାଙ୍କ ହିଁ ଦିଶା ନିର୍ଦ୍ଦେଶ କରିଥାଏ। ଏହି ପଦ୍ଧତିକୁ ଉପଯୋଗ କରି ୟୁଏନ୍ଡିପିର ମାନବ ବିକାଶ ସୂଚକାଙ୍କ ଆଧାରରେ ଅତି ଅଧିକ ମାନବ ବିକାଶ ଗ୍ରୁପରେ ରହିଥିବା ୫୦ରୁ ଅଧିକ ଦେଶକୁ ବାଦ ଦିଆଯାଇଛି। ଅନ୍ୟ ପକ୍ଷରେ କୋଷ୍ଟାରିକା, ମୋଲଡୋଭା ଏବଂ ପାନାମା ଭଳି ଦେଶ ସୂଚକାଙ୍କରେ ଅତି କମ୍ରେ ୩୦ ସ୍ଥାନ ଉପରକୁ ଉଠିଛନ୍ତି। ପ୍ରକୃତିର ସୁରକ୍ଷା କଲେ କୋଟି କୋଟି ଲୋକଙ୍କ ମଙ୍ଗଳ ହେବ ଏଭଳି ନୀତି ଆପଣାଇ ସେମାନେ ଭଲ ସ୍ଥିତିରେ ପହଞ୍ଚିଛନ୍ତି।

ଜିଡିପି ଆର୍ଥିକ ତଥା ମାନବ ପ୍ରଗତି ଆକଳନ କରିବାରେ ଏକ ଜଣାଶୁଣା ମାନଦଣ୍ଡ ବୋଲି କେହି ଯୁକ୍ତି ବାଢିପାରନ୍ତି। ସେମାନେ ଏହା ମଧ୍ୟ କହିପାରନ୍ତି ଯେ, ପିଏଚ୍ଡିଆଇ ତ୍ୱରିତ ତଥା ପ୍ରାଥମିକତା ଆଧାରରେ ବିକାଶ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଶଗୁଡ଼ିକ ପାଇଁ ଜଟିଳ ହେବ। କିନ୍ତୁ ଏହା ଭୁଲ ଧାରଣା। ନୂଆ ସୂଚକାଙ୍କ ପରିବେଶ ଓ ସାମାଜିକ ସମ୍ପର୍କିତ ସ୍ଥାୟୀ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ସହ ଏହାକୁ ଆକଳନ କରିବାରେ ସକ୍ଷମ ହୋଇଥାଏ। ଏହା ମଧ୍ୟ ଦେଶର ପ୍ରଗତିର ଏକମାତ୍ର ମୁଖ୍ୟ ମାନଦଣ୍ଡ ଭାବେ ନିର୍ଭର କରାଯାଉଥିବା ଜିଡିପିର ଏକ ସମ୍ପୂର୍ଣ୍ଣ ବିକଳ୍ପ ହୋଇପାରିବ। ଏକ ପୃଥକ ପଦ୍ଧତି ବିନା ଅସମାନତା ଏବଂ ପରିବେଶଗତ ସଙ୍କଟକୁ ବଢାଇ ଆମେ ଆଗକୁ ମହାମାରୀର ବିପଦକୁ ଆମନ୍ତ୍ରଣ କରିବା, ଏହା ନିଶ୍ଚିତ। ଏହି ଦୁଇଟି ଏକାବେଳେ ସଂଗଠିତ ହୋଇଥାଏ ଏବଂ ଶେଷରେ ଯେତେବେଳେ ବିପର୍ଯ୍ୟୟ ଆସେ ଆମେ ଠିକ୍ ସେହି ସମୟରେ ମାନବୀୟ ସହାୟତା ଚାହୁଁ। ଏହା ବଦଳରେ ସରକାର ପରିବେଶ ସଙ୍କଟ ଏବଂ ବର୍ଦ୍ଧିତ ଅସମାନତାକୁ ସମାଧାନ କରିବା ପାଇଁ ନୂଆ ମାନଦଣ୍ଡ ଗ୍ରହଣ କରିବା ଉଚିତ। ଏହାକୁ ଏବେ ଆରମ୍ଭ କରି ଏକ ଦୀର୍ଘକାଳୀନ ରଣନୀତିର ଏକ ଅଂଶ କରିବା ଦରକାର। ପ୍ରକୃତ ଘଟଣା ସରକାର ଆକଳନ କଲେ ସୁଧାର ଯୋଜନା କରିବାକୁ ସକ୍ଷମ ହେବେ, ଯାହାଦ୍ୱାରା ପରିବେଶର ଯତ୍ନ ନେବା ଓ ଅସମାନତା କମାଇବା କ୍ଷେତ୍ରରେ ଅଧିକ ଶକ୍ତି ଜୁଟାଇ ପାରିବେ। ମୋଟ ଉପରେ ସମସ୍ତଙ୍କ ପାଇଁ ଏକ ସମୃଦ୍ଧ ଏବଂ ସ୍ୱାସ୍ଥ୍ୟକର ଭବିଷ୍ୟତ ଗଢିବାରେ ମଧ୍ୟ ସରକାର ସକ୍ଷମ ହେବେ।

ରେସିଡେଣ୍ଟ ରିପ୍ରେଜେଣ୍ଟେଟିଭ, ୟୁନାଇଟେଡ୍ ନେଶନ୍ସ ଡେଭ୍ଲପ୍ମେଣ୍ଟ ପ୍ରୋଗ୍ରାମ

# ଅମୃତ ସମାନ ଅମ୍ଳଜାନ

ବୈଷ୍ଣବ ମେହେର

ମାନବ ସମାଜକୁ ଭୟ ଓ ଆତଙ୍କ ଭିତରେ ରଖିଥିବା କରୋନାର ଦ୍ୱିତୀୟ ଲହର ଦିନକୁଦିନ ସାଂଘାତିକ ରୂପ ନେବାରେ ଲାଗିଛି । ବିଶେଷଜ୍ଞଙ୍କ ଆକଳନ ଅନୁସାରେ ମେ' ମାସ ଶେଷ କିମ୍ବା ଜୁନ୍ ପ୍ରଥମାର୍ଦ୍ଧରେ ସଂକ୍ରମଣର ଲହର ଶୀର୍ଷ ଛୁଇଁବ । ଅର୍ଥାତ ସଂକ୍ରମଣ ମାତ୍ରା ଆସନ୍ତା କିଛି ସପ୍ତାହ ଯାଏ ଅଧିକ ପ୍ରଖର ହେବ । ଏବେ ଗୁରୁତର ରୋଗୀଙ୍କ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଆନୁଷଙ୍ଗିକ ବ୍ୟବସ୍ଥାରେ ଘୋର ସମସ୍ୟା ଦେଖାଦେଉଛି । ଦେଶରେ କେବଳ ଟିକା ଅଭାବ ନୁହେଁ ଅନେକ ସ୍ଥାନରେ ବେଡ୍, ଔଷଧ, ଭେଣ୍ଟିଲେଟର, ଆଇସିୟୁର ଅଭାବ ସହ ବିଶେଷକରି ଜୀବନ ରକ୍ଷାକାରୀ ଅମ୍ଳଜାନର ଅଭାବ ଏକ ଅଭାବନୀୟ ସ୍ଥିତି ସୃଷ୍ଟି କରୁଛି ।

କରୋନାରେ ଆକ୍ରାନ୍ତ ରୋଗୀ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ସୃଷ୍ଟି ହେବା କରୋନାର ମୁଖ୍ୟ ଓ ଗୁରୁତର ଲକ୍ଷଣ ବୋଲି କୁହାଯାଉଛି । ତେଣୁକରି ଗୁରୁତର କରୋନା ରୋଗୀଙ୍କୁ ଭେଣ୍ଟିଲେଟର ସୁବିଧା ଦେବା ନିହାତି ଆବଶ୍ୟକ ହୋଇଥାଏ । ଭେଣ୍ଟିଲେଟର ଶରୀରର ଫୁସ୍ଫୁସ ସହ କାମ କରିଥାଏ । ଭେଣ୍ଟିଲେଟର ସହିତ ସଂଲଗ୍ନ ଗ୍ୟାସ୍ ଟ୍ୟୁବ ମାଧ୍ୟମରେ କରୋନା ଆକ୍ରାନ୍ତଙ୍କୁ କୃତ୍ରିମ ଉପାୟରେ ଆବଶ୍ୟକ ଅମ୍ଳଜାନ ଯୋଗାଇ ଦିଆଯାଇଥାଏ । ଫଳରେ କରୋନା ଆକ୍ରାନ୍ତଙ୍କ ଦେହରେ ଆବଶ୍ୟକ ଅମ୍ଳଜାନ ପହଞ୍ଚିପାରିଥାଏ । ବର୍ତ୍ତମାନ ଏତେସଂଖ୍ୟକ କରୋନା ରୋଗୀଙ୍କ ଶ୍ୱାସ ପ୍ରକ୍ରିୟାକୁ ସ୍ୱାଭାବିକ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ଯୋଗାଣ ନିହାତି ଜରୁରୀ ହୋଇପଡ଼ିଛି। ନିକଟରେ ମଧ୍ୟପ୍ରଦେଶର ସହଡ଼ୋଲ ମେଡ଼ିକାଲ କଲେଜରେ ଅମ୍ଳଜାନ ଅଭାବରୁ ୧୨ ଜଣ କରୋନା ରୋଗୀଙ୍କ ମୃତ୍ୟୁ ହୋଇଥିବା ଖବର ଆସିଥିଲା। ଅନ୍ୟ ଏକ ଘଟଣାରେ ଗତ ମଙ୍ଗଳବାର ଭୋପାଳର ପିପୁଲ୍ସ ମେଡ଼ିକାଲ କଲେଜରେ ଅମ୍ଳଜାନ ଅଭାବ କାରଣରୁ ୧୦ ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଯାଇଛି। ଗତ ଦୁଇ ସପ୍ତାହରେ କେବଳ ମଧ୍ୟପ୍ରଦେଶରେ ଅମ୍ଳଜାନ ଅଭାବ ଘଟି ୫୬ ଜଣ କରୋନା ରୋଗୀଙ୍କ ଅକାଳ ବିୟୋଗ ଘଟିଛି । କିନ୍ତୁ ବୁଧବାର ମହାରାଷ୍ଟ୍ରର ଡାକ୍ତର ଜାକିର ହୁସେନ୍ ହସ୍ପିଟାଲଠାରେ ଅମ୍ଳଜାନ ନ ପାଇ ୨୪ ଜଣ କରୋନା ରୋଗୀଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁଃଖଦାୟକ ବୋଲି କୁହାଯାଇପାରେ। ଅକ୍ସିଜେନ ଟ୍ୟାଙ୍କର ଲିକ୍ ଯୋଗୁ ଏଠାରେ ସପ୍ଲାଇ ବନ୍ଦ ଥିବା କାରଣରୁ ହଠାତ ଜୀବନ ରକ୍ଷାକାରୀ ଅମ୍ଳଜାନର ଅଭାବ ଘଟିଥିବା କୁହାଯାଉଛି। ସର୍ବାଧିକ କରୋନା ପ୍ରଭାବିତ ବାର ଗୋଟି ରାଜ୍ୟ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ, ଉତ୍ତରପ୍ରଦେଶ, କର୍ନାଟକ, କେରଳ, ପଞ୍ଜାବ, ହରିୟାଣା, ତାମିଲନାଡୁରେ କରୋନା ସ୍ଥିତି ଅଧିକ ସାଂଘାତିକ ହେଉଥିବା ସହ ଅବଶିଷ୍ଟ ଦେଶରେ ମଧ୍ୟ ଆଶାଧିକ ରୋଗୀ ଚିହ୍ନଟ ହେଉଥିବାରୁ ଆଗକୁ ଅମ୍ଳଜାନ ସଙ୍କଟ ଆହୁରି ଜଟିଳ ହୋଇପାରେ ବୋଲି ଆଶଙ୍କା ସୃଷ୍ଟିହେବା ସ୍ୱାଭାବିକ। ଦେଶର ବିଭିନ୍ନ ଡାକ୍ତରଖାନାରେ ଅମ୍ଳଜାନ ପାଇବା ପାଇଁ ରୋଗୀଙ୍କ ପରିବାର ଲୋକ ଲମ୍ବା ଲାଇନ ଲଗାଇଥିବା ଚିତ୍ର ସାମ୍ନାକୁ ଆସିଛି। ଏଭଳି ପରିସ୍ଥିତିରେ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ଉପଲବ୍ଧ କରାଯାଇ ପାରିଲେ ହିଁ କରୋନାଜନିତ ଉପଚାର ସମ୍ଭବ ହେବ ଏବଂ କରୋନା ମୃତ୍ୟୁ ହାରକୁ ନିୟନ୍ତ୍ରଣ କରିହେବ।

ଭାରତରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ଘଟି ଚାଲିଛି। ଦେଶର ଜନସଂଖ୍ୟାକୁ ଦୃଷ୍ଟି ଦେଲେ ଏହି ମାତ୍ରା ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଉଛି । ରୋଗୀ ହାର ଅନୁସାରେ ଅମ୍ଳଜାନର ଚାହିଦାରେ ମଧ୍ୟ ଆଶାନୁରୂପ ବୃଦ୍ଧି ଘଟିବ । ମହାମାରୀ କରୋନା ପୂର୍ବରୁ ଦେଶର ହସ୍ପିଟାଲ ଓ କେୟାର ସେଣ୍ଟରଗୁଡ଼ିକ ପାଇଁ ୯୦୦ ଟନ୍ ଅମ୍ଳଜାନ ଆବଶ୍ୟକ ହେଉଥିଲା । କରୋନାର ପ୍ରଥମ ଲହର ସମୟରେ ଅମ୍ଳଜାନର ଆବଶ୍ୟକତା ୧୩୦୦ ଟନ୍କୁ ବୃଦ୍ଧି ପାଇଥିଲା । ଭାରତରେ ପ୍ରାୟ ୫୦୦ କାରଖାନା ରହିଛି ଯେଉଁଠି ବାୟୁରୁ ଅମ୍ଳଜାନ ଟାଣି ତାହାକୁ ଶୋଧନ କରାଯାଇ ବ୍ୟବହାର ଉପଯୋଗୀ କରାଯାଇଥାଏ ।

ଯଦି ଆମେ ଓଡ଼ିଶାର କଥା କହିବା ତେବେ ପ୍ରଥମ ଲହରର ସର୍ବାଧିକ ସଂକ୍ରମଣ (ପିକ୍) ସମୟରେ ଓଡ଼ିଶାରେ ସର୍ବାଧିକ ୧୬୧ ଲକ୍ଷ ଲିଟର ଅମ୍ଳଜାନର ଆବଶ୍ୟକତା ହେଉଥିଲା । ବର୍ତ୍ତମାନ ସଂକ୍ରମଣର ଦ୍ୱିତୀୟ ଲହରରେ ଆଗକୁ ଓଡ଼ିଶାରେ ଦୈନିକ ୧୦ ହଜାରରୁ ଅଧିକ ସଂକ୍ରମଣ ଚିହ୍ନଟ ହେବେ ବୋଲି ଆଶଙ୍କା କରାଯାଉଛି । ପ୍ରଥମ ଲହରର ପିକ୍ ସମୟରେ ଯେଉଁଠି ୮୦୦ ରୋଗୀଙ୍କୁ ଅମ୍ଳଜାନର ଆବଶ୍ୟକ ପଡୁଥିଲା ଏବେ ସେଠି ୧୮୦୦ ରୁ ୨୦୦୦ ରୋଗୀଙ୍କୁ ଅମ୍ଳଜାନର ଆବଶ୍ୟକତା ପଡ଼ିବ ବୋଲି କୁହାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗାଇଡ଼ଲାଇନ୍ ଅନୁସାରେ ପ୍ରତି ୧୦୦ ରୋଗୀଙ୍କ ପାଇଁ ଘଣ୍ଟାକୁ ୯୦ ହଜାର ଲିଟର ଅମ୍ଳଜାନ ଦରକାର ପଡ଼ିବ । ଅର୍ଥାତ ଦିନକୁ ପାଖାପାଖି ୨୨ଲକ୍ଷ ଲିଟର ଅମ୍ଳଜାନ ଆବଶ୍ୟକ ପଡ଼ିବ । ଏହି ହିସାବରେ ଦୁଇ ହଜାର ରୋଗୀଙ୍କ ପାଇଁ ୪୪୦ ଲକ୍ଷ ଲିଟର ଅମ୍ଳଜାନ ଦରକାର ହେବ।

କରୋନାକାଳରେ ଅମ୍ଳଜାନର ଉତ୍ପାଦନକୁ ବୃଦ୍ଧି କରାଯାଇ ଏହାର ସୁଷମ ଯୋଗାଣକୁ ଅଧିକ ଗୁରୁତ୍ୱ ଦିଆଯିବା ବର୍ତ୍ତମାନର ସବୁଠାରୁ ବଡ଼ ଆହ୍ୱାନ ହୋଇଛି। ମହାମାରୀ କରୋନା ରୋଗର ଉପଚାର ପାଇଁ ଅମ୍ଳଜାନ ହିଁ ଅମୃତ ଭଳି ଉପଯୋଗ ହେଉଛି। ଜୀବିକା ଅପେକ୍ଷା ଜୀବନର ଗୁରୁତ୍ୱ ଅଧିକ ଥିବାରୁ ଶିଳ୍ପସଂସ୍ଥା ଆଦି କ୍ଷେତ୍ରରେ ଅମ୍ଳଜାନର ବିନିଯୋଗକୁ ସୀମିତ କରି ପ୍ରଥମେ ମଣିଷ ଜୀବନ ରକ୍ଷା ଦିଗରେ ଅମ୍ଳଜାନର ବ୍ୟବହାରକୁ ସୁନିଶ୍ଚିତ କରାଗଲେ ଏହା ଲକ୍ଷ ଲକ୍ଷ କରୋନା ରୋଗୀଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣି ପାରିବ ।

ଶିକ୍ଷକ, ସିନାପାଲି, ନୂଆପଡ଼ା

## ଏଇ ଭାରତରେ

ପେସାରେ ଜଣେ ମେକାନିକାଲ ଇଞ୍ଜିନିୟର ହୋଇ ଡ. ସଲିମ୍ ଚାନ୍ଦିୱାଲା କୃଷକମାନଙ୍କ ଉନ୍ନତି ଲାଗି ଆଗକୁ ଆସିଛନ୍ତି। ସେ ସୁରଟର ସର୍ଦ୍ଦାର ବଲ୍ଲଭଭାଇ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇ ୨୦୧୯ରେ ଅବସର ନେବା ପରେ ଏକ ବାୟୋ–ଅର୍ଗାନିକ ଲିକ୍ୟୁଡ୍ ଫର୍ଟିଲାଇଜର ବା ଜୈବିକ ତରଳ ସାର ପ୍ରସ୍ତୁତ କରୁଛନ୍ତି। ୧୬ ପ୍ରକାର ମାଇକ୍ରୋନ୍ୟୁଟ୍ରିଷ୍ଟ ଓ ପଙ୍କରୁ ଏହି ସାର ତିଆରି କରୁଛନ୍ତି ସଲିମ୍। ପ୍ରତି ଲିଟର ତରଳ ସାରର ଦାମ ରଖିଛନ୍ତି ୬୫ ଟଙ୍କା। ବଜାରରେ ଉପଲବ୍ଧ ରାସାୟନିକ ସାର ମୂଲ୍ୟ ତୁଳନାରେ ଏହାକୁ ୨୦% କମ୍ ଦାମରେ ସେ ଚାଷୀମାନଙ୍କୁ ଦେଉଛନ୍ତି। ଏହି ସାରର ବିଶେଷତ୍ୱ ହେଉଛି,ଏହାକୁ ଖେତରେ ପ୍ରୟୋଗ କରିବା ଦ୍ୱାରା ୨୦% ଅଧିକ ଫସଲ ଉତ୍ପାଦନ ହୋଇପାରୁଛି। ସଲିମ୍ଙ୍କ ଦ୍ୱାରା ପ୍ରସ୍ତୁତ ସାରକୁ ଉପଯୋଗ କରି ଏବେ ସୁରଟରେ ୪୦୦ କୃଷକ ଉପକୃତ ହେଉଛନ୍ତି। ରାସାୟନିକ ସାର ଓ କୀଟନାଶକ ପ୍ରୟୋଗରେ ପନିପରିବା ଓ ଶସ୍ୟରେ ବଢୁଥିବା ବିଷାକ୍ତ ତତ୍ତ୍ୱ ଦୂର କରିବା ପାଇଁ ସେ ଏହା ପ୍ରସ୍ତୁତ କରିଛନ୍ତି ବୋଲି କହନ୍ତି ସଲିମ୍। ଏହି ସାର ପ୍ରୟୋଗ କରିବା ଯୋଗୁ କୀଟନାଶକ ବ୍ୟବହାର କରିବାକୁ ପଡୁନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଏପ୍ରିଲ ୧୯୯୬

- ଚେଚେନ୍ୟା ବିଦ୍ରୋହୀଙ୍କ ନୂତନ ନେତା ୪୪ ବର୍ଷ ବୟସ୍କ ଜେଲି ମଖ୍ୟାନ୍ୟାନ୍ଦର ବିୟେଭ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ସଂଘର୍ଷରେ ନିହତ।
- ଅହମଦ୍ନଗର–ଚିଡ୍ ରାସ୍ତାର ଜାମଖେଦାଠାରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଗଭୀର ଖାତକୁ ଖସିପଡ଼ିବା ଫଳରେ ୬ ମହିଳା ଓ ୩ ଶିଶୁଙ୍କ ସମେତ ୧୩ ମୃତ।
- ଭାରତୀୟ ମହିଳା କ୍ରିକେଟ ଦଳର ପୂର୍ବତନ ଅଧିନାୟିକା ପୂର୍ଣ୍ଣିମା ରାଓ ଇଂଲଣ୍ଡରେ ଇଂଲିଶ୍ କ୍ରିକେଟ ଲିଗ୍ ଖେଳିବାକୁ ଆମନ୍ତ୍ରିତ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | 4 | 8 | | | |
| | | | 6 | | | 2 | | |
| 3 | 7 | | 5 | | | | | |
| | 1 | | | | 9 | 3 | | 5 |
| | 3 | 6 | | | | | | |
| | | | | | | | 1 | |
| 7 | | | | 8 | 1 | | | |
| 5 | 2 | | | | 3 | 7 | | |
| | 4 | | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 5 | 9 | 8 | 3 | 1 | 6 |
| 6 | 5 | 9 | 1 | 4 | 3 | 8 | 7 | 2 |
| 1 | 3 | 8 | 6 | 2 | 7 | 9 | 5 | 4 |
| 9 | 8 | 4 | 7 | 6 | 5 | 2 | 3 | 1 |
| 5 | 6 | 2 | 4 | 3 | 1 | 7 | 8 | 9 |
| 3 | 7 | 1 | 9 | 8 | 2 | 4 | 6 | 5 |
| 7 | 9 | 6 | 3 | 1 | 4 | 5 | 2 | 8 |
| 8 | 4 | 5 | 2 | 7 | 6 | 1 | 9 | 3 |
| 2 | 1 | 3 | 8 | 5 | 9 | 6 | 4 | 7 |

ଗତକାଲିର ଉତ୍ତର

# ଜିଭ କାମୁଡ଼ିବା



ଡ. ସୁବାସ ଚନ୍ଦ୍ର ପାତ୍ର

ଜିଭ ମଣିଷ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଦୈନନ୍ଦିନ କଥୋପକଥନରେ ଜିଭ ଶବ୍ଦର ମଧ୍ୟ ବ୍ୟାପକ ବ୍ୟବହାର ପରିଲକ୍ଷିତ ହୁଏ। କେତେ ରୂଢ଼ି, ସଂଳାପ, ବାକ୍ଚାତୁରି ଏହି ଜିଭ ଶବ୍ଦକୁ ନେଇ ସମୃଦ୍ଧ। ଅବଶ୍ୟ ଜିଭ ଓ ଦାନ୍ତର ସମ୍ପର୍କକୁ ନେଇ ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ସମାଜ ବେଶ୍ ମୁଖର ଯଦିଓ ବିଜ୍ଞାନ ଏ ବାବଦରେ ଭିନ୍ନ କଥା କହେ।

ଜିଭ ଦାନ୍ତର ସମ୍ପର୍କ ପ୍ରାୟତଃ ଅହିଂସ, କିନ୍ତୁ ବେଳେବେଳେ ଦାନ୍ତ ଜିଭପ୍ରତି ହିଂସାତ୍ମକ ଆଚରଣ କରେ। ବିଜ୍ଞାନ ଏହାର ବ୍ୟାଖ୍ୟା କରି କହେ ଯେ, ପ୍ରକୃତରେ ଏ ଦୁହିଁଙ୍କ ଭିତରେ ଥିବା ସୁସଂହତ ସମ୍ପର୍କ ଅବା ସାମୟିକ ବିଚ୍ୟୁତି ପାଇଁ ଏମାନେ ଦାୟୀ ନୁହନ୍ତି। ମସ୍ତିଷ୍କରେ ଥିବା ନିଉରନମାନେ ଜିଭ ଓ ଦାନ୍ତର ସୁସଂହତ ଗତିକୁ ନିୟନ୍ତ୍ରଣ କରନ୍ତି, ଯାହାଫଳରେ ନରମ ଜିଭଟି ଧାରୁଆ ଦାନ୍ତ ହାବୁଡ଼ରେ ପଡ଼ି ଖାଦ୍ୟ ପାଲଟି ପାକସ୍ଥଳୀ ମଧ୍ୟକୁ ଯାଏ ନାହିଁ। ବେଳେବେଳେ ଏହି ନିଉରନମାନଙ୍କ କାର୍ଯ୍ୟଧାରା ଶର୍ଟ ସର୍କିଟର ଶିକାର ହୁଏ ; ଯାହାଫଳରେ ବିଚରା ଜିଭଟି କୌଣସି ଏକ ଦାନ୍ତର ଆକ୍ରମଣରେ କ୍ଷତିଗ୍ରସ୍ତ ହୁଏ, ଯାହାକୁ ଆମେ ଜିଭ କାମୁଡ଼ିବା କହୁଁ ଏବଂ ଏହାକୁ ବିଭିନ୍ନ ରୂପରେ ଚିତ୍ରଣ କରୁ। କେହି କେହି ଏହାକୁ ଅନ୍ୟମନସ୍କତା, ଉଦ୍ବିଗ୍ନତା, ମାନସିକ ଚାପର ପରିଣାମ ବୋଲି କହନ୍ତି। ତେବେ ଜିଭ ଓ ଦାନ୍ତର ଏ ପ୍ରକାର ଅନିୟନ୍ତ୍ରିତ ଓ ଅନିଚ୍ଛାକୃତ ସମ୍ପର୍କ ଆମ ଭାଷା, ସାହିତ୍ୟ, ସମାଜ ଓ ସଂସ୍କୃତିର ଉପାଦନ ନୁହେଁ। ଇଚ୍ଛାକୃତ ଭାବରେ ଆମେ ଯେଉଁ ଜିଭ କାମୁଡୁ ବା କାମୁଡ଼ିବାର ଅଭିନୟ କରୁ ତାହାକୁ ନେଇ ଏମାନେ ରଦ୍ଧିମନ୍ତ।

ସାମାଜିକ ରୀତିନୀତିରେ ଜିଭ କାମୁଡ଼ିବାକୁ ଲାଜ ବା ସଂଭ୍ରମର ଏକ ଲକ୍ଷଣ ଅବା ଭୁଲ୍ କରି ତୁରନ୍ତ ଅନୁଶୋଚନା ପ୍ରକାଶ କରିବାର ଏକ ଭଙ୍ଗୀ ହିସାବରେ ବିଚାର କରାଯାଏ। ଲାଜରେ ଜିଭ କାମୁଡ଼ି ପକାଇବାରେ ଅସୁବିଧା ନାହିଁ କିନ୍ତୁ ଲାଜରେ ଜିଭ କାମୁଡ଼ି ପକେଇବା ଏବଂ ତୁରନ୍ତ ସେହି ଅବସ୍ଥାରେ ଶୋଇପଡ଼ି ଅନ୍ୟମାନଙ୍କ ମନରେ ଭ୍ରମ ଓ ଭୀତି ସଞ୍ଚାର କଲାଭଳି ଏକ ହାସ୍ୟରସାତ୍ମକ ଚିତ୍ର ଅଙ୍କନ କରିଛନ୍ତି ପ୍ରଖ୍ୟାତ ସାରସ୍ୱତ ସାଧକ ମନୋଜ ଦାସ ତାଙ୍କ 'ଭୋଳାଅଜା' ଗଳ୍ପରେ।

''ଅବଶିଷ୍ଟ ପଥ ଅତିକ୍ରମ କଲାବେଳେ ବାପା ଭୋଳାଅଜାଙ୍କ ସମ୍ପର୍କରେ ଯେଉଁ ସବୁ ସ୍ମୃତିକଥା ଶୁଣାଇଥିଲେ, ତହିଁ ମଧ୍ୟରୁ ଉଲ୍ଲେଖଯୋଗ୍ୟ ହେଲା, ଦିନେ ଅପରାହ୍ନରେ ସେ ଯୁଗର ତରୁଣ ଭୋଳାଅଜାଙ୍କୁ ଆମ ବାରଣ୍ଡାରେ ଜିଭକାମୁଡ଼ି ପଡ଼ିଥିବାର ଦେଖି ସମସ୍ତେ ଶଙ୍କି ଯାଇଥିଲେ। ବୁଝିବାବେଳକୁ, ଘଣ୍ଟାଏ ପୂର୍ବେ ତାଙ୍କ ବିବାହ ବିଷୟକ ଏକ ପ୍ରସ୍ତାବ ଶୁଣି ସେ ଲାଜରେ ଜିଭ କାମୁଡ଼ି ପକାଇଥିଲେ ଓ ପରେ ପରେ ନିଦରେ ଶୋଇପଡ଼ି ଜିଭଟି ସମ୍ବରଣ କରିବାକୁ ପାସୋରି ପକାଇଥିଲେ।''

ଭୋଳାଅଜାଙ୍କର ଜିଭ ବି ଥିଲା ନିଜର, ଦାନ୍ତ ବି ଥିଲା ନିଜର। କିନ୍ତୁ ଯେତେବେଳେ ଜଣଙ୍କର ଜିଭ ଏବଂ ଅନ୍ୟଜଣଙ୍କର ଦାନ୍ତ ଭିତରେ କୌଣସି ପରିସ୍ଥିତିରେ ସମ୍ପର୍କ ସ୍ଥାପନ ହୁଏ ସେଠି ଭୋଳାଅଜାଙ୍କ ଲାଜ ପ୍ରକାଶ ପାଏନି, ପ୍ରକାଶ ପାଏ ଅନ୍ୟ କିଛି। ଏହି ସମ୍ପର୍କକୁ ନେଇ ଏକ ରୋଚକ ଖବର ପ୍ରକାଶ ପାଇଥିଲା ବେଶ୍ କିଛିବର୍ଷ ତଳେ ଇଂଲିଶ ଖବରକାଗଜରେ ଫିଲିପାଇନ୍ସରେ ଘଟିଥିବା ଏକ ଦୁଃଖଦାୟକ ତଥା କୌତୂହଳପୂର୍ଣ୍ଣ ଘଟଣାକୁ ନେଇ। ଭାରି ନାଟକୀୟ ଢଙ୍ଗରେ ଖବରଟି ପରିବେଷିତ ହୋଇଥିଲା। ଥାନାରେ ପହଞ୍ଚିଲେ ଜଣେ ଭଦ୍ର ମହିଳା। ଗୋଟିଏ କାଗଜରେ ବେଶ୍ ସନ୍ତର୍ପଣରେ ମୋଡ଼ା ହୋଇଥିବା ଏକ କଞ୍ଚା, ତତଲା କଟାଜିଭଟିକୁ ଥାନାବାବୁଙ୍କ ଟେବୁଲ ଉପରେ ଥୋଇ ପଚାରିଲେ, 'କହି ପାରିବେ ଏ ଜିଭଟି କାହାର ?' ଥାନାବାବୁ ସ୍ତମ୍ଭୀଭୂତ ହୋଇଯିବାର ଦେଖି ସେ ଘଟଣାର ବର୍ଣ୍ଣନା କଲେ କିପରି ଘରୁ ଅଫିସ ଆସୁଥିବା ବାଟରେ ବିପରୀତ ଦିଗରୁ ମୋଟରସାଇକେଲରେ ଆସୁଥିବା ଜଣେ ଉଦ୍ଭ୍ରାନ୍ତ ଯୁବକ ତାଙ୍କ ଆଗରେ ଅଚାନକ ମୋଟରସାଇକେଲ ରଖି ତାଙ୍କୁ ଚୁମ୍ବନ କରିବାକୁ ଲାଗିଲେ। ମହିଳାଙ୍କ ପ୍ରତିରୋଧ ଅତିବେଶି ଫଳପ୍ରଦ ହେଲାନାହିଁ। ପ୍ରବୃତ୍ତିବଶତଃ କିଛି ଗୋଟିଏ ଘଟଣା ଘଟିଲା ଏବଂ ପରମୁହୂର୍ତ୍ତରେ ଉନ୍ମାଦ ଯୁବକ ଚିତ୍କାର କରି ରକ୍ତାକ୍ତ ପାଟିରେ ମୋଟରସାଇକେଲ ଚଢ଼ି ପଳାୟନ କଲେ। ମହିଳା ଜଣକ ମାନସିକ ସ୍ଥିତାବସ୍ଥା ଫେରି ପାଇଲା ପରେ ପାଟି ଆଁ କରନ୍ତେ ହଠାତ୍ ଏକ କଟାଜିଭ ଖସି ପଡ଼ିଲା। ଭାରି ସତର୍କତାର ସହ ସେ ଜିଭଟିକୁ ସଂଗ୍ରହ କଲେ। ଥାନାବାବୁଙ୍କୁ ପ୍ରକୃତିସ୍ଥ କରିବା ପାଇଁ କହିଲେ 'ସଂଗୃହୀତ ଜିଭ, ଏଇଟି। ଆପଣ ଏହି ଜିଭ ଖଣ୍ଡିକ ନେଇ ସେହି ଅସାମାଜିକ ଯୁବକକୁ ଠାବ କରନ୍ତୁ, ମୋତେ ନ୍ୟାୟ ପ୍ରଦାନ କରନ୍ତୁ।' ଥାନାବାବୁ ତଥାପି ପ୍ରକୃତିସ୍ଥ ହୋଇ ନ ଥିଲେ। ସେ ବାରମ୍ବାର ଭଦ୍ରମହିଳା ତଥା ଟେବୁଲ ଉପରେ ସାକ୍ଷୀ ବନିଥିବା ଜିଅନ୍ତା ଜିଭଟିକୁ ଅନାଉଥାନ୍ତି। ଅବଶ୍ୟ ପରବର୍ତ୍ତୀ ସମୟରେ ସହରର ସମସ୍ତ ହସ୍ପିଟାଲ ଖାନ୍ତଲାସ ପରେ ଜିଭର ଅଧିକାରୀ ଯୁବକଟିକୁ ଠାବ କରାଗଲା ଏବଂ ବାକି କଥା ନିୟମ ଅନୁଯାୟୀ ଅନୁଷ୍ଠିତ ହେଲା। ଖବରଟିର ଶିରୋନାମାଟି ଥିଲା ମଜାଦାର, 'କିସ ମିସ୍, ଟଙ୍ଗ୍ ମିସ୍'। ବର୍ଣ୍ଣନାର ପ୍ରଥମ ଧାଡ଼ି ଥିଲା 'କିସ୍ ଏ ମିସ୍ ଏଣ୍ଡ ମିସ୍ ଏ ଟଙ୍ଗ୍' (ତରୁଣୀଟିକୁ ଚୁମ୍ବନ କରନ୍ତୁ ଆଉ ଜିଭ ହରାନ୍ତୁ) !

ଜିଭ କାମୁଡ଼ିବା ଏକ ଛୋଟକଥା ଭଳି ଜଣାପଡୁଥିଲେ ହେଁ ଏହାର ଅନ୍ତରାଳରେ ଥିବା ସାମାଜିକତ୍ୱ, ଏକ ଉଚ୍ଚ ସଂସ୍କାରର ବାର୍ତ୍ତାବହ। ଗୋଟିଏ ସଭ୍ୟତା ଓ ସଂସ୍କୃତିର ଆଭିଜାତ୍ୟ ଏହି ସଂସ୍କାରରୁ ଜଣାପଡ଼େ। ଜିଭ କାମୁଡ଼ିବା କଥା ମନକୁ ଆସିଲେ ମା'କାଳୀଙ୍କ ଛବି ମନକୁ ଆସେ। ସାଧାରଣ ଗ୍ରାମାଞ୍ଚଳରେ ମା' କାଳୀଙ୍କର ଏହି ମୁଦ୍ରାକୁ ସାମାଜିକ ସଂଭ୍ରମ ହିସାବରେ ବିଚାର କରାଯାଉଥିଲା ବେଳେ ମନୋଜ ଦାସ କିନ୍ତୁ ଏହାର ଏକ ଭିନ୍ନ ବ୍ୟାଖ୍ୟା ପ୍ରଦାନ କରିଛନ୍ତି। 'କାଳୀଙ୍କ ଗୋଟାଏ ପାଦ ପଛକୁ; ତାହା ଅତୀତ। ଅନ୍ୟ ପାଦଟି ସ୍ଥିତ ; ତାହା ବର୍ତ୍ତମାନ। କିନ୍ତୁ ଉଭୟପାଦ ସମନ୍ୱିତ ଭାବରେ ଗତିର ସୂଚନା ଦେଇଛନ୍ତି–ଅର୍ଥାତ୍ ଭବିଷ୍ୟତର ସୂଚନା'। 'ବର୍ତ୍ତମାନ' ଶବ୍ଦଟି ଚମତ୍କାର। ଆବର୍ତ୍ତିତ ମୁହୂର୍ତ୍ତ ପରେ ମୁହୂର୍ତ୍ତ ସର୍ବଦା ଚଳମାନ। ନିୟତ ତାହା ଅତୀତକୁ ଚାଲିଯାଉଛି। ଶିବ ଚିରନ୍ତନ କାଳ ; ଶୁଭ୍ର। ଚଳମାନ କାଳ ଅନ୍ଧକାରାଚ୍ଛନ୍ନ–କାଳୀ। ପରମୁହୂର୍ତ୍ତରେ କ'ଣ ହେବ ଆମେ ଜାଣୁନା। ସେହି ଆବର୍ତ୍ତଧର୍ମୀ ସମୟ ଯାହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମନ୍ୱିତ ତାହା ପ୍ରହେଳିକାମୟ। କିନ୍ତୁ କାଳୀ–ରୂପୀ କାଳର ଭିତ୍ତି ମହାକାଳ ଶିବ–ଚିରନ୍ତନ ଓ ଅକ୍ଷୟ। କାଳାତୀତ ସହ କାଳର ସମ୍ପର୍କର ଏହାଠୁ ଅଧିକ ଶକ୍ତିଶାଳୀ ଚିତ୍ର ଆଉ କ'ଣ ହୋଇପାରେ ?

(ମହାକାଳର ପ୍ରହେଳିକା...ପୃ.୧୩)

ଦାନ୍ତ ସିନା ଜିଭକୁ କାମୁଡ଼ି ଦିଏ, କିନ୍ତୁ ଜିଭ ସହିତ ଦାନ୍ତର ସମ୍ପର୍କ ବହୁତ ମଧୁର । କୁହାଯାଏ ଯେତେଥର ଦାନ୍ତ ଜିଭକୁ କାମୁଡ଼ି ଦେଲେ ବି ସେମାନେ ଏକାଠି ରହି କାମ କରନ୍ତି। ଦାନ୍ତ ଜିଭର ସମ୍ପର୍କ କ୍ଷମାଶୀଳ ନିବିଡ଼ତା ଉପରେ ପର୍ଯ୍ୟବସିତ। ମଣିଷମାନେ ଦାନ୍ତ ଓ ଜିଭର ସମ୍ପର୍କଠୁ କିଛି ଶିଖି ପାରନ୍ତେ କି ?

ପୂର୍ବତନ ଅଧ୍ୟକ୍ଷ, ଜେଲ୍ରୋଡ, ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ଅମ୍ଳଜାନ ଉତ୍ପାଦନ ବୃଦ୍ଧି କରାଯାଉ

ମହାଶୟ,

ଭାରତର ମେଡିକାଲ୍ଗୁଡ଼ିକରେ ଅମ୍ଳଜାନ ସିଲିଣ୍ଡର୍ ଅଭାବକୁ ମନୁଷ୍ୟକୃତ ବୋଲି କହିବା ଭୁଲ୍ ହେବନାହିଁ। ଦେଶରେ ଦୈନିକ ୭୫୦୦ମେଟ୍ରିକ ଟନ୍ ଅକ୍ସିଜେନ୍ ପ୍ରସ୍ତୁତ ହେଉଥିଲେ ମଧ୍ୟ କରୋନା ପୀଡ଼ିତଙ୍କ ଚାହିଦା ଓ ଆବଶ୍ୟକତା ଅନୁଯାୟୀ ଅମ୍ଳଜାନ ଉତ୍ପାଦନର କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଉଚିତ ଥିଲା। ଅନ୍ତରୀକ୍ଷ ଅଭିଯାନରେ ସଫଳତାର ଶୀର୍ଷରେ ଏବଂ ନୂତନ ମେଡିସିନ୍ ଉଦ୍ଭାବନ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିବା ଭାରତରେ ଅମ୍ଳଜାନର ଅଭାବ ଯୋଗୁ ରୋଗୀମାନେ ମୃତ୍ୟୁବରଣ କରିବା କେତେଦୂର ନ୍ୟାୟସଙ୍ଗତ ତାହା ବିଚାର କରିବା ଆବଶ୍ୟକ। ଅକ୍ସିଜେନ୍ର ଆବଶ୍ୟକତା ପରିଲକ୍ଷିତ ହେବା ପରେ ସଂକ୍ରମିତଙ୍କ ଜୀବନ ବଞ୍ଚାଇବା ଲକ୍ଷ୍ୟ ରଖି ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ୍ ସିଲିଣ୍ଡର ଗଚ୍ଛିତ ରଖିବାର ପ୍ରୟାସ କରିଥିଲେ ହୁଏତ ଏ ପ୍ରକାର ଅଘଟଣକୁ ଏଡ଼ାଇ ଦିଆଯାଇପାରି ଥାଆନ୍ତା।

–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

### ଚିରନ୍ତନୀ

ମରଣ ଆସଇ ଲୁଚି ଚରଣ ଚଳାଇ ଧୀରେ
ଫୁଙ୍କିଯାଏ ଜୀବନର ଦୀପ
ନ ଦେଖାଇ ରୂପ ତା'ର ନ ଜଣାଇ ଆଗମନ
ନ ଶୁଣାଇ କାହିଁ ପାଦ ଟିପ ! (ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହିଳା ଆୟୋଗର ଶୁଣାଣି ୧୩ଦିନ ବାତିଲ

ଭୁବନେଶ୍ୱର, (ବ୍ୟୁରୋ): ଭୁବନେଶ୍ୱରରେ କରୋନା ସଂକ୍ରମଣ ସଙ୍ଗିନ ସ୍ଥିତି ସୃଷ୍ଟି କରିଛି। ସଂକ୍ରମଣ ଏଡ଼ାଇବା ସହ ସାଧାରଣ ଜନତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡିଶା ରାଜ୍ୟ ମହିଳା ଆୟାଗ ତା'ର ସମସ୍ତ ମାମଲାର ଶୁଣାଣିକୁ ୧୩ଦିନ ସ୍ଥଗିତ ରଖିଛି। ଆସନ୍ତା ମେ' ୧ରୁ ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ଶୁଣାଣିକୁ ବାତିଲ କରିଛି। ପରବର୍ତ୍ତୀ ଶୁଣାଣି ତାରିଖ ସଂକ୍ରାନ୍ତରେ ପକ୍ଷମାନଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯିବ ବୋଲି ଆୟୋଗର ଆବାହକ ସଚିବ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଦନ୍ତାହାତୀ ମୃତଦେହ ଜବତ



ବାମରା ବନଖଣ୍ଡରେ ଦନ୍ତାହାତୀର ମୃତଦେହ।

- ଆଘାତ ଲାଗି ରକ୍ତସ୍ରାବ ଯୋଗୁ ମୃତ୍ୟୁ
- ଅଢ଼େଇ ଫୁଟର ୨ ଦାନ୍ତ ଜବତ

ସମ୍ବଲପୁର,୨୯।୪(ବ୍ୟୁରୋ)

ସମ୍ବଲପୁର ଜିଲା ବାମରା ବନଖଣ୍ଡ କାନଡୁଙ୍ଗୁରୀ ନିକଟ ଏକ ବିଲରୁ ଗୁରୁବାର ସକାଳେ ଏକ ଦନ୍ତାହାତୀର ମୃତଦେହକୁ ବନ ବିଭାଗ ଜବତ କରିଛି। ବ୍ୟବଚ୍ଛେଦ ପରେ ଘଟଣାସ୍ଥଳରେ ହାତୀର ମୃତଦେହ ପୋତି ଦିଆଯାଇଛି। ଜମନକିରା ବ୍ଲକ ଭିଏଏସ୍ ରୁଦ୍ର ନାରାୟଣ ସାହୁ ବ୍ୟବଚ୍ଛେଦ କରିଥିଲେ। ଡାକ୍ତର ସାହୁଙ୍କ କହିବା ଅନୁସାରେ, ଦନ୍ତାହାତୀର ଶୁଣ୍ଢ ତଳେ ୧୧ ଇଞ୍ଚ ଚଉଡ଼ା ଓ ୪ ଇଞ୍ଚ ଗଭୀର କ୍ଷତ ରହିଛି। ଜିଆଇ ତାର କିମ୍ବା ଲୁହା ସାମଗ୍ରୀ ଆଘାତ ଲାଗି ଏହି କ୍ଷତ ହୋଇଥିବା ଜଣାପଡୁଛି। ପ୍ରଚୁର ରକ୍ତସ୍ରାବ ହେବାରୁ ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତ ଦନ୍ତାର ବୟସ ପ୍ରାୟ ୧୨ ବର୍ଷ ହେବ। ଅଢ଼େଇ ଫୁଟ ଲମ୍ବର ୨ଟି ଦାନ୍ତ ଜବତ ହୋଇଛି। ସେହିପରି ରେଞ୍ଜର କ୍ରିଷ୍ଣା ଜାମଡଲିଆ କହିଛନ୍ତି, ନିକଟସ୍ଥ ରେଙ୍ଗାଲି ଡିଭିଜନରେ ହାତୀପଲ ରହିଛନ୍ତି। ଗୋଟିଏ ହାତୀପଲର ଦନ୍ତାମାନେ ଅନ୍ୟ ପଲର ଦନ୍ତାକୁ ଆକ୍ରମଣ କରନ୍ତି। ହାତୀଙ୍କ ଆକ୍ରମଣରେ ଦନ୍ତା ଆହତ ହୋଇଥିବା ଜଣାପଡିଛି। ଅନ୍ୟପଟେ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ହାତୀ ମୃତଦେହରେ ଫୁଲ, ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିଥିଲେ।

# 'ସ୍ୱଳ୍ପମିଆଦୀ ଋଣ କ୍ଷେତ୍ରରେ ସଫଳତା'

ଭୁବନେଶ୍ୱର, ୨୯।୪(ବ୍ୟୁରୋ)

୨୦୨୦-୨୧ ରବି ଫସଲ ନିମନ୍ତେ ସମବାୟ ସଂସ୍ଥା ଦ୍ୱାରା ସ୍ୱଳ୍ପମିଆଦୀ ଫସଲ ଋଣ ପ୍ରଦାନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟର ୧୦୬ ପ୍ରତିଶତ ସଫଳତା ହାସଲ ହୋଇଛି। ରାଜ୍ୟ ସରକାର ଚାଷୀଙ୍କୁ ରବି ଫସଲ ପାଇଁ ମୋଟ ୬୫୦୦ କୋଟି ଟଙ୍କାର ଫସଲ ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ସମବାୟ ବିଭାଗ ପକ୍ଷରୁ ମୋଟ ୬୮୬୯ କୋଟି ୯୦ ଲକ୍ଷ ୭୧ ହଜାର ଟଙ୍କା ଋଣ ଆକାରରେ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଗତବର୍ଷ ରବି ଫସଲ ନିମନ୍ତେ ୫୭୪୦ କୋଟି ୪୬ ଲକ୍ଷ ଟଙ୍କା ଫସଲ ଋଣ ଯୋଗାଇ ଦିଆଯାଇଥିବା ବେଳେ କୋଭିଡ୍ ସ୍ଥିତିରେ ରବି ଫସଲ ନିମନ୍ତେ ଋଣ ପ୍ରଦାନ କ୍ଷେତ୍ରରେ ସମବାୟ ସଂସ୍ଥାଗୁଡ଼ିକର ଏଭଳି ସଫଳତା ରାଜ୍ୟର କୃଷି କାର୍ଯ୍ୟକୁ ଆଗେଇ ନେବାରେ ସାହାଯ୍ୟ କରିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମନ୍ତ୍ରୀ ସ୍ୱାଇଁ ଆହୁରି କହିଛନ୍ତି, ରାଜ୍ୟ ସରକାର ଫସଲ ଋଣ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯୁଗ୍ମଦେୟ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନୂତନ ଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ସର୍ବଦା ପ୍ରାଥମିକତା ପ୍ରଦାନ କରୁଛନ୍ତି।

# ନିଶା ଦେଇ ଲକ୍ଷାଧିକ ଟଙ୍କାର ଗହଣା ଲୁଟ୍

## ବାନ୍ଧିଦେବା ସହ ନିଶା ପାନୀୟ ଦେଲେ

କୁଜଙ୍ଗ/ପାରାଦୀପ, ୨୯।୪(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ପାରାଦୀପ ଲକ୍ଥାନା ଅନ୍ତର୍ଗତ ଝିମାଣି ଗ୍ରାମର ଶଶିକାନ୍ତ ତରାଇଙ୍କ ଘରେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ପରିବାର ଲୋକଙ୍କୁ ନିଶାପାନୀୟ ପିଆଇ ନଗଦ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଛନ୍ତି। ଶଶିକାନ୍ତ ରାତିରେ ଘରେ ନ ଥିବା ବେଳେ ପ୍ରାୟ ୧୦ରୁ ୧୨ ଜଣ ଦୁର୍ବୃତ୍ତ ତାଙ୍କ ଶିଢ଼ିଘର ଦେଇ ଭିତରକୁ ପ୍ରବେଶ କରିଥିଲେ। ପ୍ରଥମେ ସେମାନେ ଶଶିକାନ୍ତଙ୍କ ସ୍ତ୍ରୀ ସଫଳା ଓ ପୁତୁରା ମୁନା ଶୋଇଥିବା ଘରେ ପ୍ରବେଶ କରି ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ପୁଅ,ବୋହୂଙ୍କ ଶୋଇବା ଘର କବାଟ ବାଡ଼େଇଥିଲେ। ସେମାନେ କବାଟ ଖୋଲିବା ମାତ୍ରେ ଦୁର୍ବୃତ୍ତମାନେ ମୁଣ୍ଡରେ ମଧ ବନ୍ଧୁକ ଲଗାଇବା ସହ ସମସ୍ତଙ୍କୁ ବାନ୍ଧି ଦେଇଥିଲେ। ଏହାପରେ ଜୋରଜବରଦସ୍ତ ନିଶା ପାନୀୟ ପିଆଇଦେଇଥିଲେ। ଫଳରେ ପରିବାର ଲୋକେ ଅଚେତ ହୋଇଯାଇଥିଲେ। ଏହାର ସୁଯୋଗ ନେଇ ଆଲମିରା ତାଡି ସେଥିରୁ ୩ଲକ୍ଷ ଟଙ୍କାର ସୁନାଗହଣା ସମେତ ନଗଦ ୨୦ହଜାର ଟଙ୍କା ଓ ପୋଷାକପତ୍ର ଆଦି ନେଇ ଚାଲିଯାଇଥିଲେ। ଶଶିକାନ୍ତ ଗୁରୁବାର ସକାଳେ ଘରକୁ ଫେରିବାବେଳକୁ ପରିବାରର ୪ ସଦସ୍ୟଙ୍କୁ ଅଚେତ ଅବସ୍ଥାରେ ପାଇଥିଲେ। ତୁରନ୍ତ ସେମାନଙ୍କୁ ଅଠରବାଙ୍କୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପୁତୁରା ମୁନା ଚିକିତ୍ସାଧୀନ ଥିବାବେଳେ ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏ ନେଇ ସଫଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ, ପୋଲିସ ମାମଲା (ନଂ.୧୨୩/୨୧) ରୁଜୁକରିତଦନ୍ତଜାରିରଖିଛି।

# ୭ ଦିନରେ ଗଲାଣି ୨୫୧୬.୮୮୨ ଟନ୍ ଅକ୍ସିଜେନ୍

କଟକ ଅଫିସ, ୨୯।୪

କରୋନା ସଂକ୍ରମଣ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବ ଦେଖାଦେଇଛି। ଏଭଳି ସ୍ଥିତିରେ ସାରାଦେଶକୁ ମେଡିକାଲ ଅକ୍ସିଜେନ୍ ଯୋଗାଇଛି ଓଡ଼ିଶା। ଗତ ୭ ଦିନ ମଧ୍ୟରେ ଅନୁଗୋଳ, ରାଉରକେଲା, ଢେଙ୍କାନାଳ ଏବଂ ଯାଜପୁର ଜିଲାରୁ ୧୩୫ଟି ଟ୍ୟାଙ୍କର୍‌ରେ ୨୫୧୬.୮୮୨ ଟନ୍‌ରୁ ଅଧିକ ଅକ୍ସିଜେନ୍ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଆନ୍ଧ୍ରପ୍ରଦେଶକୁ ୪୨ ଟ୍ୟାଙ୍କର୍‌ରେ ୮୮୯.୫୫ ଟନ୍, ତେଲଙ୍ଗାନାକୁ ୩୮ ଟ୍ୟାଙ୍କର୍‌ରେ ୬୫୫.୯୨୯ ଟନ୍, ତାମିଲନାଡୁକୁ ୩ ଟ୍ୟାଙ୍କର୍‌ରେ ୫୩.୪୬ ଟନ୍, ହରିୟାଣାକୁ ୯ ଟ୍ୟାଙ୍କର୍‌ରେ ୨୧୬.୦୯୨ ଟନ, ମହାରାଷ୍ଟ୍ରକୁ ୬ ଟ୍ୟାଙ୍କର୍‌ରେ ୧୧୨.୦୬ ଟନ୍, ଛତିଶଗଡ଼କୁ ୭ ଟ୍ୟାଙ୍କର୍‌ରେ ୧୦୬.୬୮୧ ଟନ୍, ଉତ୍ତରପ୍ରଦେଶକୁ ୧୨ ଟ୍ୟାଙ୍କର୍‌ରେ ୨୧୨.୨୬ ଟନ୍, ମଧ୍ୟପ୍ରଦେଶକୁ ୧୮ଟି ଟ୍ୟାଙ୍କର୍‌ରେ ୨୭୦.୮୫ ଟନ୍ ଅକ୍ସିଜେନ୍ ପଠାଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ତେବେ ଏ ସମସ୍ତ ଟ୍ୟାଙ୍କରକୁ ରାଜ୍ୟର ସୀମା ପାର କରିବା ଯାଏ ଓଡ଼ିଶା ପୋଲିସ ପକ୍ଷରୁ ଗ୍ରୀନ୍ କରିଡର ମଧ୍ୟରେ ସ୍ୱତନ୍ତ୍ର ଏସ୍କର୍ଟ ପ୍ରଦାନ କରାଯାଇଥିବା ଏଡିଜି (ଆଇନଶୃଙ୍ଖଳା) ଯଶୱନ୍ତ ଜେଠୱା ସୂଚନା ଦେଇଛନ୍ତି।

# ପୁଣି ବାଘଛାଲ ଜବତ, ଜଣେ ଗିରଫ

ଭୁବନେଶ୍ୱର, (ବ୍ୟୁରୋ)/ ବାଉଁଶୁଣୀ, ୨୯।୪ (ଡି.ଏନ.ଏ.)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆଉଏକ ବାଘଛାଲ ଜବତ କରିଛି। ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ବନ୍ଧନଖୁଲା ଅଞ୍ଚଳରେ ଚଢ଼ାଉ କରି ଜଣେ ବନ୍ୟଜନ୍ତୁ ଶିକାରୀ ଓ ଚାଲାଣକାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଏକ କଲରରାପତିରିଆ ବାଘର ଛାଲି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ମନମୁଣ୍ଡା ଥାନା ବାଦଲଗୁଡ଼ା ଅଞ୍ଚଳର ମହେନ୍ଦ୍ର ଭାଇନା। ଜବତର ବାଘଛାଲର ବଜାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ। ଏନେଇ ତାଙ୍କ ବିରୋଧରେ ଏସ୍‌ଟିଏଫ୍ ମାମଲା (ନଂ.୧୭/୨୧) ରୁଜୁକରିକୋର୍ଟଚାଲାଣକରାଯାଇଛି। ଜବତବାଘଛାଲକୁ ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଯିବ। ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେନେଇ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ମହେନ୍ଦ୍ର ବାଘଛାଲକୁ ଏକ ବ୍ୟାଗ୍‌ରେ ପୂରାଇ ଡିଲ୍ ପାଇଁ ନେଉଥିଲେ। ଏ ସମ୍ପର୍କରେ ସୂଚନା ପାଇ ଏସ୍‌ଟିଏଫ୍‌ର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ କାବୁ କରିଥିଲା। ସେ ଧରିଥିବା ବ୍ୟାଗକୁ ଯାଞ୍ଚ ପରେ ସେଥିରୁ ବାଘ ଛାଲ ମିଳିଥିଲା। ବନ୍ୟଜନ୍ତୁଙ୍କ ଅଙ୍ଗ ରଖିବା ନେଇ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବନ୍ୟଜନ୍ତୁ ଶିକାର ଓ ଚାଲାଣକୁ ରୋକିବା ପାଇଁ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଡ୍ରାଇଭ୍ ଚଳାଇଛି। ଗତ ବର୍ଷକ ମଧ୍ୟରେ ୧୪ ବାଘଛାଲ ସହ ୯ ହାତୀଦାନ୍ତ, ୨ ହରିଣ ଛାଲ, ୩ ଜୀଅନ୍ତା ବଜ୍ରକାପ୍ତା ସମେତ ୫ କେଜି ବଜ୍ରକାପ୍ତା କାତି ଜବତ କରାଯାଇଛି। ଏଥିସହିତ ୧୬ ମାମଲାରେ ୨୮ ଜଣଙ୍କୁ ଗିରଫ କରାଯାଇଛି।



BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279, 7656825022
Retamunda, Bhatigaon, Baragarh

# ଭିଜିଲାନ୍ସ ଜାଲରେ ତହସିଲଦାର



ଚକ୍ରଧର ପାଢ଼ୀ

ରାଇକିଆ,୨୯।୪(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆ ତହସିଲଦାର ଚକ୍ରଧର ପାଢ଼ୀ ଗୁରୁବାର ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି। ଏକ ପଥର ବୋଝେଇ ଟ୍ରାକ୍ଟରକୁ ଛାଡ଼ିବା ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଗିରଫ କରାଯାଇଛି। ତହସିଲଦାରଙ୍କ ସରକାରୀ ବାସଭବନ, କାର୍ଯ୍ୟାଳୟ ଓ ଯାଜପୁର ଜିଲାରେ ଥିବା ଘରେ ଚଢ଼ାଉ କରାଯାଇଛି। ଏ ନେଇ ନଂ. ୯/୨୧ରେ ଏକ ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଶାନ୍ତନୁ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ରାଇକିଆ ବ୍ଲକ ମଣ୍ଡାକିଆ ଗ୍ରାମର ସେନାପତି ପ୍ରଧାନ ଗତ ମଙ୍ଗଳବାର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏକ କୂଅ ଖୋଳିବା ପାଇଁ ଟ୍ରାକ୍ଟରରେ ପଥର ନେଉଥିଲେ। ତହସିଲଦାର ପାଢ଼ୀ ଟ୍ରାକ୍ଟର ଅଟକାଇ ୨ଲକ୍ଷ ଟଙ୍କା ଦାବି କରିଥିଲେ। ଏତେ ଟଙ୍କା ଦେବା ପାଇଁ ସେନାପତି ଅମଙ୍ଗ ହେବାରୁ ୫୦ ହଜାର ନେଇ ଟ୍ରାକ୍ଟର ଛାଡ଼ିବେ ବୋଲି ପାଢ଼ୀ ରାଜି ହୋଇଥିଲେ। ସେନାପତି ବୁଧବାର ୧୦ ହଜାର ଦେଇଥିଲେ। ବାକି ୪୦ ହଜାର ଗୁରୁବାର ଦେବାକୁ ତହସିଲଦାର କହିଥିଲେ। ଏ ନେଇ ସେନାପତି ଭିଜିଲାନ୍ସରେ ଜଣାଇଥିଲେ। ତହସିଲଦାରଙ୍କୁ ବାକି ୪୦ ହଜାର ଟଙ୍କା ଦେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

## OFFICE OF THE MUNICIPAL COUNCIL, BRAJRAJNAGAR

No.C-182:- **E-Procurement Notice**

**Bid Identification No. BRJNRM-01/2021-22**

| | | |
|---|---|---|
| Total No. of works | : | 27 Nos. |
| Tender ID | : | 2021_ORULB_68036 |
| Tender Value | : | Rs.0.81 Lakhs to 19.90 Lakhs |
| Bid security | : | Rs.810.00 to Rs.19,900.00 |
| Available period | : | Dt.29.04.2021, 11.00 A.M. to 11.05.2021, 05.00 P.M. |
| Tender opening date | : | 15th May 2021, 11.00 A.M. |

Bidders are requested to participate in advance with their Class-II and Class-III Contractor DSC before the closing date.
Further details please visit: www.tendersorissa.gov.in

**Sd./- Executive Officer,**
**Brajrajnagar Municipality**
OIPR-13099/11/0001/2122

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**E-procurement Notice**

**NIT No.: OMC/E-PROC/CMC/33/2021** dated 29.04.2021
No. CAD-204

| | | |
|---|---|---|
| 1. | Work name | Engagement of Agency for generation of environmental monitoring of data and rendering of mitigation measures |
| 2. | Availability of tender documents on the e-tendering portal of Government of Odisha | Date: 30.04.2021; Time: 11.00 AM |
| 3. | Bid Due Date | Date: 19.05.2021; Time: 5.00 PM |
| 4. | Opening of Techno-Commercial Bid | Date: 20.05.2021; Time: 11.00 AM |
| 5. | Opening of Price Bid | To be informed to the Technically Qualified Bidders |
| 6. | Tender Paper Fee (non-refundable) including GST | Amount: INR 5,900/- (Rupees Five Thousand Nine Hundred only) including GST @18% Payable online on the e-tender portal of Government of Odisha (www.tendersodisha.gov.in) |
| 7. | Earnest Money Deposit (EMD) | Amount: INR 1,00,000/- (Rupees One Lakh only) Payable online on the e-tender portal of Government of Odisha (www.tendersodisha.gov.in) |

All other details can be seen from the Tender Document available on the website of OMC (**www.omcltd.in**). OMC reserves the right to reject any or all bids without assigning any reason thereof.

**Sd./- Advisor (C&P)**
OIPR-30005/11/0014/2122

## OFFICE OF THE CHIEF DISTRICT MEDICAL & PHO-CUM-DISTRICT MISSION DIRECTOR
## DISTRICT PROGRAMME MANAGEMENT UNIT, DPMU, NHM, BARGARH

**Advt. No. 3863/DPMU/NHM, Bargarh** **Date: 29.04.21**

**WALK-IN-INTERVIEW FOR IN-HOUSE REPOSITIONING**

No. E-68: Walk-in-Interview will be conducted for the contractual employees currently working under NHM in the same position of OSH & FW society in other district, desiring to be posted in BARGARH District against the vacant post mentioned below.

| Sl. No. | Name of the Post | Vacancy | Date of Walk-in-Interivew |
|---|---|---|---|
| 1 | Logistic Manager (Logistic, PROMIS & Immunisation | 1 No. | Dt.07.05.2021 Regd. Time: 09.00 A.M. to 12.00 P.M. |
| 2 | Work Consultant (Junior Engineer) | 1 No. | |
| 3 | Block Accounts Manager | 1 No. | |

Interested in-house candidates of NHM may login **www.bargarh.nic.in** for details terms and conditions & application form etc. The eligible candidates may attend at Office of the **Chief District Medical & Public Health Officer, Bargarh on Dt.07.05.2021 from 09.00 A.M. to 12.00 P.M.** along with the required documents along with application form. No candidates will be allowed beyond the schedule time. The undersigned reserves the right to cancel/reject any or all the applications without assigning any reason thererof.

**Sd./- Chief District Medical & PHO cum DMD, Bargarh**
OIPR-10124/11/0004/2122

## GOVERNMENT OF ODISHA
## REVENUE AND DISASTER MANAGEMENT DEPARTMENT
## WITHDRAWAL NOTIFICATION

**No. RDM-LAA-MBJ-0051-2019 3933/ R&DM, Dated 4 FEB 2021**

No.XXI-02:- In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw an area of Ac. 0.35 out of the notified area of Ac. 16.85 as per the land schedule given below in Village- Kesharipur, P.S.- Baisinga No.8, Tahasil- Betnoti, Dist.- Mayurbhanj covered by Revenue & DM Department Notification No. 23198 dated 09.08.2019 published in the extraoridinary issue of the Odisha Gazette No. 1706 dated 05.09.2019 and Declaration No. 27885 dtd. 22.09.2020 acquired for construction of Baisinga Branch canal and Muktapur Minor under Subarnarekha Irrigation project of which possession has not been taken.

By order of the Governor
**Sd./- (Avaya Kumar Nayak)**
**Additional Secretary to Government**

**FORM 17 (A)**
**ପ୍ରତ୍ୟାହାର ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା-୭୦/୨୦୧୮
ଏ. ୦.୩୫ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିମନ୍ତେ**
**ମୌଜା- କେଶରୀପୁର, ଥାନା- ବୈଶିଙ୍ଗା ନଂ.-୮, ତହସିଲ- ବେତନଟୀ, ଜିଲା- ମୟୂରଭଞ୍ଜ**

| ଖାତା ନଂ. ଏବଂ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଅଧିସୂଚିତ ରକବା | ପ୍ରତ୍ୟାହାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୧୬ | ୪୮୦ | ୦.୦୧ | ୦.୦୧ | ୦.୦୧ | ଶାରଦ ଅଣଜଳ ସେଚିତ ଏକ | ପ୍ରବୀର ନନ୍ଦ ଗୋସ୍ୱାମୀ, ସୁଧୀର ନନ୍ଦ ଗୋସ୍ୱାମୀ, ପିତା- ପୂର୍ଣ୍ଣାନନ୍ଦ ନନ୍ଦ ଗୋସ୍ୱାମୀ, ଦେବ ନନ୍ଦ ଗୋସ୍ୱାମୀ, ଜା.- ବ୍ରାହ୍ମଣ, ବା.- ନିଜଗାଁ |
| ୧୧୭ | ୪୮୧ | ୨୦.୧୬ | ୨.୫୦ | ୦.୩୪ | ଚକ | ଶ୍ରୀ ରସିକ ରାଏ ମହାପ୍ରଭୁ ବିଜେ ନିଜଗାଁ ମାର୍ଫତ ବା:, ପୂର୍ଣ୍ଣାନନ୍ଦ ଦେବ ଗୋସ୍ୱାମୀ, ପି.- ରସିକାନନ୍ଦ ଦେବ ଗୋସ୍ୱାମୀ, ଜା.- ବ୍ରାହ୍ମଣ, ବା.- ନିଜଗାଁ |
| ମୋଟ | ୨ ପ୍ଲଟକୁ | ଏ.୨୦.୧୭ ଡେ.ମି. | ଏ.୨.୫୧ ଡେ.ମି. | ଏ.୦.୩୫ ଡେ.ମି. | | |

OIPR-24001/14/0009/2122

## GOVERNMENT OF ODISHA
## REVENUE AND DISASTER MANAGEMENT DEPARTMENT
## WITHDRAWAL NOTIFICATION

**No. RDM-LAA-MBJ-0009-2019 3921/ R&DM, Dated 4 FEB 2021**

No.XXI-08:- In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw an area of Ac. 0.67 out of the notified area of Ac. 0.92 as per the land schedule given below in Village- Bishnupur, P.S.- Baisinga No.9/1, Tahasil- Betnoti, Dist.- Mayurbhanj covered by Revenue & DM Department Notification No. 15482 dated 29.05.2019 published in the extraoridinary issue of the Odisha Gazette No. 1348 dated 26.07.2019 and Declaration No. 11406 dtd. 07.03.2020 acquired for construction of Baisinga Branch canal under Subarnarekha Irrigation project of which possession has not been taken.

By order of the Governor
**Sd./- (Avaya Kumar Nayak), Additional Secretary to Government**

**FORM 17 (A)**
**ପ୍ରତ୍ୟାହାର ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା-୭୫/୨୦୧୮
ଏ. ୦.୬୭ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିମନ୍ତେ**
**ମୌଜା- ବିଷ୍ଣୁପୁର, ଥାନା- ବୈଶିଙ୍ଗା ନଂ.-୯/୧, ତହସିଲ- ବେତନଟୀ, ଜିଲା- ମୟୂରଭଞ୍ଜ**

| ଖାତା ନଂ. ଏବଂ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଅଧିସୂଚିତ ରକବା | ପ୍ରତ୍ୟାହାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୭୫ | ୧୬୬ | ୧.୭୧ | ୦.୬୦ | ୦.୩୫ | ଶାରଦ ଅଣଜଳସେଚିତ ଏକ | ଭରତ ଚନ୍ଦ୍ର ପରିଡା, ପଞ୍ଚାନନ ପରିଡା, ଗଙ୍ଗାଧର ପରିଡା, ଗଦାଧର ପରିଡା, ଜଗନ୍ନାଥ ପରିଡା, ଚକ୍ରଧର ପରିଡା, ପି.- କାହ୍ନୁ ଚରଣ ପରିଡା, ଜା.- ଖଣ୍ଡାୟତ, ବା.- ନିଜଗାଁ, କିସ୍ମତ ଆଠଅଣା, ବା:, ବ୍ରଜ ମୋହନ ପରିଡା, ପି.- କୁଶ ପରିଡା, ଜା.- ଖଣ୍ଡାୟତ, ବା.- ନିଜଗାଁ, କିସ୍ମତ ଆଠ ଅଣା |
| (ସମପରିମାଣ ଶ୍ମଶାନ ପ୍ରତିବଦଳି) | | | | | | |
| ୧୯ | ୧୬୩ | ୦.୦୩ | ୦.୦୩ | ୦.୦୩ | ଶାରଦ ଅଣ ଜଳସେଚିତ ଏକ | କ୍ଷେତ୍ର ମୋହନ ପରିଡା, ପି.- ନରେନ୍ଦ୍ର ପରିଡା, ଜା.- ଖଣ୍ଡାୟତ, ବା.- ନିଜଗାଁ |
| | ୧୬୪ | ୦.୦୫ | ୦.୦୫ | ୦.୦୫ | ଶାରଦ ଅଣ ଜଳସେଚିତ ଏକ | |
| | ୧୬୫ | ୦.୪୭ | ୦.୧୦ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | |
| ୧୦୦ | ୧୬୧ | ୦.୫୪ | ୦.୧୦ | ୦.୧୦ | ଶାରଦ ଅଣ ଜଳସେଚିତ ଏକ | ସନାତନ ପରିଡା, ପି.- ନରେନ୍ଦ୍ର ପରିଡା, ଜା.- ଖଣ୍ଡାୟତ, ବା.- ନିଜଗାଁ |
| | ୧୬୨ | ୦.୦୪ | ୦.୦୪ | ୦.୦୪ | ଶାରଦ ଅଣ ଜଳସେଚିତ ଏକ | |

OIPR-24001/14/0015/2122

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF CONSTRUCTION ENGINEER, DEO IRRIGATION PROJECT, KARANJIA

AT/PO- KARANJIA, DIST-MAYURBHANJ-757037
Tel: 06796-296144, e-mail: cce.dip.dowr@gmail.com

**"e" Procurement Notice**
**Bid Identification No. 01/CCEDIP of 2021-22**

**No. A-84:-**

| | | |
|---|---|---|
| Name of Work | : | As per Detailed Tender Call Notice |
| Total No. of Packages | : | 03 (Three) Nos. of Individual work |
| Estimated cost of Package | : | As per DTCN |
| Period of Completion | : | As per DTCN |
| Class of Contractor | : | As per DTCN |
| Other Details | : | |

| Procurement Officer | Bid-Identification No. | Availability of tender on-line for bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 01/CCEDIP of 2021-22 (on-line) | **03.05.2021** at 10.00 AM | **18.05.2021** up to 05.00 PM |

Further details can be seen from the Govt. website **www.tendersorissa.gov.in**. Any addendum/corrigendum/cancellation of tender can also be seen in the said Website.

**Chief Construction Engineer,**
**Deo Irrigation Project, Karanjia**
OIPR-32337/11/0001/2122

**No. B-56**

## Government of Odisha
## OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK

E-mail.ID- sectcrb_2006@yahoo.co.in, Tel/Fax – 0671-2301751/2302751

**('e' – PROCUREMENT NOTICE)**
**Bid Identification No.S.E.Ctc.(R&B) 1/2021-22**

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road & Building work as mentioned below.
2. No. of work : 4 Nos.
3. Nature of work : Road & Building work.
4. Class of contractor : 'B', 'A' & Special Class.
5. Tender paper cost : Rs.10000/- (online)
6. Available of bid documents in the website. : **From 11.05.2021 to 16.00 Hours of 26.05.2021**
7. Date of opening of bid : Dt.27.05.2021 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Sd/- T.P.Mishra**
**Superintending Engineer, Cuttack(R&B)Circle**
OIPR-34012/11/0001/2122

## OFFICE OF THE MUNICIPAL COUNCIL, JEYPORE

**No. 1678** **Date: 27.04.2021**

**QUOTATION CALL NOTICE**

No. C-186: Sealed quotations are invited from the intending Firms/Dealers/Suppliers and Manufactures for installation LED based Solar Traffic signal light under Jeypore Municipality area for the year 2021-22. The rate should be quoted including of all taxes/transportation and other charges as per specification given below. The quotation should be received at Municipality office, Jeypore on or before 05.05.2021 by 1.00 P.M. and same will be opened on the same day at 3.00 P.M. in the presence of the quotationer or their authorized representatives if present. The EMD of Rs.5000/- should be furnished in the quotation paper in shape of Bank Draft/Banker's Cheque from any Nationalized Bank in favour of the Executive Officer Jeypore Municipality and attached the same along with the quotation paper. The quotations received after the due date and time shall not be entertained. The quotationer should quote the rate both in figure and words. If any alternation or over writing made in the quotation it should be attested by the quotationer. **the quotationer should submit the photo copy of PAN Card and GST registration certificates, experience certificated for relevant work along with the quotation paper**. The quotationer should have experienced having installation and operation of Solar based Traffic Signal in Odisha the work should be complete within 15 days after issue of the work order. The selected bidder should maintain the traffic light for 5 years from the date of installation and the maintenance charges will be paid annually. The selected bidder need to execute agreement with the Municipality for Annual maintenance of traffic light.

**FINANCIAL BID FORMAT**

| Sl. No. | Particulars | Unit | Quoted Amout | |
|---|---|---|---|---|
| | | | In Words | In Figures |
| 1 | Installation of Traffic Light System in Jeypore Municipality | 1 | | |
| 2 | Maintenance charges per year | 1 | | |

(Rate quoted is inclusive of all taxes)

Signature of the Bidder

The undersigned reserves the right to reject any or all the quotation without assigning any reason thereof.

**Sd./- Executive Officer, Jeypore Municipality**
OIPR-13079/11/0007/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଏପ୍ରିଲ, ୨୦୨୧

## ବେଙ୍ଗାଲୁରୁରେ କରୋନା ଆକ୍ରାନ୍ତ ଯୁବକଙ୍କ ମୃତ୍ୟୁ

ରାଜନଗର,(ଡି.ଏନ୍.ଏ.): ରାଜନଗର ବ୍ଲକ ଚାନ୍ଦି ବାଉଁଶମୂଳ ପଞ୍ଚାୟତ ବାହାରଗଡ ଗାଁର ହେମନ୍ତ ମହାନ୍ତି (୪୫) କରୋନାରେ ଆକ୍ରାନ୍ତ ହୋଇ ବେଙ୍ଗାଲୁରୁରେ ପ୍ରାଣ ହରାଇଛନ୍ତି। ହେମନ୍ତ ଦୀର୍ଘବର୍ଷ ହେଲା ବେଙ୍ଗାଲୁରୁରେ ଏକ କମ୍ପାନୀରେ କାମ କରୁଥିଲେ। ୬ଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ସେଠାରେ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିବା ନେଇ ସାଙ୍ଗଙ୍କୁ ଫୋନ କରି ଜଣାଇଥିଲେ। ତାଙ୍କର ଦୁଇଝିଅ ମଧ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।



### ସଂକ୍ଷେପରେ

## ରାସ୍ତା ପାର୍ଶ୍ୱରୁ ନବଜାତ ଶିଶୁର ମୃତଦେହ ଜବତ

ବିରିଡି,୨୯।୪(ଡି.ଏନ୍.ଏ.): ବିରିଡି ଥାନା ଅନ୍ତର୍ଗତ ବସନ୍ତପୁର-କଣ୍ଟୁଆର ରାସ୍ତା ପାର୍ଶ୍ୱରୁ ଗୁରୁବାର ସକାଳେ ପୋଲିସ ଏକ ନବଜାତ ଶିଶୁର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଶିଶୁଟି କାହାର ଜଣାପଡ଼ି ନ ଥିବା ବେଳେ ରାସ୍ତା ପାର୍ଶ୍ୱରେ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨/୨୧) ରୁଜୁ ହୋଇଛି।

## ରେଳ ଧାରଣାରେ ଗଲା ଯୁବକଙ୍କ ଜୀବନ

ଡେରାବିଶ,୨୯।୪(ସ୍ୱ.ପ୍ର.): ହରିଦାସପୁର-ପାରାଦୀପ ରେଳପଥ ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜଣେ ଯୁବକ ଗୁରୁବାର ରେଳ ଧାରଣାରେ ଚାପି ହୋଇଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ପଞ୍ଚାୟତର ଠାକୁରପାଟଣା ଗାଁର ସୁବାସ ଚନ୍ଦ୍ର ବେହେରା (୩୫)। କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ ସଦଳବଳେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରେଳ ଧାରଣା କଡ଼କୁ ଶୌଚ ପାଇଁ ଯାଇଥିବା ବେଳେ ମାଲବାହୀ ଟ୍ରେନ୍ ସୁବାସଙ୍କ ଉପରେ ଚଢ଼ି ଯାଇଥିଲା। ସୁବାସ ଜଣେ ଭୂମିହୀନ ଦିନ ମଜୁରିଆ। ପଞ୍ଚାୟତ ପୋଖରୀ ହୁଡ଼ାରେ ଏକ ଭଙ୍ଗା କୁଡ଼ିଆରେ ପରିବାର ସହ ରହୁଥିବା ସୁବାସଙ୍କ ୮ ବର୍ଷର ଝିଅ ଓ ୫ ବର୍ଷର ପୁଅ ଅଛନ୍ତି। ଖବରପାଇ ଜିଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ, ସାମାଜିକ କର୍ମୀ ପ୍ରାଧାପକ ଅଜୟ କୁମାର ରାଉତ ପ୍ରମୁଖ ତାଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତେବେ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ରାସ୍ତାରୋକୋ ପାଇଁ ୧୨ ଛାତ୍ରୀଛାତ୍ରଙ୍କ ନାମରେ ମାମଲା

କେନ୍ଦ୍ରାପଡ଼ା ଅଫିସ,୨୯।୪: ଯୁକ୍ତ ଦୁଇ ପରୀକ୍ଷା ବାତିଲ ପାଇଁ କେନ୍ଦ୍ରାପଡ଼ା ସହରର ତିନିମୁହାଣିଠାରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ୪ ଘଣ୍ଟା ଛାତ୍ରୀଛାତ୍ର ରାସ୍ତାରୋକୋ କରିଥିଲେ। ଏହି ରାସ୍ତାରୋକୋ ସେମାନଙ୍କ ପାଇଁ ମହଙ୍ଗା ପଡିଛି। ଏହାର ନେତୃତ୍ୱ ନେଉଥିବା ୧୨ ଜଣ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନଙ୍କ ନାମରେ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଆଇଆଇସି ଜ୍ୟୋତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି, ମହାମାରୀ ଆଇନ (୩), ବିପର୍ଯ୍ୟୟ ପରିଚାଳନା ଆଇନ ୫୧(ଖ), ଫୌଜଦାରି ସଂଶୋଧିତ ନିୟମ ୭ ଓ ଆଇପିସି ଧାରା ୧୪୭, ୧୮୬, ୨୮୩, ୧୪୯ ଅନୁଯାୟୀ, ଏହି ରାସ୍ତାରୋକୋ ପାଇଁ ନଂ. ୭୮/୨୧ରେ ମାମଲା ରୁଜୁ ହୋଇଛି। ରାସ୍ତାରୋକୋ ନେତୃତ୍ୱ ନେଇଥିବା ରାଜକିଶୋର ବେହେରା, ମୁକେଶ ରାଉତ, ସତ୍ୟଜିତ ଜେନା, ବ୍ରହ୍ମାନନ୍ଦ ମଲ୍ଲିକ, ପ୍ରଦୀପ କୁମାର ବିଶ୍ୱାଳ, ସତ୍ୟପ୍ରଜ୍ଞା ନାୟକ, ତୁଷାର କୁମାର ସାହୁ, ରାଜେଶ କୁମାର ସେଠୀ, ମୋନାଲିସା ବାରିକଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଅନ୍ୟ ୩ ଜଣଙ୍କୁ ଠାବ କରାଯାଉଛି।

# ପ୍ରଭାବିତ ହେବ ରକ୍ତଦାନ କାର୍ଯ୍ୟକ୍ରମ

- ଜିଲାରେ ଟିକା ଅପେକ୍ଷାରେ ୧୧ ଲକ୍ଷ ଲୋକ
- ଜିଲା ମୁଖ୍ୟାଳୟରେ ମାତ୍ର ୧୦ଦିନ ପାଇଁ ଅଛି ରକ୍ତ
- ଟିକା ପୂର୍ବରୁ ରକ୍ତଦାନ ପାଇଁ ଆହ୍ୱାନ

କେନ୍ଦ୍ରାପଡ଼ା ଅଫିସ, ୨୯।୪

ରାଜ୍ୟର ୧୧ ଜିଲା ପରି କେନ୍ଦ୍ରାପଡ଼ା ଜିଲାରେ କୋଭିଡ୍-୧୯ ଟିକାକରଣ ଗୁରୁବାର ବନ୍ଦ ରହିଛି। ଟିକା ନ ଥିବାରୁ ଟିକାକରଣ ହୋଇ ପାରିନାହିଁ। ତଥ୍ୟ ଅନୁଯାୟୀ, ଜିଲାର ପ୍ରାୟ ୧୧ ଲକ୍ଷ ଲୋକ ଟିକାକରଣ ଅପେକ୍ଷାରେ ଅଛନ୍ତି। ଅପରପକ୍ଷରେ ଟିକା ନେଉଥିବା ବ୍ୟକ୍ତି ମାସେ ପର୍ଯ୍ୟନ୍ତ ରକ୍ତଦାନ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି, ଯାହା ରକ୍ତଦାନ କାର୍ଯ୍ୟକ୍ରମକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୧୦ ଦିନ ପାଇଁ ରକ୍ତ ଗଚ୍ଛିତ ଥିବା ସୂଚନା ମିଳିଛି। ତେଣୁ ଟିକା ନେବା ପୂର୍ବରୁ ଯୁବବର୍ଗ ରକ୍ତଦାନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

କରୋନା ଦ୍ୱିତୀୟ ଲହରର ଗ୍ରାଫ୍ ଜିଲାରେ ୧୨ଦିନ ଧରି କ୍ରମାଗତ ଭାବେ ଉପରକୁ ଯାଉଥିବାରୁ ଟିକା ନେବା ପାଇଁ ଜିଲାବାସୀ ଅଧିକ ଆଗ୍ରହୀ ହୋଇଛନ୍ତି। ଗତ ୧୩ରୁ ୨୬ ତାରିଖ ପର୍ଯ୍ୟନ୍ତ ୫୦ ସଂଖ୍ୟା ମଧ୍ୟରେ ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ଦୁଇଦିନ ଧରି ଏହାର ଗ୍ରାଫ୍ ବଢ଼ିଚାଲିଛି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଜିଲାରେ ଚିହ୍ନଟ ସଂକ୍ରମିତଙ୍କ ସଂଖ୍ୟା ୯,୮୭୪ ହୋଇଥିବା ବେଳେ ୯,୩୭୬ ସୁସ୍ଥ ହୋଇଛନ୍ତି। ୪୬୮ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ଜିଲାର ଲୋକସଂଖ୍ୟା ୧୬ ଲକ୍ଷରୁ ଅଧିକ। ଏଥିମଧ୍ୟରୁ ୧୨,୧୦,୨୩୫ ଜଣ ୧୮ ବର୍ଷରୁ ଉର୍ଦ୍ଧ୍ୱ। ଜିଲାକୁ ୧,୭୭,୦୦୦ ଡୋଜ୍ ଟିକା ଅଦ୍ୟାବଧି ଆସିଥିବା ବେଳେ ୩୪ ହଜାର ଲୋକଙ୍କୁ ସମ୍ପୂର୍ଣ୍ଣ ଦୁଇ ଡୋଜ୍ ଲେଖାଏ ଦିଆଯାଇଛି। ଗତ ଜାନୁୟାରୀ ୧୬ରୁ ଆରମ୍ଭ ହୋଇଥିବା ଏହି ଟିକାକରଣରେ କୋଭିଡ୍ ଯୋଦ୍ଧାଙ୍କ ସମେତ ଅଦ୍ୟାବଧି ୬୦ ବର୍ଷରୁ ଉର୍ଦ୍ଧ୍ୱ ୯୩ ହଜାର ଲୋକଙ୍କୁ ଟିକା ଦିଆଯାଇଛି। ସେହିପରି ଟିକାକରଣର ତୃତୀୟ ପର୍ଯ୍ୟାୟରେ ୪୫ ବର୍ଷରୁ ୬୦ ମଧ୍ୟରେ ଥିବା ୬୦,୦୦୦ ଲୋକଙ୍କୁ ପ୍ରଥମ ଡୋଜ୍ ଟିକାକରଣ ହୋଇଛି। ପ୍ରାୟ ୧୧ ଲକ୍ଷ ଲୋକ ଟିକା ପାଇଁ ଅପେକ୍ଷା କରିଥିବା ତଥ୍ୟରୁ ସୂଚନା ମିଳିଛି। ଅପରପକ୍ଷରେ ଆସନ୍ତା ମେ ୧ରୁ ୧୮ରୁ ୪୫ ବର୍ଷ ମଧ୍ୟରେ ଥିବା ଯୁବବର୍ଗଙ୍କୁ ଟିକାକରଣ ହେବ ବୋଲି ଘୋଷଣା ହୋଇଛି। ସେହିପରି ଟିକାକରଣ ପରେ ମାସେ ପର୍ଯ୍ୟନ୍ତ ରକ୍ତଦାନ ହେବନାହିଁ। ଏହା ରକ୍ତ ସଂଗ୍ରହରେ ବାଧା ସୃଷ୍ଟି କରିବ ବୋଲି ସୂଚନା ମିଳିଛି। କେନ୍ଦ୍ରାପଡ଼ା ଜିଲାରେ ବର୍ଷକୁ ପ୍ରାୟ ୫ ହଜାର ୟୁନିଟ୍‌ର ରକ୍ତ ଆବଶ୍ୟକ ଅଛି। ଟିକାକରଣର ସମୟ ସହିତ ମେଳ କଲେ ଆସନ୍ତା ମେ, ଜୁନ, ଜୁଲାଇ ଓ ଅଗଷ୍ଟ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ବ୍ୟାହତ ହେବ। ୨୦୨୦ ମେ'ରେ ୯ଟି କ୍ୟାମ୍ପ ମାଧ୍ୟମରେ ୩୭୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ଜୁନ୍‌ରେ ୭ଟି କ୍ୟାମ୍ପରୁ ୩୦୧, ଜୁଲାଇରେ ୧୦ଟି କ୍ୟାମ୍ପରୁ ୪୫୨ ୟୁନିଟ୍ ଓ ଅଗଷ୍ଟରେ ୧୧ଟି କ୍ୟାମ୍ପ ମାଧ୍ୟମରେ ୪୮୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଦୈନିକ ୨୦ରୁ ୨୨ଟି ରକ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବହାର ହେଉଥିବା ବେଳେ ଆଗାମୀ ୧୦ ଦିନ ପାଇଁ ରେଡ୍‌କ୍ରସରେ ରକ୍ତ ଗଚ୍ଛିତ ଥିବା ଜଣାପଡିଛି। ଯୁବବର୍ଗ ଟିକାକରଣ ପୂର୍ବରୁ ରକ୍ତଦାନ କଲେ ଆବଶ୍ୟକ ମୁତାବକ ରକ୍ତ ରୋଗୀଙ୍କୁ ମିଳିପାରିବ ବୋଲି ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଙ୍ଗଠନକୁ ଉପଜିଲାପାଳ ନିରଞ୍ଜନ ବେହେରା ଆହ୍ୱାନ ଦେଇଛନ୍ତି।

## ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଛାତ୍ରଙ୍କ ବିକ୍ଷୋଭ


ଜାତୀୟ ରାଜପଥକୁ ଛାତ୍ରମାନେ ଅବରୋଧ କରିଛନ୍ତି।

ଚଣ୍ଡିଖୋଲ,୨୯।୪(ଡି.ଏନ.ଏ.)

ରାଜ୍ୟ ସରକାର ୧୦ମ ଶ୍ରେଣୀ ମାଟ୍ରିକ୍ ପରୀକ୍ଷାକୁ ବାତିଲ କରିଥିବା ବେଳେ ଯୁକ୍ତ ଦୁଇ ପରୀକ୍ଷାକୁ ଜୁନ୍ ମାସ ଯାଏ ସ୍ଥଗିତ ରଖିଛନ୍ତି। କରୋନା ସଂକ୍ରମଣ ବଢୁଥିବାରୁ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ମାଟ୍ରିକ ପରୀକ୍ଷା ଯେଭଳି ବାତିଲ କରିଛନ୍ତି, ଠିକ୍ ସେହିଭଳି ଯୁକ୍ତ ଦୁଇ ପରୀକ୍ଷାକୁ ବାତିଲ କରିବା ଦାବିରେ ଗୁରୁବାର ଚଣ୍ଡିଖୋଲ ଛକଠାରେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲ ଓ ଧର୍ମଶାଳା ମହାବିଦ୍ୟାଳୟର ଛାତ୍ରମାନେ ଜାତୀୟ ରାଜପଥକୁ ଟାୟାର ଜାଳି ଅବରୋଧ କରିଥିଲେ। ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିର ପୁନର୍ବିଚାର ଦାବିକରି ସ୍ଲୋଗାନ ଦେଇଥିଲେ। ଘଟଣାସ୍ଥଳରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶିଲ କୁମାର ନାୟକ ଓ ପୋଲିସ ଟିମ୍ ପହଞ୍ଚି ଅବରୋଧକାରୀ ଛାତ୍ରମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ମଦ ବ୍ୟବସାୟକୁ ବିରୋଧ


ମଦ ଦୋକାନ ଖୋଲାଯିବା ବିରୋଧରେ ବଜ୍ରସୁନା ମନ୍ଦିର ପ୍ରାଙ୍ଗଣରେ ମହିଳାମାନଙ୍କ ପକ୍ଷରୁ ବିକ୍ଷୋଭ।

କେନ୍ଦ୍ରାପଡ଼ା ଅଫିସ, ୨୯।୪

ଚଳିତ ଆର୍ଥିକବର୍ଷ ପାଇଁ ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମ ପଞ୍ଚାୟତ ଅଞ୍ଚଳରେ ମଦ ଦୋକାନ ଖୋଲାଯିବା ପାଇଁ ମଞ୍ଜୁରୀ ଦିଆଯାଇଛି। କିନ୍ତୁ ମଦ ବ୍ୟବସାୟକୁ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଗୁରୁବାର ବିରୋଧ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ବଜ୍ରସୁନା ମନ୍ଦିର ପ୍ରାଙ୍ଗଣରେ ଏ ନେଇ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଛି। ବୈଠକର ଅଧ୍ୟକ୍ଷା ଦ୍ରୌପଦୀ ରାଉତ କହିଛନ୍ତି, ମଦ ବ୍ୟବସାୟ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରିବା ସହିତ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ୨୦୧୭ରେ ଏହି ଦୋକାନକୁ ବିରୋଧ ପରେ ତତ୍କାଳୀନ ଜିଲା ପ୍ରଶାସକ ବ୍ୟବସାୟ ବନ୍ଦ କରିଥିଲେ। କେଉଁ ପରିସ୍ଥିତିରେ ଏହାକୁ ମଞ୍ଜୁରୀ ଦିଆଯାଇଛି ବୋଲି କହିବା ସହ ବ୍ୟବସାୟ ପ୍ରତିଷ୍ଠାନ ବିରୋଧରେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିରୁପମା ମହାନ୍ତି, ନଳିନୀ ନାୟକ, ଶୈଳବାଳା ସାମଲ, ବନ୍ଦନା ରାଉତରାୟ ପ୍ରମୁଖ ନିଜର ମତ ରଖିଥିଲେ।

## ଅପରାହ୍ନ ୨ରୁ ସକାଳ ୭ଟା ପର୍ଯ୍ୟନ୍ତ ବଜାର ବନ୍ଦ

କେନ୍ଦ୍ରାପଡ଼ା ଅଫିସ/ ମାର୍ଶାଘାଇ, ୨୯।୪ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ପ୍ରଭାବ ପକାଇଛି। ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସପ୍ତାହାନ୍ତ ଶନିବାର, ରବିବାର ବନ୍ଦ ସହ ବିଭିନ୍ନ ବଜାରକୁ ଆସନ୍ତା ୩ ତାରିଖଠାରୁ ଅପରାହ୍ନ ୨ଟାଠାରୁ ପର ଦିନ ସକାଳ ୭ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସହରର ବନ୍ଦ ସମୀକ୍ଷା ପାଇଁ ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସହର ମଧ୍ୟସ୍ଥ ବିଭିନ୍ନ ବଣିକ ସଂଘର କର୍ମକର୍ତ୍ତା ଯୋଗ ଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ଓ ଥାନା ଅଧିକାରୀ କାଳନ୍ଦୀ ବେହେରାଙ୍କ ନେତୃତ୍ୱରେ ମାର୍ଶାଘାଇ ବଜାରରେ ଏ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା ।

## କରୋନା ଆକ୍ରାନ୍ତ ଯୁବକଙ୍କ ମୃତ୍ୟୁ

### ଚିକିତ୍ସାରେ ଅବହେଳାକୁ ଦାୟୀ କଲେ ଗ୍ରାମବାସୀ

ନାଉଗାଁ,୨୯।୪(ସ୍ୱ.ପ୍ର.)

ନାଉଗାଁ ଥାନା ତିରୁଣା ଗାଁରେ କରୋନା ଆକ୍ରାନ୍ତ ଦୀପକ ବାରିକଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଦୀପକଙ୍କୁ କିଛିଦିନ ହେବ ଥଣ୍ଡା ହୋଇଥିଲା। କରୋନା ସନ୍ଦେହ କରି ୩ ଦିନ ତଳେ ସେ ଏବଂ ତାଙ୍କ ସ୍ତ୍ରୀ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ କୋଭିଡ୍ ପରୀକ୍ଷା କରିଥିଲେ। ଉଭୟଙ୍କର କରୋନା ପଜିଟିଭ ରିପୋର୍ଟ ଆସିବାରୁ ଡାକ୍ତର ତାଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଥିଲେ। ହଠାତ୍ ବୁଧବାର ବିଳମ୍ବିତ ରାତିରେ ଦୀପକ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଆମ୍ବୁଲାନ୍ସ ଡାକି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଯୁବକଙ୍କ ମୃତ୍ୟୁ ପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଯୁବକଙ୍କ ମୃତ୍ୟୁରେ ଗ୍ରାମବାସୀ ଚିକିତ୍ସା ଅବହେଳାକୁ ଦାୟୀ କରିଛନ୍ତି। ଯଦି ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଇଥା'ନ୍ତା, ହୁଏତ ସେ ବଞ୍ଚି ଯାଇଥାଆନ୍ତେ ବୋଲି କହିଛନ୍ତି। ଏ ସମ୍ପର୍କରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁନନ୍ଦନ ମହାନ୍ତିଙ୍କୁ ପଚାରିବାରେ ଦୀପକଙ୍କ କୋଭିଡ୍ ପଜିଟିଭ ଜାଣିବା ପରେ ଡାକ୍ତରୀ ଟିମ୍ ତାଙ୍କ ଘରକୁ ଯାଇ ଚିକିତ୍ସା କରୁଥିଲେ। ଏପରିକି ବୁଧବାର ଡାକ୍ତରୀ ଟିମ୍ ଯାଇ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ସେ ସୁସ୍ଥ ଥିବା ମଧ କହିଥିଲେ। ଘରର ଏକମାତ୍ର ପୁଅ ହୋଇଥିବା ବେଳେ ଘରେ ତାଙ୍କର ସ୍ତ୍ରୀ, ୨ ଛୋଟ ଝିଅ ଓ ପୁଅ ସମେତ ବୃଦ୍ଧ ମା'ବାପା ଅଛନ୍ତି। କ୍ଷୀର ଷ୍ଟୋର କରି ସେ ପରିବାର ପ୍ରତିପୋଷଣ କରୁଥିଲେ।

## ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ


ଧାରଣା ଦେଇଥିବା ୩ ଗାଁର ଗ୍ରାମବାସୀ

ଜଗତ୍‌ସିଂହପୁର ଅଫିସ, ୨୯।୪

ଜଗତ୍‌ସିଂହପୁରସ୍ଥିତ ଚାଟରା ମୌଜା ଦେଭୋଗ ଗ୍ରାମରେ ସରକାରଙ୍କ ପକ୍ଷରୁ ଏକ ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ କାମ ଚାଲିଛି। ଏହାକୁ ଦେଭୋଗ, ରସଲପୁର ଓ ଗାଲୁପଡା ଗ୍ରାମବାସୀ ବିରୋଧ କରି ନିର୍ମାଣାଧୀନ ସ୍ଥାନରେ ଧାରଣା ଦେଇଥିଲେ। ଗୋଚର ଜମିରେ କରାଯାଉଥିବା ଏହି ପ୍ରକଳ୍ପ ବେଆଇନ ବୋଲି ସେମାନେ ଅଭିଯୋଗ କରିଥିଲେ। ସେମାନଙ୍କ କହିବାନୁଯାୟୀ, ଜମିରେ ପ୍ଲାଣ୍ଟ କରିବା ପୂର୍ବରୁ ଗ୍ରାମବାସୀଙ୍କୁ ବସାଇ ଜନଶୁଣାଣି କରାଯିବା କଥା। ପରିବେଶ ମଞ୍ଜୁରୀ ମିଳିଛି କି ନାହିଁ ତାହା ମଧ ସ୍ପଷ୍ଟ ହୋଇନାହିଁ। ଏଥିସହ ଜନସାଧାରଣଙ୍କ ମତାମତକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ପରେ ଜମି ଅଧିଗ୍ରହଣ ଓ ପ୍ଲାଣ୍ଟ ନିର୍ମାଣ କାମ ଆରମ୍ଭ ହୋଇଥାନ୍ତା। ମାତ୍ର ଏସବୁ କରା ନ ଯାଇ ବେଆଇନ ଭାବେ ପ୍ଲାଣ୍ଟ କାମ ଚାଲିଛି। ଏହାକୁ ବନ୍ଦ କରାଯିବା ସହ ଅନ୍ୟତ୍ର ସ୍ଥାନ ଚିହ୍ନଟ କରାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ପୀତବାସ ସ୍ୱାଇଁ, କରୁଣାକର ସେଠୀ, ପହଲି ବିଶୋଇ, ପ୍ରତାପ ଦାସ, ରବି ଦାସ, କୃଷ୍ଣ ବିଶୋଇ, ପୂର୍ବତନ ପରିଷଦ ପ୍ରଶାନ୍ତ ମଲିକ ଓ ରମେଶ ଚନ୍ଦ୍ର ନାୟକ ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ଲଳିତ କୃଷ୍ଣ ମନ୍ଥନ ଏହାକୁ ପରିଚାଳନା କରିଥିଲେ।

## ନଦୀକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା

ଆଳି,୨୯।୪(ଡି.ଏନ୍. ଏ.)

ଆଳି ଥାନା ବାଲକାଟି ନିକଟରେ ଥିବା ଖରସ୍ରୋତା ସେତୁ ଉପରୁ ଗୁରୁବାର ଅପରାହ୍ନ ୪ଟାରେ ଜଣେ ଯୁବତୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଲୋକାପଡ଼ା ଗାଁର କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଝିଅ ଲିପିକା। ସେତୁ ନିକଟରେ ଥିବା ସ୍ଥାନୀୟ ଯୁବକମାନେ ସଙ୍ଗେ ସଙ୍ଗେ ନଦୀକୂଳକୁ ଯାଇ କିଏ ବୁଡିଗଲା ବୋଲି ଉଦ୍ଧାର ନିମନ୍ତେ ଡଙ୍ଗା ନେଇ ନଦୀ ମଧ୍ୟରୁ ଯୁବତୀଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲେ ହେଁ ଆସିବାରେ ବିଳମ୍ବ ଯୋଗୁ ଏକ ଅଟୋରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନା ଏସ୍‌ଆଇ ମମତା ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ସମ୍ପର୍କୀୟା ଝିଅାରୀଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ପାରାଦୀପ,୨୯।୪(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅଞ୍ଚଳରେ ଗୁରୁବାର ଜଣେ ଦାଦା ନିଜର ସମ୍ପର୍କୀୟା ନାବାଳିକା ଝିଅାରୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ନଂ.୧୨୧/୨୧ ମାମଲା ରୁଜୁ ହୋଇଛି। ସନ୍ଧ୍ୟାରେ ଅଭିଯୁକ୍ତ ଦାଦାଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଥାନାରେ ପୀଡ଼ିତାଙ୍କ ମା' ଅଭିଯୋଗ କରିଥିଲେ। ଖରାବେଳେ ଘରେ କେହି ନ ଥିବାବେଳେ ଅଭିଯୁକ୍ତ ଦାଦା ଝିଅାରୀଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ଗୋପବନ୍ଧୁ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ

ଜଗତ୍‌ସିଂହପୁର ଅଫିସ, ୨୯।୪

ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ଜଗତ୍‌ସିଂହପୁର ବଙ୍ଗଳା ଛକ ଓ ଖେରସ ଛକଠାରେ ଥିବା ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଖେରସସ୍ଥିତ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଇଂ.ମାଧବାନନ୍ଦ ଗୋଚ୍ଛାୟତ ଯୋଗଦେଇ ଚୌଧୁରୀଙ୍କ ସ୍ମୃତିଚାରଣ କରିଥିଲେ। ସେମାନେ କହିଥିଲେ ଲବଣ ସତ୍ୟାଗ୍ରହ, ଭାରତ ଛାଡ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ, ଅଳକାଶ୍ରମ ସ୍ଥାପନ, ବରୀଠାରେ ଆଶ୍ରମ ପ୍ରତିଷ୍ଠା ଆଦି କ୍ଷେତ୍ରରେ ଚୌଧୁରୀଙ୍କ ଅବଦାନ ଅତୁଳନୀୟ।

## ଜଳିଗଲା ୫୦ ଲକ୍ଷ ଟଙ୍କାର ନଡ଼ା


ନିଆଁ ଲାଗି ପୋଡ଼ି ଯାଉଥିବା ନଡ଼ାଗଦା।

### ଛତୁ ଫାର୍ମରେ ଅଗ୍ନିକାଣ୍ଡ

ରାଜକନିକା,୨୯।୪(ଡି.ଏନ୍.ଏ.)

ରାଜକନିକା ବ୍ଲକ ଅକୁଳିପଡ଼ା ପଞ୍ଚାୟତର ବର୍ତ୍ତନୀ ଗାଁରେ ବୁଧବାର ଅପରାହ୍ନରେ ଛତୁ ଫାର୍ମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଫାର୍ମଟି ପି.କେ. ସିଂଙ୍କର। ତାଙ୍କ ଦ୍ୱାରା ନିର୍ମିତ ଏମ୍.ବି.କେ. ଫାର୍ମରେ ଛତୁଚାଷ ପାଇଁ ୧୦ ଲକ୍ଷ ନଡ଼ା ବିଡ଼ାରେ ନିଆଁ ଲାଗି ଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ସେହି ଗ୍ରାମର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନିଆଁ ଲଗାଇ ଦେଇଥିବା ନେଇ ରାଜକନିକା ଥାନାରେ ଅଭିଯୋଗ ହୋଇଛି। ରାଜକନିକା ଓ ଆଳିରୁ ୪ଟି ଦମକଳ ଗାଡ଼ି ଆସିଥିଲେ ମଧ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ନିଆଁର ପ୍ରକୋପ ୪ କି.ମି. ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। କରୋନା ସମୟରେ ଏହି ଛତୁଫାର୍ମ ନିର୍ମିତ ହୋଇଥିଲା। ଏଥିରେ ବହୁ ବେକାର ଯୁବକ କର୍ମନିଯୁକ୍ତି ପାଇଥିଲେ। ଫାର୍ମ ପୋଡ଼ିଯିବା ଫଳରେ ୨୫ଟି ପରିବାର ବହୁ କଷ୍ଟରେ ଜୀବନ କାଟିବେ ବୋଲି ଜଣାପଡିଛି। ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ପାଇଖାନା ନିର୍ମାଣ ଅର୍ଥ ହରିଲୁଟ

ଯାଜପୁର ଅଫିସ,୨୯।୪

ଯାଜପୁର ଜିଲାରେ ୨୦୧୪-୧୫ରୁ ୨୦୨୦-୨୧ ମଧ୍ୟରେ ସ୍ୱଚ୍ଛ ଭାରତ ମିଶନରେ ୨୮୮,୫,୭୨,୬୩୨ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରୁ ୫୩, ୨୯, ୩୦, ୫୨୯ ଟଙ୍କାର ବିନିଯୋଗ ପତ୍ର(ୟୁସି) ଦାଖଲ ହୋଇନାହିଁ। ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ଏହି ତଥ୍ୟ ମିଳିଛି। ଏବେବି ଜିଲାର ଅଧାରୁ ଅଧିକ ଗାଁରେ ପାଇଖାନା ନିର୍ମାଣ ହୋଇନାହିଁ। ଗ୍ରାମାଞ୍ଚଳରେ ପାଇଖାନା ନିର୍ମାଣ ନାମରେ ସରକାରଙ୍କ ପକ୍ଷରୁ ଆବଣ୍ଟିତ ଟଙ୍କା ଲୁଟ ହୋଇଛି ବୋଲି ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଯାଜପୁର ଜିଲାର ଗ୍ରାମାଞ୍ଚଳରେ ଥିବା ମୋଟ ୩,୭୮,୬୪୫ ପରିବାର ମଧ୍ୟରୁ ପ୍ରାୟ ୨୦ହଜାର ପରିବାରଙ୍କୁ ଘରୋଇ ସଂଯୋଗ ଜରିଆରେ ପାଇପ ଜଳ ଯୋଗାଇ ଦିଆଯାଇଛି। ସମ୍ପୂର୍ଣ୍ଣ ପରିମଳ ଅଭିଯାନ, ନିର୍ମଳ ଭାରତ ଅଭିଯାନ ଓ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସମସ୍ତ ଘରେ ଶୌଚାଳୟ ନିର୍ମାଣ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ୨୦୧୯ ଅକ୍ଟୋବର ୨ ସୁଦ୍ଧା ଜିଲାରେ ୩,୩୬,୧୯୪ ଶୌଚାଳୟ ନିର୍ମାଣ କରାଯିବା ଲକ୍ଷ୍ୟଧାର୍ଯ୍ୟ ଥିଲା। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହାସହ ପାଇଖାନାକୁ ନିୟମିତ ବ୍ୟବହାର କରିବାକୁ ନାଚ, ଗୀତ, ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। କିନ୍ତୁ ପାଣି ବିନା ଅର୍ଦ୍ଧାଧିକ ପାଇଖାନା ବ୍ୟବହାର ଉପଯୋଗୀ ନ ହୋଇ ଗୋଦାମ ଘର ପାଲଟିଛି। ଏ ନେଇ ଜିଲାରେ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଅର୍ଥ ଆତ୍ମସାତ୍ ସଂକ୍ରାନ୍ତରେ ଓଡ଼ିଶା ଲୋକାୟୁକ୍ତ ଆଇନ ଧାରା ୨୦ରେ ପ୍ରଥମ କରି ଏକ ମାମଲା ଦାଏର ହୋଇଥିଲା । ୧୭।୮।୨୦୧୭ରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ସୁନ୍ଦରିଆ ଗ୍ରାମ ପଞ୍ଚାୟତକୁ ରାଜ୍ୟ ସରକାର ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରିଥିଲେ। ସରକାରୀ ଭାବେ ସୁନ୍ଦରିଆ ପଞ୍ଚାୟତର ଫତେପୁର, ହରଦେଇପୁର, ପ୍ରତାପପୁର, ସରେଇ, କ୍ଷେତ୍ରୀପୁର, ସୁନ୍ଦରିଆ ଓ ତରାପୁର ଗ୍ରାମରେ ୯୨୬ଟି ପାଇଖାନା ହୋଇଥିବା ଦର୍ଶାଯାଇଥିଲା। ବାସ୍ତବରେ ୩ ସ୍ୱୟଂ ସହାୟକ ଦଳ ଜରିଆରେ ୭୨୭ ପାଇଖାନା ନିର୍ମାଣ ହୋଇଥିବା ସୂଚନା ଅଧିକାର ଆଇନରେ ଜଣାପଡିଥିଲା। ଅବଶିଷ୍ଟ ୧୯୯ଟି ପାଇଖାନାର ହିସାବ ମିଳୁନାହିଁ ବୋଲି ସେତେବେଳେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ଏହି ଅନିୟମିତତା ଓ ଆତ୍ମସାତ୍ ଅଭିଯୋଗ ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆବେଦନ ପତ୍ରରେ ଅନୁରୋଧ କରାଯାଇଥିଲା।

ବର୍ତ୍ତମାନ ଜିଲାର ଧାର୍ଯ୍ୟଲକ୍ଷ୍ୟ ୩,୩୬,୧୯୪ ଟି ଶୌଚାଳୟ ନିର୍ମାଣ ହୋଇନାହିଁ। ଅଧିକାଂଶ ଗାଁର ଅର୍ଦ୍ଧାଧିକ ପରିବାରଙ୍କ ପାଖରେ ପାଇଖାନା ନାହିଁ। ଜିଲା ପ୍ରଶାସନ ପକ୍ଷରୁ କୌଣସି ଗାଁକୁ ସଚେତନତା ଦ୍ୱାରା ସମ୍ପୂର୍ଣ୍ଣ ବାହ୍ୟମଳ ମୁକ୍ତ ଅଞ୍ଚଳ ଭାବେ ପରିଣତ କରିପାରିଲେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ, ଯୁବ ରେଡ୍‌କ୍ରସ୍ ସଙ୍ଗଠନକୁ ୧ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା ହୋଇଥିଲା । ସେହିଭଳି କୌଣସି ପଞ୍ଚାୟତର ସମସ୍ତ ଗ୍ରାମ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ହେଲେ ସେହି ପଞ୍ଚାୟତକୁ ୨ ଲକ୍ଷ ଓ ବ୍ଲକର ସମସ୍ତ ପଞ୍ଚାୟତ ବାହ୍ୟ ମଳମୁକ୍ତ ହେଲେ ସମ୍ପୃକ୍ତ ବ୍ଲକକୁ ୫ଲକ୍ଷ ଟଙ୍କାର ପ୍ରୋତ୍ସାହନ ସହ ଜିଲାସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲାପାଳ ଘୋଷଣା କରିଥିଲେ । ହେଲେ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ହୋଇଛି। ଆବଣ୍ଟିତ ଅନୁଦାନକୁ ସମ୍ପୃକ୍ତ ଅଧିକାରୀମାନେ ମିଳିମିଶି ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଏହାପରେ ଚଞ୍ଚକତାପୂର୍ବକ ବିନିଯୋଗ ପତ୍ର ଦାଖଲ କରି ପ୍ରଶଂସା ସାଉଁଟିଥିବା କୁହାଯାଉଛି। ବାକି ଥିବା ପ୍ରାୟ ୫୩ କୋଟି ଟଙ୍କାର ବିନିଯୋଗ ପତ୍ର ଦାଖଲ ପାଇଁ ମଧ ମିଥ୍ୟା କାଗଜପତ୍ର ପ୍ରସ୍ତୁତ ହେଉଥିବା ବେହୁରା ଅଭିଯୋଗ ଆଣିଛନ୍ତି। ଯାଜପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କ ମତାମତ ନେବାକୁ ଫୋନ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ।

## କୋଭିଡ୍ ହସ୍ପିଟାଲ ପାଇଁ ଏସ୍‌ବିଆଇର ୩୦ କୋଟି ବ୍ୟବସ୍ଥା

କୋଭିଡ୍ ରୋଗୀଙ୍କ ଲାଗି ବିଭିନ୍ନ ସ୍ଥାନୀୟ ଅସ୍ଥାୟୀ ହସ୍ପିଟାଲ ଏବଂ ଅକ୍ସିଜେନ ବ୍ୟବସ୍ଥା ଲାଗି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ୩୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିରେ ଆଇସିୟୁ ସୁବିଧା ମଧ୍ୟ ସାମିଲ ରହିଛି। ଜରୁରିକାଳୀନ ସେବା ଯୋଗାଣ ଲାଗି ଏନ୍‌ଜିଓ, ହସ୍ପିଟାଲ ମ୍ୟାନେଜମେଣ୍ଟଙ୍କ ସହ ମିଳିତ ହୋଇ ମେଡିକାଲ ଫାସିଲିଟି ସ୍ଥାପନ କରାଯାଇଥିବା ବ୍ୟାଙ୍କର ଅଧ୍ୟକ୍ଷ ଦାନେଶ ଖାରା ସୂଚନା ଦେଇଛନ୍ତି।

# ପୁଣି ବଢ଼ିପାରେ ତେଲ ଦର

ନୂଆଦିଲ୍ଲୀ,୨୯।୪

ଦେଶ ମଧ୍ୟରେ ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ିପାରେ। ୪ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ଥିବାରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ବର୍ତ୍ତମାନ ଇନ୍ଧନ ଦରରେ କୌଣସି ପରିବର୍ତ୍ତନ କରୁନାହାନ୍ତି। ହେଲେ ନିର୍ବାଚନ ପ୍ରକ୍ରିୟା ଚଳିତ ମାସ ଶେଷ ସୁଦ୍ଧା ଶେଷ ହେଉଥିବାରୁ ଧୀରେ ଧୀରେ କମ୍ପାନୀଗୁଡିକ ପୁଣି ଥରେ ତେଲ ଦର ବଢ଼ାଇବେ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବୃଦ୍ଧି ହୋଇଛି। କମ୍ପାନୀଗୁଡିକ ଲିଟର ପିଛା ୩ ଟଙ୍କା କ୍ଷତି ସହୁଥିବା ଏକ ଆକଳନରୁ ଜଣାପଡିଛି। ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦୁର୍ବଳ ହୋଇଥିବାରୁ ଏହାର ଚାପ କମ୍ପାନୀଗୁଡିକ ଉପରେ ପଡିଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି।

ଏପ୍ରିଲ ୨୯ରେ ପଶ୍ଚିମବଙ୍ଗରେ ଶେଷ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ତେଲ ଦର ଏବଂ ବିନିମୟ କମ୍ପାନୀଙ୍କ ଉପରେ ବୋଝ ସଦୃଶ ହୋଇଛି। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ହାରାହାରି ୫ ଡଲାର ବଢିଛି। ଭାରତ ଏହାର ମୋଟ ଶକ୍ତି ଚାହିଦାର ପ୍ରାୟ ୮୦% ଆମଦାନୀ ଦ୍ୱାରା ମେଣ୍ଟାଉଛି। ଏଥିଲାଗି ବୃହତ୍ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡୁଛି। ରାଜନୈତିକ କାରଣ ପାଇଁ ତେଲ କମ୍ପାନୀ ଦର ବଢ଼ାଉନାହାନ୍ତି। ଫଳରେ ବୋଝକୁ ନିଜ କାନ୍ଧକୁ ନେଇଛନ୍ତି। ମାତ୍ର ଏପ୍ରିଲ ୨୯ ପରେ କମ୍ପାନୀ ପୁଣି ଥରେ ଦର ବଢାଇବାକୁ ବାଧ୍ୟ ହେବେ ବୋଲି ଅଧିକାରୀ ଜଣକ କହିଛନ୍ତି। ଫେବୃୟାରୀ ୨୭ ପରଠାରୁ କମ୍ପାନୀଗୁଡିକ ମୋଟ ୪ ଥର ଦର ହ୍ରାସ କରିଛନ୍ତି।

ତେଲ ଉପରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଟିକସ ଉଚ୍ଚରେ ରହିବା ଯୋଗୁ ଦର ହ୍ରାସ ହେଉନାହିଁ। ନୂଆଦିଲ୍ଲୀରେ ଇନ୍ଧନର ରିଟେଲ ମୂଲ୍ୟ ଉପରେ କେନ୍ଦ୍ର ସରକାର ପ୍ରାୟ ୩୬% ଟିକସ ଲାଗୁ କରୁଥିବା ବେଳେ ରାଜ୍ୟ ସରକାର ୨୩% ଟିକସ ଲାଗୁ କରୁଛନ୍ତି। ବର୍ତ୍ତମାନ କୋଭିଡ୍‌ର ଦ୍ୱିତୀୟ ଲହର ଆସିଥିବାରୁ କେନ୍ଦ୍ର ସରକାର ଟିକସ ହ୍ରାସ କରିବାକୁ ଆଗଭର ହେବେ ନାହିଁ ବୋଲି କୁହାଯାଉଛି। ଗତ ବର୍ଷ ଅନ୍ତର୍ଜାତୀୟ ବଜାରରେ ଯେତେବେଳେ ଅଶୋଧିତ ତେଲ ଦର ହ୍ରାସ ହେଲା ସେତେବେଳେ କେନ୍ଦ୍ର ସରକାର ଉତ୍ପାଦ ଟିକସ ବୃଦ୍ଧି କରିଛନ୍ତି। ରାଜସ୍ୱ ବଢ଼ାଇବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ତେଲ କମ୍ପାନୀ ସେମାନଙ୍କ ରାଜସ୍ୱ କ୍ଷତିକୁ କମାଇବା ଲାଗି ଧୀରେ ଧୀରେ ଦର ବଢାଇପାରନ୍ତି ବୋଲି ଆଉ ଜଣେ ଅଧିକାରୀ କହିଛନ୍ତି। ଯଦି ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମେ ଏହା ତେଲ କମ୍ପାନୀଙ୍କ ଲାଗି ଆଶ୍ୱସ୍ତି ହେବ। କୋଭିଡ୍ ସଂକ୍ରମଣ ବଢୁଥିବାରୁ ତେଲ ଚାହିଦା ହ୍ରାସ ହୋଇପାରେ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୬୬ ଡଲାର ରହିଛି। ଇକ୍ରା ଲିମିଟେଡ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ମୁତାବକ ମେ ମାସରୁ ତେଲ ଦର ବଢିବା ନେଇ ଆକଳନ କରାଯାଇଛି।

### ନିର୍ବାଚନ ଲାଗି ଦର ବଢ଼ାଉ ନ ଥିଲେ କମ୍ପାନୀ



## ଜୁନ୍ ୧୫ରୁ ଇଫ୍‌କୋ ଯୋଗାଇବ ମାଗଣା ଅକ୍ସିଜେନ୍

ପାରାଦୀପ, ୨୯।୪(ସ୍ୱ.ପ୍ର.)

ପାରାଦୀପରେ ଥିବା ଇଫ୍‌କୋ ସାର କାରଖାନା ଆସନ୍ତା ଜୁନ୍ ୧୫ରୁ ଓଡ଼ିଶା ଓ ଦେଶର ଅନ୍ୟ ଡାକ୍ତରଖାନାକୁ ମାଗଣାରେ ଅକ୍ସିଜେନ୍ ଯୋଗାଇବ ବୋଲି ଗୁରୁବାର ଘୋଷଣା କରିଛି। ସମ୍ପ୍ରତି କରୋନା ମହାମାରୀ ଯୋଗୁ ଦେଶରେ ଅକ୍ସିଜେନ୍ ଅଭାବ ଦେଖାଦେଇଛି। ସେହି ଆବଶ୍ୟକତା ପୂରଣ କରିବାକୁ ଇଫ୍‌କୋର ୩ଟି ପ୍ଲାଣ୍ଟ ୬୧୦ କ୍ୟୁବିକ୍ ମିଟର ଅକ୍ସିଜେନ୍ ଯୋଗାଇବ। ଏଥିରେ ପାରାଦୀପ ପ୍ଲାଣ୍ଟରୁ ୧୫୦ କ୍ୟୁବିକ୍ ମିଟର ଅକ୍ସିଜେନ୍ ଉତ୍ପାଦନ କରାଯିବ। ଅବଶିଷ୍ଟ ଅକ୍ସିଜେନ୍ ଇଫ୍‌କୋର ଉତ୍ତରପ୍ରଦେଶରେ ଥିବା ଫୁଲପୁର ଓ ଆଲୋଲ ପ୍ଲାଣ୍ଟରୁ ଉତ୍ପାଦନ ହେବ। ଏଥିପାଇଁ କମ୍ପାନୀ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ବୋଲି ଇଫ୍‌କୋ ମାନବ ସମ୍ବଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅକ୍ସିଜେନ୍ ଉତ୍ପାଦନ, ସିଲିଣ୍ଡର ଭରଣା କରିବା କାମ ଅଟୋମେଟିକ୍ ବ୍ୟବସ୍ଥାରେ କରାଯିବ। ସରକାରଙ୍କ ନିର୍ଦ୍ଦେଶ ମୁତାବକ, ଧାର୍ଯ୍ୟ ଡାକ୍ତରଖାନାକୁ ଯୋଗାଇ ଦିଆଯିବ। ଏଥିସହ କମ୍ପାନୀ କରୋନା ପ୍ରଭାବିତ ଲୋକଙ୍କ ପାଇଁ ଖାଦ୍ୟ ସାମଗ୍ରୀ, ଜୀବିକା ହରାଇଥିବା ଲୋକଙ୍କ ପାଇଁ ଭିତ୍ତିଭୂମି ଆଦି ଦେବ ବୋଲି କୁହାଯାଇଛି।

# ମ୍ୟାନ୍‌କାଇଣ୍ଡ ପକ୍ଷରୁ ୧୦୦ କୋଟି ଦାନ

ନୂଆଦିଲ୍ଲୀ,୨୯।୪

କରୋନା ମହାମାରୀ ତା'ର କାୟା ବିସ୍ତାର କରିଚାଲିଛି। ଦିନ ରାତି ଏକ କରି ସେବା ଯୋଗାଉଥିବା କୋଭିଡ୍ ଯୋଦ୍ଧାମାନେ ମଧ୍ୟ ମହାମାରୀର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। କରୋନାରେ ମୃତ୍ୟୁବରଣ କରିଥିବା କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ମ୍ୟାନ୍‌କାଇଣ୍ଡ ଫାର୍ମା ୧୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ସମ୍ପର୍କରେ ଘୋଷଣା କରିଛି। ସେହିଭଳି ଏହି ମହାବିପତ୍ତି ସମୟରେ କମ୍ପାନୀ ଆବଶ୍ୟକ ସ୍ୱାସ୍ଥ୍ୟସେବା ଉପକରଣ ସହ ସରକାର ସାଙ୍ଗରେ ଛିଡ଼ା ହୋଇଥିବା ସମ୍ପର୍କରେ ସୂଚନା ଦେଇଛି। ୨୦୨୦ରେ କମ୍ପାନୀ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମେତ କରୋନା ଯୁଦ୍ଧରେ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟକର୍ମୀ ଓ ପୋଲିସ କର୍ମୀମାନଙ୍କ ପରିବାରକୁ ୧୩୦ କୋଟି ଟଙ୍କା ସହାୟତା ପ୍ରଦାନ କରିଥିଲା। ଏ ସମ୍ପର୍କରେ ମ୍ୟାନ୍‌କାଇଣ୍ଡ ଫାର୍ମାର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରାଜୀବ ଜୁନେଜା କହିଛନ୍ତି,ସାରା ଦେଶରେ କୋଭିଡ୍ ପାଇଁ କାର୍ଯ୍ୟ କରୁଥିବା ସମସ୍ତ ସାହସୀ କୋଭିଡ୍ ଯୋଦ୍ଧାଙ୍କୁ କମ୍ପାନୀ ଆବଶ୍ୟକ ସାମଗ୍ରୀ ପ୍ରଦାନ ସହ ସହାୟତା ମଧ୍ୟ ପ୍ରଦାନ କରିଆସୁଛି। ମହାମାରୀ ସମୟରେ ଦିନ ରାତି କାମ କରୁଥିବା ସବୁ କୋଭିଡ୍ ଯୋଦ୍ଧାଙ୍କ ସହଯୋଗକୁ ସାରା ଦେଶ ମନେରଖିବ।

# ବଜାଜ ଅଟୋ ଅଧ୍ୟକ୍ଷ ପଦରୁ ରାହୁଲ ବଜାଜଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୯।୪

ବଜାଜ ଅଟୋ ଅଧ୍ୟକ୍ଷ ପଦବୀରୁ ରାହୁଲ ବଜାଜ ଗୁରୁବାର ଇସ୍ତଫା ଦେଇଛନ୍ତି। କମ୍ପାନୀର ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନୀରଜ ବଜାଜ ତାଙ୍କ ପରେ ଏହି ପଦବୀରେ ଅବସ୍ଥାପିତ ହେବେ। ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ଅଧ୍ୟକ୍ଷ ଭାବେ ରାହୁଲ ବଜାଜ କାମ କରୁଥିବା ବେଳେ ତାଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ୩୦ ଏପ୍ରିଲ ଯାଏ ରହିଥିବା କମ୍ପାନୀ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦିଆଯାଇଛି। ଗତ ୫ ଦଶନ୍ଧି ଧରି ସେ ବଜାଜ କମ୍ପାନୀ ସହ ଜଡ଼ିତ ଥିଲେ। ବୟସଗତ କାରଣରୁ ବର୍ତ୍ତମାନ ସେ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡିଛି। ମେ ମାସ ପହିଲାରୁ ୫ ବର୍ଷ ଲାଗି ସେବା ନିବୃତ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟକରିବେ। ଗତ ୫ ଦଶନ୍ଧି ମଧ୍ୟରେ କମ୍ପାନୀକୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହି ଆସିଥିବା ବଜାଜ ପକ୍ଷରୁ କୁହାଯାଇଛି।

## ଟାଟା-ବିଗ୍ ବାସ୍କେଟ ଡିଲ୍‌କୁ ସିସିଆଇ ମଞ୍ଜୁରୀ

ନୂଆଦିଲ୍ଲୀ,୨୯।୪: ଅନ୍‌ଲାଇନ ଗ୍ରସେରି ଯୋଗାଣ କରୁଥିବା କମ୍ପାନୀ ବିଗ୍ ବାସ୍କେଟରେ ୬୪.୩% ଅଂଶଧନ କ୍ରୟ ନେଇ ଟାଟାର ପ୍ରସ୍ତାବକୁ କମ୍ପିଟିସନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ମଞ୍ଜୁରୀ ପ୍ରଦାନ କରିଛନ୍ତି। ଟାଟା ସନ୍ସ ପ୍ରାଇଭେଟ ଲିମିଟେଡ୍‌ର ଏକ କମ୍ପାନୀ ଟାଟା ଡିଜିଟାଲ ଲିମିଟେଡ୍ ଏହି ପ୍ରସ୍ତାବିତ ଅଂଶଧନ ହାସଲ କରିବ। ଫଳରେ ଅନ୍‌ଲାଇନ ଗ୍ରସେରି ବଜାରରେ ମଧ୍ୟ ଟାଟା ନିଜର ଉପସ୍ଥିତି ଜାହିର କରିବାକୁ ବର୍ତ୍ତମାନ ପ୍ରସ୍ତୁତ ହୋଇଛି।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-BLS-0002-2021-6639/R&DM, Dated: 26 Feb. 2021**

No. XXI-23: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତୋଟାପଡ଼ା ଏବଂ କୁଅଁରପୁର ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ମାଙ୍କିଡ଼ିଆ, ଥାନା: ରାଇବଣିଆ ନଂ. ୩୬, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୭.୧୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତୋଟାପଡ଼ା ଏବଂ କୁଅଁରପୁର ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ନିର୍ବାହୀ ଯନ୍ତ୍ରୀ, ଜାମ୍ବୀରା କେନାଲ ଡିଭିଜନ, ମୋରଡ଼ା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ଜଳେଶ୍ୱର | ମାଙ୍କିଡ଼ିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୨୨.୭୦ | ଏ.୭.୧୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା- ୯/୨୦୨୦
ଏ.୭.୧୯ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ତୋଟାପଡ଼ା ଏବଂ କୁଅଁରପୁର ମାଇନର ନିମନ୍ତେ**
**ମୌଜା: ମାଙ୍କଡ଼ିଆ, ଥାନା: ରାଇବଣିଆ ନଂ. ୩୬, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 3 | 709 | 0.030 | 0.010 | ବିଆଳି ଦୋଫସଲି | ଅଯୋଧ୍ୟା ନାଥ କୁଇଲା, ପି.- କଟି କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 710 | 0.050 | 0.030 | ବିଆଳି ଦୋଫସଲି | |
| | 711 | 0.110 | 0.070 | ବିଆଳି ଦୋଫସଲି | |
| | 712 | 0.110 | 0.010 | ବିଆଳି ଦୋଫସଲି | |
| | 719 | 0.260 | 0.010 | ବିଆଳି ଦୋଫସଲି | |
| 6 | 893 | 0.420 | 0.090 | ବିଆଳି ଦୋଫସଲି | ଅତୁଲ ଚନ୍ଦ୍ର ଘୋଷ, ପି.- ପିତାମ୍ବର ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 15 | 1121 | 0.150 | 0.100 | ବିଆଳି ଦୋଫସଲି | ଅନିରୁଦ୍ଧ କୁଇଲା, ଜୟନ୍ତ କୁମାର କୁଇଲା, ପ୍ରବୀର କୁମାର କୁଇଲା, ପି.- ସୁରେନ୍ଦ୍ର କୁଇଲା, ରାଧାଶ୍ୟାମ କୁଇଲା, ଗଗନ କୁଇଲା, ପି.- ରାଜେନ୍ଦ୍ର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 1107 | 0.050 | 0.010 | ବିଆଳି ଦୋଫସଲି | |
| 31 | 1123 | 0.150 | 0.010 | ବିଆଳି ଦୋଫସଲି | ଆଦିକନ୍ଦ କୁଇଲା, ବ୍ରହ୍ମାନନ୍ଦ କୁଇଲା, ପରମାନନ୍ଦ କୁଇଲା, କଟିନ କୁଇଲା, ପି.- ଦୈବି କୁଇଲା, ନରେନ୍ଦ୍ର କୁଇଲା, ଦେବେନ୍ଦ୍ର କୁଇଲା, ହରମଣି କୁଇଲା, ସୁଭଦ୍ରା କୁଇଲା, ପି.- କାର୍ତ୍ତିକ କୁଇଲା, ଜା: ସଦଗୋପ, ବା: କୁଅଁରପୁର |
| 39 | 718 | 0.180 | 0.160 | ବିଆଳି ଦୋଫସଲି | ଆସିରନ ବିବି, ପି.- ଜାଫର ଖାଁ, ଜା: ମୁସଲମାନ, ବା: ବ୍ରହ୍ମପୁର |
| 43 | 809 | 0.440 | 0.020 | ବିଆଳି ଦୋଫସଲି | ଈଶ୍ୱର ମାହାନ୍ତି, ପି.- ଯୁଜେଷ୍ଠି ମାହାନ୍ତି, ଜା: ମାହେଶ୍ୟ, ବା: ନିଜଗାଁ |
| 67 | 972 | 0.140 | 0.010 | ବିଆଳି ଦୋଫସଲି | କାର୍ତ୍ତିକେଶ୍ୱର ଦାସ, ଗଣେଶ୍ୱର ଦାସ, ପି.- ପ୍ରଫୁଲ୍ଲ କୁମାର ଦାସ, ଜଗନ୍ନାଥ ଦାସ, ପି.- କେଦାର ନାଥ ଦାସ, ଜା: ସଦଗୋପ, ବା: କୁଅଁରପୁର |
| 80 | 717 | 0.250 | 0.010 | ବିଆଳି ଦୋଫସଲି | ସେକ କୁଦରତ, ସେକ ଲିଆକତ, ସେକ, କେଫା, ସେକ ମସାପ, ପି.- ସେକ ଆଲ୍ଲା ରେଖା, ସେକ ଆଲ୍ଲା ରେଖା, ପି.- ସେକ ଫେକା, ଜା: ମୁସଲମାନ, ବା: ବ୍ରହ୍ମାପୁର |
| | 748 | 0.330 | 0.140 | ବିଆଳି ଦୋଫସଲି | |
| 83 | 917 | 0.320 | 0.090 | ବିଆଳି ଦୋଫସଲି | କୁମୁଦ ଘୋଷ, ପି.- ବିରଞ୍ଚି ଘୋଷ, ଗୟାମଣୀ ଘୋଷ, ସ୍ୱା.- ବିରଞ୍ଚି ଘୋଷ, ଜା: ସଦଗୋପ, ବା: ନିଜଗାଁ, ଜବର ଦଖଲ, ବା: ଲକ୍ଷ୍ମୀଧର ଘୋଷ, ପି.- ଶ୍ରୀନିବାସ ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 84 | 1161 | 0.320 | 0.180 | ବିଆଳି ଦୋଫସଲି | କୃଷ୍ଣ କୁଇଲା, ପି.- ଲକ୍ଷ୍ମଣ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 132 | 575/ 2221 | 0.060 | 0.040 | ଘରବାରି | ଗୟା ପ୍ରସାଦ କୁଇଲା, ପି.- ବିଦୁ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 755 | 0.130 | 0.010 | ବିଆଳି ଦୋଫସଲି | |
| 142 | 787 | 0.420 | 0.300 | ବିଆଳି ଦୋଫସଲି | ଗଙ୍ଗାଧର କୁଇଲା, ପି.- କଟି କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 894 | 0.240 | 0.140 | ବିଆଳି ଦୋଫସଲି | |
| | 896 | 0.130 | 0.090 | ବିଆଳି ଦୋଫସଲି | |
| | 895 | 0.330 | 0.010 | ବିଆଳି ଦୋଫସଲି | |
| | 1160 | 0.380 | 0.020 | ବିଆଳି ଦୋଫସଲି | |
| 144 | 780 | 0.510 | 0.150 | ବିଆଳି ଦୋଫସଲି | ଗଙ୍ଗାଧର କୁଇଲା, ଗଜେନ୍ଦ୍ର କୁଇଲା, ଅଯୋଧ୍ୟା କୁଇଲା, ପି.- କଟି କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 788 | 0.170 | 0.120 | ବିଆଳି ଦୋଫସଲି | |
| | 927 | 0.390 | 0.180 | ବିଆଳି ଦୋଫସଲି | |
| | 928 | 0.620 | 0.040 | ବିଆଳି ଦୋଫସଲି | |
| | 996 | 0.210 | 0.160 | ବିଆଳି ଦୋଫସଲି | |
| | 1159 | 0.440 | 0.240 | ବିଆଳି ଦୋଫସଲି | |
| 185 | 800 | 0.180 | 0.040 | ବିଆଳି ଦୋଫସଲି | ଗୋପାଳ ଚନ୍ଦ୍ର ସେନାପତି, ରାଖାଲ ଚନ୍ଦ୍ର ସେନାପତି, ସୁଧାଂଶୁ ଶେଖର ସେନାପତି, ପି.- ପୂର୍ଣ୍ଣଚନ୍ଦ୍ର ସେନାପତି, ବିନତା ସେନାପତି, ସ୍ୱା.- ପୂର୍ଣ୍ଣଚନ୍ଦ୍ର ସେନାପତି, ଜା: ସଦଗୋପ, ବା: ନିଜଗାଁ |
| 198 | 901 | 0.420 | 0.170 | ବିଆଳି ଦୋଫସଲି | ଗୌରଚନ୍ଦ୍ର ପାଣି, ପି.- କେଦାର ନାଥ ପାଣି, ଜା: ସଦଗୋପ, ବା: ନିଜଗାଁ |
| 211 | 952 | 0.300 | 0.200 | ବିଆଳି ଦୋଫସଲି | ଗୌରହରି ପୋଇ, ନିତ୍ୟାନନ୍ଦ ପୋଇ, ପି.- ଲକ୍ଷ୍ମଣ ପୋଇ, ଜା: ଖଣ୍ଡାୟତ, ବା: କୁଅଁରପୁର |
| 215 | 801 | 0.180 | 0.120 | ବିଆଳି ଦୋଫସଲି | ଗୌରହରି ସେନାପତି, ପି.- ନରେନ୍ଦ୍ର ସେନାପତି, ଜା: ସଦଗୋପ, ବା: ନିଜଗାଁ |
| | 798/ 2418 | 0.210 | 0.170 | ବିଆଳି ଦୋଫସଲି | |
| 240 | 951 | 0.125 | 0.060 | ବିଆଳି ଦୋଫସଲି | ଯଜ୍ଞେଶ୍ୱର କୁଇଲା, ପୂର୍ଣ୍ଣଚନ୍ଦ୍ର କୁଇଲା, ପି.- ଶ୍ରୀନାଥ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 250 | 919 | 0.140 | 0.050 | ବିଆଳି ଦୋଫସଲି | ଜଳନ୍ଧର କୁଇଲା, ପି.- ଭୋଲୁ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 283 | 1137 | 0.350 | 0.020 | ବିଆଳି ଦୋଫସଲି | ଅଜୟ କୁମାର ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ପି.- ଦିବାକର ପ୍ରଧାନ, ଜା: ସଦଗୋପ, ବା: କୁଅଁରପୁର |
| 287 | 1158 | 0.300 | 0.060 | ବିଆଳି ଦୋଫସଲି | ଦୁର୍ଯ୍ୟୋଧନ ଘୋଷ, ଜଟ ଘୋଷ, ପି.- ଝାଟୁ ଘୋଷ, ଜା: ସଦଗୋପ, ବା: କୁଅଁରପୁର |
| 303 | 958 | 0.250 | 0.110 | ବିଆଳି ଦୋଫସଲି | ଦେବେନ୍ଦ୍ର ନାଥ ସେନାପତି, ପି.- ନିରଞ୍ଜନ ସେନାପତି, ଜା: ସଦଗୋପ, ବା: ନିଜଗାଁ |
| | 959 | 0.250 | 0.160 | ବିଆଳି ଦୋଫସଲି | |
| 308 | 926 | 0.130 | 0.010 | ବିଆଳି ଦୋଫସଲି | ଧନଞ୍ଜୟ କୁଇଲା, ଗୋପାଳ କୁଇଲା, ଗୁରୁବାରି କୁଇଲା, ପି.- ଦେବେନ୍ଦ୍ର କୁଇଲା, ଝାମ୍ପୁଡ଼ି କୁଇଲା, ସ୍ୱା.- ଦେବେନ୍ଦ୍ର କୁଇଲା, ରାଜେନ୍ଦ୍ର କୁଇଲା, ପି.- ଯୁଜେଷ୍ଠି କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 309 | 744 | 0.570 | 0.010 | ବିଆଳି ଦୋଫସଲି | ଧନଞ୍ଜୟ କୁଇଲା, ଗୋପାଳ, କୁଇଲା, ଗୁରୁବାରୀ କୁଇଲା, ପି.- ଦେବେନ୍ଦ୍ର କୁଇଲା, ଝାମ୍ପୁଡ଼ି କୁଇଲା, ସ୍ୱା.- ଦେବେନ୍ଦ୍ର କୁଇଲା, ମନ୍ଦୋଦରୀ କୁଇଲା, ମାଳତୀ କୁଇଲା, ପି.- ଯତିନ୍ଦ୍ର କୁଇଲା, ରାଜେନ୍ଦ୍ର କୁଇଲା, ପି.- ଯୁଜେଷ୍ଠି କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 747 | 0.050 | 0.010 | ବିଆଳି ଦୋଫସଲି | |
| | 922 | 0.240 | 0.010 | ବିଆଳି ଦୋଫସଲି | |
| 319 | 1194/ 2377 | 0.270 | 0.030 | ବିଆଳି ଦୋଫସଲି | ନବ କୁମାର ମିଶ୍ର, ପି.- ଭୂପତି ନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 336 | 798 | 0.210 | 0.020 | ବିଆଳି ଦୋଫସଲି | ନିତ୍ୟାନନ୍ଦ ସେନାପତି, ପି.- ନରେନ୍ଦ୍ର ସେନାପତି, ଜା: ସଦଗୋପ, ବା: ନିଜଗାଁ |
| | 802 | 0.180 | 0.100 | ବିଆଳି ଦୋଫସଲି | |
| | 803 | 0.150 | 0.020 | ବିଆଳି ଦୋଫସଲି | |
| | 997 | 0.200 | 0.010 | ବିଆଳି ଦୋଫସଲି | |
| 342 | 969 | 0.470 | 0.060 | ବିଆଳି ଦୋଫସଲି | ନିମାଇଁ ଚରଣ ଦାଶ, ଜୟଦେବ ଦାଶ, ବୀଣାପାଣି ଦାଶ, କରୁଣା ମଣି ଦାଶ, ପି.- ଶ୍ରୀହରି ଦାଶ, କୃଷ୍ଣ ଦାଶ, ପି.- ବୈକୁଣ୍ଠ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ, ବେଆଇନ ଖରିଦ ସୂତ୍ରେ ଦଖଲ, ବା: ବଳରାମ କାପୁଡ଼ି, ଗଦାଧର କାପୁଡ଼ି, ପାର୍ବତୀ କାପୁଡ଼ି, ଗୟାମଣି କାପୁଡ଼ି, କ୍ଷେତ୍ରମଣି କାପୁଡ଼ି, ପି.- ଯୋଗେନ୍ଦ୍ର କାପୁଡ଼ି, ରତ୍ନମଣି କାପୁଡ଼ି, ସ୍ୱା.- ଯୋଗେନ୍ଦ୍ର କାପୁଡ଼ି, ଜା: ସଦଗୋପ, ବା: ନିଜଗାଁ, ରେଜେଷ୍ଟ୍ରି ଦଲିଲ ନମ୍ବର ୭୬୬୯ ତା୭।୯।୬୫ରିଖ, ଜରସମନ ଟ.୫୦୦.୦୦, ରେଜେଷ୍ଟ୍ରି ଦଲିଲ ନମ୍ବର ୫୫୭୬, ତା୧୩।୫।୬୯ରିଖ ଜରସମନ ଟ.୮୦୦.୦୦ ବା: ନିଜଗାଁ |
| 360 | 795 | 0.150 | 0.010 | ବିଆଳି ଦୋଫସଲି | ପଞ୍ଚାନନ କୁଇଲା, ଧନଞ୍ଜୟ କୁଇଲା, ଅଭିମନ୍ୟୁ କୁଇଲା, ପି.- ପାଣ୍ଡବ କୁଇଲା, କିଶା କୁଇଲା, ସ୍ୱା.- ପାଣ୍ଡବ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 403 | 897 | 0.360 | 0.110 | ବିଆଳି ଦୋଫସଲି | ପ୍ରସନ୍ନ କୁମାର ଘୋଷ, ପି.- ହର ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 423 | 1136 | 0.100 | 0.070 | ବିଆଳି ଦୋଫସଲି | ପୂର୍ଣ୍ଣଚନ୍ଦ୍ର କୁଇଲା, ଶିବ ଚରଣ କୁଇଲା, ପି.- ରାମଚନ୍ଦ୍ର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 426 | 777 | 0.770 | 0.030 | ବିଆଳି ଦୋଫସଲି | ପୁରନ୍ଦର କୁଇଲା, ନରେନ୍ଦ୍ର କୁଇଲା, ସନାତନ କୁଇଲା, ଦିଲିପ କୁମାର କୁଇଲା, ପି.- ବିପିନ ଚନ୍ଦ୍ର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 778 | 0.140 | 0.070 | ବିଆଳି ଦୋଫସଲି | |
| | 779 | 0.330 | 0.130 | ବିଆଳି ଦୋଫସଲି | |
| 453 | 758 | 0.340 | 0.110 | ଶାରଦ ଦୁଇ | ବଳରାମ କାପୁଡ଼ି, ଗଦାଧର କାପୁଡ଼ି, ପାର୍ବତୀ କାପୁଡ଼ି, ସରସ୍ୱତୀ କାପୁଡ଼ି, ଗୟାମଣି କାପୁଡ଼ି, କ୍ଷେତ୍ରମଣି କାପୁଡ଼ି, ପି.- ଯୋଗେନ୍ଦ୍ର କାପୁଡ଼ି, ରତ୍ନମଣି କାପୁଡ଼ି, ସ୍ୱା.- ଯୋଗେନ୍ଦ୍ର କାପୁଡ଼ି, ନରେନ୍ଦ୍ର କାପୁଡ଼ି, ପି.- ନିଳାମ୍ବର କାପୁଡ଼ି, ଜା: ସଦଗୋପ, ବା: ନିଜଗାଁ |
| 476 | 760 | 0.330 | 0.120 | ବିଆଳି ଦୋଫସଲି | ବିଜୟ କୁମାର କୁଇଲା, ପି.- ରାମଚନ୍ଦ୍ର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 785 | 0.130 | 0.030 | ବିଆଳି ଦୋଫସଲି | |
| 477 | 768 | 0.600 | 0.070 | ବିଆଳି ଦୋଫସଲି | ବିଜୟ କୁଇଲା, ପି.- ରାମଚନ୍ଦ୍ର କୁଇଲା, ହୀରାମଣି କୁଇଲା, ସ୍ୱା.- ରାମଚନ୍ଦ୍ର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 786 | 0.160 | 0.140 | ବିଆଳି ଦୋଫସଲି | |
| | 808 | 0.600 | 0.240 | ବିଆଳି ଦୋଫସଲି | |
| 511 | 978/ 2364 | 0.150 | 0.030 | ବିଆଳି ଦୋଫସଲି | ଚନ୍ଦ୍ରକାନ୍ତ ସେଠୀ, ପି.- ପୂର୍ଣ୍ଣଚନ୍ଦ୍ର ସେଠୀ, ଜା: ରାଜୁ, ବା: ବ୍ରହ୍ମପୁରା |
| 535 | 784 | 0.150 | 0.020 | ବିଆଳି ଦୋଫସଲି | ମଧୁ କୁଇଲା, ପି.- ଗୋବିନ୍ଦ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 916 | 0.400 | 0.100 | ବିଆଳି ଦୋଫସଲି | |
| 536 | 1141 | 0.470 | 0.010 | ବିଆଳି ଦୋଫସଲି | ମଧୁ କୁଇଲା, ପି.- ଗୋବିନ୍ଦ କୁଇଲା, ବାଳାମଣି କୁଇଲା, ସ୍ୱା.- ଗୋବିନ୍ଦ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 562 | 994 | 0.210 | 0.030 | ବିଆଳି ଦୋଫସଲି | ମୋଚିରାମ ମହାନ୍ତି, ପି.- ଗୁହିନ ମହାନ୍ତି, ଜା: ମାହେଶ, ବା: ନିଜଗାଁ |
| | 995 | 0.070 | 0.030 | ବିଆଳି ଦୋଫସଲି | |
| 583 | 1135 | 0.140 | 0.010 | ବିଆଳି ଦୋଫସଲି | ରମାକାନ୍ତ ପତି, ପି.- ଶ୍ରୀନିବାସ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ |
| 639 | 1111 | 0.190 | 0.130 | ବିଆଳି ଦୋଫସଲି | ରାମଚନ୍ଦ୍ର କୁଇଲା, ପି.- ଶ୍ରୀନିବାସ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 640 | 1119 | 0.110 | 0.030 | ବିଆଳି ଦୋଫସଲି | ରାମଚନ୍ଦ୍ର କୁଇଲା, ପି.- ଶ୍ରୀନିବାସ କୁଇଲା, ଜା: ସଦଗୋପ, ବା: କୁଅଁରପୁର |
| | 1120 | 0.100 | 0.060 | ବିଆଳି ଦୋଫସଲି | |
| | 1122 | 0.270 | 0.120 | ବିଆଳି ଦୋଫସଲି | |
| 697 | 956 | 0.130 | 0.080 | ବିଆଳି ଦୋଫସଲି | ଶରଧାମଣି ଧଳ, ସ୍ୱା.- ବିଦ୍ୟାଧର ଧଳ, ଜା: ଖଣ୍ଡାୟତ, ବା: କୁଅଁରପୁର |
| 727 | 796 | 0.140 | 0.040 | ବିଆଳି ଦୋଫସଲି | ଶିବ ପ୍ରସାଦ ଦାସ, ପି.- ଅଦୈତ ଦାସ, ଜା: ଅଣିଣ ତନ୍ତି, ବା: ନିଜଗାଁ |
| 759 | 949 | 0.340 | 0.010 | ବିଆଳି ଦୋଫସଲି | ସୁମିତ୍ରା ମହାନ୍ତି, ସ୍ୱା.- କେଦାର ମହାନ୍ତି, ଜା: ମାହେଶ୍ୟ, ବା: ବ୍ରହ୍ମପୁର |
| 794 | 918 | 0.180 | 0.090 | ବିଆଳି ଦୋଫସଲି | ହରିହର କୁଇଲା, ଜରିଲାଲ କୁଇଲା, ମନରଞ୍ଜନ କୁଇଲା, ଗୋପାଳ କୁଇଲା, ପି.- ଜଳନ୍ଧର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 920 | 0.030 | 0.030 | ବିଆଳି ଦୋଫସଲି | |
| | 1162 | 0.300 | 0.040 | ବିଆଳି ଦୋଫସଲି | |
| 803 | 708/ 2402 | 0.090 | 0.020 | ବିଆଳି ଦୋଫସଲି | ହାଡୁ ପାତ୍ର, ହରେକୃଷ୍ଣ ପାତ୍ର, ପି.- ବିକ ପାତ୍ର, ଅଯୋଧ୍ୟା ନାଥ କୁଇଲା, ପି.- କଟି କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 812/ 1 | 921 | 0.050 | 0.020 | ବିଆଳି ଦୋଫସଲି | ଧନଞ୍ଜୟ କୁଇଲା, ଗୋପାଳ କୁଇଁଲା, ଗୁରୁବାରୀ କୁଇଲା, ପି.- ଦେବେନ୍ଦ୍ର କୁଇଲା, ଝାମ୍ପୁଡ଼ି କୁଇଲା, ସ୍ୱା.- ଦେବେନ୍ଦ୍ର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 812/ 24 | 973/ 2537 | 0.010 | 0.010 | ବିଆଳି ଦୋଫସଲି | ମୀନାରାଣୀ ବେହେରା, ସ୍ୱା.- ଅରୁଣ କୁମାର ବେହେରା, ଜା: ଲକ୍ଷ୍ମୀନାରାୟଣ ଗୋଳା, ବା: ମଙ୍ଗଳପୁର |
| | 975/ 2539 | 0.040 | 0.040 | ବିଆଳି ଦୋଫସଲି | |
| | 976/ 2540 | 0.040 | 0.010 | ବିଆଳି ଦୋଫସଲି | |
| 812/ 28 | 976/ 2447 | 0.060 | 0.040 | ବିଆଳି ଦୋଫସଲି | ସୁଧୀର କୁମାର ଘୋଷ, ପି.- ଝାଡ଼େଶ୍ୱର ଘୋଷ, ଜା: ସଦଗୋପ, ବା: ବ୍ରହ୍ମପୁର |
| | 977/ 2448 | 0.050 | 0.020 | ବିଆଳି ଦୋଫସଲି | |
| 812/ 35 | 779/ 2459 | 0.110 | 0.010 | ବିଆଳି ଦୋଫସଲି | ଦିଲ୍ଲୀପ କୁଇଲା, ପି.- ବିପିନ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 812/ 71 | 951/ 2479 | 0.125 | 0.020 | ବିଆଳି ଦୋଫସଲି | ସରୋଜ କୁମାର ଘୋଷ, ପି.- ସୁଶାନ୍ତ କୁମାର ଘୋଷ, ଜା: ସଦଗୋପ, ବା: ମଙ୍ଗଳପୁର |
| 812/ 75 | 759 | 0.270 | 0.080 | ବିଆଳି ଦୋଫସଲି | ସୁକୁମାର କୁଇଲା, କାଳି ଚରଣ କୁଇଲା, ବିନୋଦ କୁଇଲା, ପି.- ମଥୁରୀ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 812/ 117 | 1140 | 0.140 | 0.090 | ବିଆଳି ଦୋଫସଲି | ପ୍ରଶାନ୍ତ କୁମାର କୁଇଲା, ପି.- ରଘୁନାଥ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 812/ 133 | 953/ 2533 | 0.050 | 0.010 | ବିଆଳି ଦୋଫସଲି | ଭୀମ ଚରଣ କୁଇଲା, ଚନ୍ଦ୍ର ମୋହନ କୁଇଲା, ପି.- କୃଷ୍ଣଚନ୍ଦ୍ର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 955/ 2535 | 0.010 | 0.010 | ବିଆଳି ଦୋଫସଲି | |
| 812/ 136 | 953 | 0.05 | 0.01 | ବିଆଳି ଦୋଫସଲି | ଗୋବିନ୍ଦ ଚନ୍ଦ୍ର କୁଇଲା, ପି.- ଅର୍ଜୁନ ଚରଣ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 955 | 0.010 | 0.010 | ବିଆଳି ଦୋଫସଲି | |
| 812/ 156 | 1139 | 0.130 | 0.010 | ବିଆଳି ଦୋଫସଲି | ବିମଳ ଚନ୍ଦ୍ର କୁଇଲା, ପି.- ରାମଚନ୍ଦ୍ର କୁଇଲା, ରାଜୀବ କୁମାର କୁଇଲା, ପି.- ଶିବ ଚରଣ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 812/ 158 | 713 | 0.060 | 0.020 | ବିଆଳି ଦୋଫସଲି | ସେକ କସିମୁଦ୍ଦିନ, ସେକ କସିରୁଦ୍ଦିନ, ପି.- ସେକ କୁଦରତ, ଜା: ମୁସଲମାନ, ବା: ବ୍ରହ୍ମାପୁରା |
| | 714 | 0.180 | 0.020 | ବିଆଳି ଦୋଫସଲି | |
| 812/ 161 | 975 | 0.050 | 0.050 | ବିଆଳି ଦୋଫସଲି | ସୁବାସ ଚନ୍ଦ୍ର ଘୋଷ, ପି.- ଝାଡ଼େଶ୍ୱର ଘୋଷ, ଜା: ସଦଗୋପ, ବା: ବ୍ରହ୍ମାପୁର |
| | 973/ 2565 | 0.010 | 0.010 | ବିଆଳି ଦୋଫସଲି | |
| | 975/ 2567 | 0.080 | 0.040 | ବିଆଳି ଦୋଫସଲି | |
| | 975/ 2797 | 0.010 | 0.010 | ବିଆଳି ଦୋଫସଲି | |
| | 976/ 2568 | 0.020 | 0.020 | ବିଆଳି ଦୋଫସଲି | |
| | 977/ 2569 | 0.030 | 0.030 | ବିଆଳି ଦୋଫସଲି | |
| 812/ 176 | 1108 | 0.110 | 0.030 | ବିଆଳି ଦୋଫସଲି | ବିଜୟ ପ୍ରଧାନ, ପି.- ଭାଗବତ ପ୍ରଧାନ, ଜା: ସଦଗୋପ, ବା: କୁଆଁରପୁର |
| | 1109 | 0.130 | 0.080 | ବିଆଳି ଦୋଫସଲି | |
| 812/ 208 | 1138 | 0.160 | 0.120 | ବିଆଳି ଦୋଫସଲି | ରାଜୀବ କୁମାର କୁଇଲା, ପି.- ଶିବଚରଣ କୁଇଲା, ଜା: ସଦଗୋପ, ବା: ନିଜଗାଁ |
| | 1136/ 2615 | 0.080 | 0.060 | ବିଆଳି ଦୋଫସଲି | |
| 812/ 217 | 708 | 0.130 | 0.070 | ବିଆଳି ଦୋଫସଲି | ଅବନୀ କାନ୍ତ ଦାସ, ପି.- ଭାଗବତ ପ୍ରସାଦ ଦାସ, ଜା: ତନ୍ତୀ, ବା: ନିଜଗାଁ |
| | 745 | 0.030 | 0.030 | ବିଆଳି ଦୋଫସଲି | |
| | 746 | 0.030 | 0.030 | ବିଆଳି ଦୋଫସଲି | |
| 812/ 297 | 921/ 2704 | 0.150 | 0.120 | ବିଆଳି ଦୋଫସଲି | ସୁଶାନ୍ତ ଘୋଷ, ପି.- ଦିବାକର ଘୋଷ, ଜା: ସଦଗୋପ, ବା: ନିଜଗାଁ |
| 812/ 361 | 973 | 0.010 | 0.010 | ବିଆଳି ଦୋଫସଲି | ସୁଧୀର କୁମାର ଘୋଷ, ପି.- ଝାଡ଼େଶ୍ୱର ଘୋଷ, ଜା: ସଦଗୋପ, ବା: ବ୍ରହ୍ମପୁର |
| | 976 | 0.050 | 0.050 | ବିଆଳି ଦୋଫସଲି | |
| | 977 | 0.040 | 0.040 | ବିଆଳି ଦୋଫସଲି | |
| 812/ 400 | 1112/ 2822 | 0.040 | 0.010 | ବିଆଳି ଦୋଫସଲି | ମନୋଜ କୁମାର କୁଇଲା, ପି.- ପ୍ରବୋଧ କୁମାର କୁଇଲା, ଜା: ସଦଗୋପ, ବା: ନିଜଗାଁ |
| 812/ 450 | 1110 | 0.160 | 0.050 | ବିଆଳି ଦୋଫସଲି | ଧନଞ୍ଜୟ ପାତ୍ର, ପି.- ଦେବେନ୍ଦ୍ର ନାଥ ପାତ୍ର, ଜା: ସଦଗୋପ, ବା: ନିଜଗାଁ |
| ମୋଟ | ୧୧୬ ପ୍ଲଟକୁ | ଏ. ୨୨.୭୦ ଡେ.ମି. | ଏ.୭.୧୯ ଡେ.ମି. | | |

OIPR-24001/14/0030/2122



ବଲିଉଡ୍‌ର ବିଶିଷ୍ଟ ଅଭିନେତା ରାଜ କପୁରଙ୍କ ବଡ଼ ପୁଅ ରଣଧୀର କପୁର କରୋନାରେ ସଂକ୍ରମିତ ହୋଇଛନ୍ତି। ତାଙ୍କୁ ମୁମ୍ବାଇସ୍ଥିତ କୋକିଲାବେନ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଚିକିତ୍ସା ଜାରି ରହିଥିବା ନେଇ ଡାକ୍ତରଖାନା ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

# ହିଲିଓସ୍ଫିୟର ଉପରୁ ହଟିବ ପରଦା

ଚନ୍ଦ୍ର, ମଙ୍ଗଳ ପରେ ନକ୍ଷତ୍ର ଅଭିଯାନ ଅଭିଳାଷ ନେଇ ଆଗକୁ ବଢୁଛି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା। 'ଇଣ୍ଟରଷ୍ଟେଲର ପ୍ରୋବ୍' ନାମକ ଏହି ଅଭିଯାନ ଲାଗି ଗବେଷଣା ଜାରି ରହିଛି। ସବୁକିଛି ଠିକ୍‌ଠାକ୍ ରହିଲେ ଆଗାମୀ ୧୫ ବର୍ଷ ଭିତରେ ଅସମାହିତ ହିଲିଓସ୍ଫିୟର ସମ୍ପର୍କରେ ଅନେକ ତଥ୍ୟ ସାର୍ବଜନୀନ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି ନାସା।



## ଅଭିଯାନ ଲାଗି ପ୍ରସ୍ତୁତ ହେଉଛି ନାସା

**ୱାଶିଂଟନ୍:** ବର୍ତ୍ତମାନ ସମୟରେ ଚନ୍ଦ୍ର ଏବଂ ମଙ୍ଗଳ ଅଭିଯାନ ଉପରେ ଅଧିକ ଗୁରୁତ୍ୱ ଦେଉଛି ନାସା। ସମାନ୍ତରାଳ ଭାବେ ମହାକାଶ ସମ୍ପର୍କିତ ଅନ୍ୟ ଗବେଷଣାତ୍ମକ କାର୍ଯ୍ୟ ମଧ୍ୟ ଜାରି ରହିଛି। ଏବେ ନାସା ଏବଂ ଏହାର ସହଯୋଗୀ ସଙ୍ଗଠନଗୁଡ଼ିକ ମିଳିତ ଭାବେ 'ଇଣ୍ଟରଷ୍ଟେଲର ପ୍ରୋବ୍' ଅଭିଯାନ ଉପରେ ଅଧ୍ୟୟନ ଚଳାଇଛନ୍ତି, ଯାହା ଆସନ୍ତା ୧୫ ବର୍ଷ ଭିତରେ ନକ୍ଷତ୍ରମଣ୍ଡଳୀୟ ଗତିବିଧି ଏବଂ ବିକିରଣରୁ ସୁରକ୍ଷା ଦେଉଥିବା ହିଲିଓସ୍ଫିୟର ଉପରେ ଅନେକ ତଥ୍ୟ ପଦାକୁ ଆସିବ।

'ଇଣ୍ଟରଷ୍ଟେଲର ପ୍ରୋବ୍' ଅଭିଯାନର ତୁଳନା ଭୋୟଜର-୧ ସହିତ କରାଯାଉଛି। ଭୋୟଜର-୧ ହେଉଛି ନାସାର ଏକ ମହାକାଶ ଅଭିଯାନ। ସୌରମଣ୍ଡଳ ବାହାରର ଗତିବିଧି ଜାଣିବା ଲାଗି ୧୯୭୭ରେ ଏହି ଯାନ ପ୍ରେରଣ କରାଯାଇଥିଲା। ଏହି ମହାକାଶ ଯାନ ୩୫ବର୍ଷ ଧରି ସଫଳତାର ସହ କାର୍ଯ୍ୟ କରିଥିଲା। ଭୋୟଜର-୧ ଏବଂ ଭୋୟଜର-୨ ଯଥାକ୍ରମେ ୨୦୧୨ ଏବଂ ୨୦୧୮ରେ 'ଇଣ୍ଟରଷ୍ଟେଲର ସ୍ପେସ୍‌ରେ' ପ୍ରବେଶ କରିଥିଲା। ସେତେବେଳେ ନାସାର ମହାକାଶ ବିଜ୍ଞାନୀମାନେ ଉତ୍ସବ ପାଳିଥିଲେ। କାରଣ ଉକ୍ତ ଯାନ ସୂର୍ଯ୍ୟ ଏବଂ ପୃଥିବୀର ଦୂରତାଠାରୁ ୧୨୦ ଗୁଣା ଅଧିକ ଯାତ୍ରା କରିଥିଲା ଏବଂ ହେଲିଓସ୍ଫିୟର ସୀମା ଛୁଇଁଥିଲା। ସୂଚନାଯୋଗ୍ୟ, ହେଲିୟୋସ୍ଫିୟର ମହାକାଶର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏଠାକୁ ସୌର ପବନ (ସୋଲାର ୱିଣ୍ଡ) ପହଞ୍ଚି ପାରିଥାଏ। ଭୋୟଜର ଯାନ ଏହାର ସୀମାକୁ ଖୋଜି ପାଇବାରେ ସକ୍ଷମ ହୋଇଥିଲା। ହେଲେ ହିଲିଓସ୍ଫିୟର ସମ୍ପର୍କରେ ଅଧିକ ସୂଚନା ନାହିଁ। ନୂତନ ଅଭିଯାନରେ ହିଲିଓସ୍ଫିୟରର ଫଟୋଚିତ୍ର ଉତ୍ତୋଳନ କରାଯିବ, ଯାହା ପୃଥିବୀରୁ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୁଏନାହିଁ।

'ଇଣ୍ଟରଷ୍ଟେଲର ପ୍ରୋବ' ମହାକାଶର ହିଲିଓସ୍ଫିୟର ପାର କରି 'ଇଣ୍ଟରଷ୍ଟେଲର ସ୍ପେସ୍' ଭିତରେ ପ୍ରବେଶ କରିବ। ଏଥିରୁ ହିଲିଓସ୍ଫିୟର ସମ୍ପର୍କିତ ଅନେକ ଅସମାହିତ ପ୍ରଶ୍ନ ଉପରୁ ପରଦା ହଟିବ। ମେରିଲାଣ୍ଡର ଜନ୍ ହପ୍‌କିନ୍ସ ୟୁନିର୍ଭସିଟିର ଆପ୍ଲାଏଡ୍ ଫିଜିକ୍ସ ଲ୍ୟାବ୍ (ଏପିଏଲ୍)ରେ ଗବେଷଣା କରୁଥିବା ଏଲିନା ପ୍ରୋବର୍ନିକୋବା କହିଛନ୍ତି, 'ଇଣ୍ଟରଷ୍ଟେଲର ପ୍ରୋବ' ଅଭିଯାନରେ ସୌରମଣ୍ଡଳ ବାହାରର ଆଶ୍ଚର୍ଯ୍ୟଜନକ ଫଟୋଚିତ୍ର ମିଳିବାର ସମ୍ଭାବନା ରହିଛି। ଏପିଏଲ୍‌ରେ ୫୦୦ ଜଣିଆ ଏକ ବୈଜ୍ଞାନିକ, ଗବେଷକ ଏବଂ ଇଞ୍ଜିନିୟରଙ୍କ ଟିମ୍ ରହିଛି। ନିକଟରେ ହେବାକୁ ଥିବା ୟୁରୋପୀୟ ଜିୟୋସାଇନ୍ସ ୟୁନିୟନ ମହାସଭାରେ ଏଲିନା ଏବଂ ତାଙ୍କ ସହକର୍ମୀ ଏହି ଅଭିଯାନ ବିଷୟରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

ହିଲିଓସ୍ଫିୟର ସୌରମଣ୍ଡଳର ଉଚ୍ଚଶକ୍ତି ସମ୍ପନ୍ନ ବିକିରଣରୁ ପୃଥିବୀକୁ ରକ୍ଷା କରିଥାଏ। ଏ ବିଷୟରେ ଅଧିକ ତଥ୍ୟ ଜାଣିବା ଲାଗି ୪ବର୍ଷ ହେଲା ଗବେଷଣା ଜାରି ରହିଛି। ଚଳିତ ବର୍ଷ ଶେଷ ଆଡ଼କୁ ଉକ୍ତ ଟିମ୍ ନାସାକୁ ରିପୋର୍ଟ ଦେବ। ଏହାପରେ ଅଭିଯାନ ଲାଗି ସବୁଜ ସଙ୍କେତ ମିଳିବ ବୋଲି ଜଣାପଡ଼ିଛି। ୨୦୩୦ ସୁଦ୍ଧା ମହାକାଶ ଯାନ ଉତ୍‌ପ୍ରେକ୍ଷଣ କରାଯିବ, ଯାହା ୧୫ ବର୍ଷ ଭିତରେ ହିଲିଓସ୍ଫିୟର ସୀମାରେ ପହଞ୍ଚିବ ବୋଲି ଜଣାପଡ଼ିଛି।



# ଶାନ୍ତିରେ ରହିବା କଷ୍ଟକର

ଦେଶରେ କରୋନାର ଭୟଙ୍କର ସ୍ଥିତି ଜାରି ରହିଛି। ହସ୍ପିଟାଲ ବେଡ୍, ଅକ୍ସିଜେନ ଅଭାବ, ହଜାର ହଜାର ସଂଖ୍ୟାରେ ଦୈନିକ ମୃତ୍ୟୁ ଅସହାୟ ପରିସ୍ଥିତି ସୃଷ୍ଟି କରିଛି। ଏ ସବୁ କେତେ ଦୁଃଖଦାୟକ ତାହା ବର୍ଣ୍ଣନା କରିଲାବେଳେ କାନ୍ଦି ପକାଇଛନ୍ତି ଅଭିନେତ୍ରୀ ଶିଳ୍ପା ସେଟ୍ଟୀ। ଏହା ସହ ଆକ୍ରାନ୍ତଙ୍କ ସହାୟତା ପାଇଁ ସେ ହାତ ବଢ଼ାଇଛନ୍ତି। ଭିଡିଓରେ ଶିଳ୍ପା କହିଛନ୍ତି, ଦେଶରେ ସଙ୍କଟ ଜାରି ରହିଛି। ବହୁ ସଂଖ୍ୟାରେ ଲୋକ ସେମାନଙ୍କ ପ୍ରିୟଜନଙ୍କୁ ହରାଛନ୍ତି। ପରିସ୍ଥିତି ଏପରି ସେ ଶେଷ ସମୟରେ ବି ସେମାନେ ନିଜ ଲୋକଙ୍କୁ ଦେଖିପାରୁନାହନ୍ତି। ଏ ସବୁ ଦେଖି ଶାନ୍ତିରେ ରହିବା କଷ୍ଟକର ହୋଇପଡ଼ିଛି। ଏଭଳି ବିପତ୍ତିବେଳେ ସଭିଏଁ ଆଗକୁ ଆସି ପରସ୍ପରକୁ ସାହାଯ୍ୟ କରିବା ଜରୁରୀ ହୋଇପଡ଼ିଛି। ଏହା ସହ ଆଗଧାଡ଼ିର ଯୋଦ୍ଧାଙ୍କୁ ସେ ସଲାମ ଜଣାଇଛନ୍ତି।

ଲଢ଼େଇରୁ ଓହରିଯାଇଛି, ତଥାପି ସମୁଦ୍ରରେ ମନ ରହିଥିବ ବୋଲି କହନ୍ତି ଇଟାଲୀର 'ରବିନ୍‌ସନ୍ କ୍ରୁଜ୍'।



# ୩୨ ବର୍ଷ ପରେ ଦ୍ୱୀପରୁ ଫେରିବେ ମୌରୋ

**ନୂଆଦିଲ୍ଲୀ:** ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ନିଜ ଗନ୍ତବ୍ୟସ୍ଥଳ ଅଭିମୁଖେ ଆଗଉଥିବାବେଳେ ଏକମାତ୍ର ସାଧନ ବୋଟ୍‌ଟି ଭାଙ୍ଗି ଯାଇଥିଲା। ପରେ ଅଜାଣତରେ ଯାଇ ପହଞ୍ଚିଥିଲେ ସର୍ଦ୍ଦିନିଆ ଉପକୂଳର ଗୋଲାପୀ ବେଳାଭୂମିରେ। ହେଲେ ବୁଦେଲ ଦ୍ୱୀପ ମୋହରେ ଆଉ ସେଠାରୁ ଫେରିଯିବାକୁ ମନ କରି ନ ଥିଲେ ମୌରୋ ମୋରାଣ୍ଡି। ୧୯୮୯ ମସିହାର ଏହି ଘଟଣାକୁ ୩୨ ବର୍ଷ ବିତିଥିବାବେଳେ ଏବେ ନିଜ ପ୍ରିୟ ସ୍ଥାନ ପରିତ୍ୟାଗ କରିବାକୁ ତାଙ୍କୁ ପରିସ୍ଥିତି ବାଧ୍ୟ କରିଛି। ବୁଦେଲ ଛାଡ଼ିବା ପରେ ନୂଆ ଜୀବନ ଆରମ୍ଭ ହେବ ବୋଲି କହିଛନ୍ତି ୮୧ ବର୍ଷୀୟ ମୌରୋ।

ଇଟାଲୀର ରବିନସନ୍ କ୍ରୁଜ୍ ଭାବେ ପରିଚିତ ମୌରୋ ମୋରାଣ୍ଡିଙ୍କ ଜୀବନ କାହାଣୀ ବେଶ ରୋଚକ। ୩୨ ବର୍ଷ ପୂର୍ବେ ଏକଦା ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଯାତ୍ରାବେଳେ ତାଙ୍କ ବୋଟ୍‌ଟି ଭାଙ୍ଗି ଯାଇଥିଲା। କିପରି ସେଠାରୁ ସୁରକ୍ଷିତ ଫେରିବେ ତାହାର ଉପାୟ ଖୋଜୁଖୋଜୁ ଯାଇ ପହଞ୍ଚିଥିଲେ ଇଟାଲୀର ସର୍ଦ୍ଦିନିଆ ଉପକୂଳ ନିକଟ ବୁଦେଲ ଦ୍ୱୀପରେ। ହେଲେ ସେଠାକୁ ଯିବା ପରେ ଆଉ ଫେରିବାକୁ ମନ କରି ନ ଥିଲେ। ସଂଯୋଗବଶତଃ ସେ ଜାଣିବାକୁ ପାଇଥିଲେ ଯେ ଦ୍ୱୀପର ଦେଖାରଖା କରୁଥିବା ଜଗୁଆଳୀ ଜଣକ ଖୁବ୍‌ଶୀଘ୍ର ଅବସର ନେବେ। ଏହାକୁ ସୁଯୋଗ ଭାବେ ନେଇ ଥିଲେ ମୌରୋ। ନିଜ ବୋଟ୍‌କୁ ବିକ୍ରି କରି ଦେଇ ଉକ୍ତ ଜଗୁଆଳୀଙ୍କ ସ୍ଥାନ ନେଇଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ବେଳର ଏକ ଆଶ୍ରୟସ୍ଥଳକୁ ସେ ଘର କରିଥିଲେ। ସେବେଠାରୁ ମୌରୋ ବୁଦେଲ ଦ୍ୱୀପକୁ ସଫାସୁତରା ରଖିବା ସହ ସେଠାକୁ ବୁଲିବାକୁ ଯାଉଥିବା ପର୍ଯ୍ୟଟକଙ୍କୁ ଭେଟୁଥିଲେ। କିନ୍ତୁ ଏବେ ତାଙ୍କୁ ବୁଦେଲ ଛାଡ଼ିବାକୁ ପଡ଼ିବ। ଦ୍ୱୀପଟି ପରିବେଶ ଶିକ୍ଷାର ହବ୍‌ରେ ପରିଣତ କରାଯିବାକୁ ଯୋଜନା ହୋଇଥିବାରୁ ଲା ମାଡ୍ଡାଲେନା ଜାତୀୟ ପାର୍କ କର୍ତ୍ତୃପକ୍ଷ ମୌରାଙ୍କୁ ସେଠାରୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବାଇକ୍ ଆମ୍ବୁଲାନ୍ସରେ ଅକ୍ସିଜେନ



**ଭୋପାଳ:** କରୋନା ରୋଗୀଙ୍କ ନିମନ୍ତେ ଚିକିତ୍ସା ସୁବିଧା ପାଇଁ ବାଇକ୍‌ରେ ଆମ୍ବୁଲାନ୍ସର ବ୍ୟବସ୍ଥା କରି ଚର୍ଚ୍ଚାକୁ ଆସିଛନ୍ତି ଜଣେ ଯୁବ ଇଞ୍ଜିନିୟର। ସେଥିରେ ପ୍ରାଥମିକ ଚିକିତ୍ସା ସହ ଅକ୍ସିଜେନ ଯୋଗାଣର ବ୍ୟବସ୍ଥା ରଖି ଏକ ଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି ଇଞ୍ଜିନିୟର ଅଜିଜ୍ ଖାନ୍। ଅଜିଜ ନିଜ ପ୍ରୟାସରେ ଜ୍ଞାନ କୌଶଳ ଖଟାଇ ବାଇକ୍‌କୁ ଆମ୍ବୁଲାନ୍ସ କରିଛନ୍ତି। ଏହି ଆମ୍ବୁଲାନ୍ସରେ ରୋଗୀଙ୍କୁ ହସ୍ପିଟାଲ ନିଆଯାଇପାରିବ। ଖାଲି ଏତିକି ନୁହେଁ, ସେ ଏଥିରେ ଅକ୍ସିଜେନ ସିଲିଣ୍ଡର ମଧ୍ୟ ଲଗାଇଛନ୍ତି। ଏହି ଆମ୍ବୁଲାନ୍ସ ତିଆରି କରିବାରେ ସେ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି। ଏହି ଆମ୍ବୁଲାନ୍ସର ବିଶେଷତ୍ୱ ହେଲା, ଏଥିରେ ହସ୍ପିଟାଲରେ ବ୍ୟବହାର କରାଯାଉଥିବା ବେଡ୍ ଲଗାଯାଇଛି। ଯେଉଁଥିରେ ରୋଗୀଙ୍କୁ ନେବା ଆଣିବା କରିବା ସହଜ ହେବ। ଏଥିରେ ଲାଗିଥିବା ଅକ୍ସିଜେନ ସିଲିଣ୍ଡରରୁ ଗୁରୁତର ରୋଗୀଙ୍କୁ ଅକ୍ସିଜେନ ଦିଆଯାଇପାରିବ। ଏଥିରେ ଜୀବନରକ୍ଷା ପାଇଁ କିଛି ମେଡିସିନ ମଧ୍ୟ ରଖାଯାଇଛି। ଅଜିଜଙ୍କ ଏପରି ପ୍ରୟାସକୁ ସାଧାରଣରେ ଖୁବ୍ ପ୍ରଶଂସା କରାଯାଉଛି।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେଓଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନବରଙ୍ଗପୁର, ନୟାଗଡ଼ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବେଶୀ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା ହେବାରେ ସମ୍ଭାବନା ରହିଛି। ଶୁକ୍ରବାର ଦିନର ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୭ ଡିଗ୍ରୀ ସେଲସିୟସ୍ ରହିପାରେ। ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୪ | ୨୬.୯ |
| ଚାନ୍ଦବାଲି | ୩୭.୧ | ୨୫.୫ |
| କଟକ | ୩୬.୬ | ୨୬.୦ |
| ପାରାଦୀପ | ୩୨.୫ | ୨୮.୨ |
| ଭୁବନେଶ୍ୱର | ୩୮.୩ | ୨୭.୦ |
| ଗୋପାଳପୁର | ୩୩.୦ | ୨୭.୪ |
| ପୁରୀ | ୩୨.୮ | ୨୮.୨ |
| ଅନୁଗୋଳ | ୪୦.୧ | ୨୭.୦ |
| ବାରିପଦା | ୩୮.୦ | ୨୬.୫ |
| ଝାରସୁଗୁଡ଼ା | ୪୧.୦ | ୨୪.୨ |
| କେନ୍ଦୁଝର | ୩୭.୪ | ୨୩.୨ |
| ସମ୍ବଲପୁର | ୪୧.୨ | ୨୫.୬ |
| ସୁନ୍ଦରଗଡ଼ | ୪୨.୦ | ୨୨.୦ |
| ହୀରାକୁଦ | ୪୦.୩ | ୨୩.୭ |
| ତାଳଚେର | ୪୦.୩ | ୨୫.୦ |
| ଭବାନୀପାଟଣା | ୪୨.୦ | ୨୬.୦ |
| ବଲାଙ୍ଗୀର | ୪୨.୨ | ୨୪.୩ |
| କୋରାପୁଟ | ୩୫.୦ | ୨୦.୬ |
| ଫୁଲବାଣୀ | ୩୯.୪ | ୧୯.୫ |
| ଟିଟିଲାଗଡ଼ | ୪୨.୬ | ୨୭.୮ |
| ମାଲକାନଗିରି | ୪୦.୦ | ୨୪.୫ |
| ସୋନପୁର | ୪୩.୧ | ୨୫.୦ |
| ଦାରିଙ୍ଗିବାଡ଼ି | – | ୨୧.୦ |
| ନୟାଗଡ଼ | ୩୭.୦ | ୨୫.୦ |
| ବୌଦ୍ଧ | ୪୨.୫ | ୨୬.୦ |
| ଛତ୍ରପୁର | ୩୩.୦ | ୨୬.୦ |
| ପାରଳାଖେମୁଣ୍ଡି | ୩୮.୫ | ୨୬.୫ |
| ରାୟଗଡ଼ା | ୩୩.୫ | ୨୫.୨ |

ଡିଗ୍ରୀ ସେଲସିୟସ୍

# ପିପିଇ କିଟ୍‌ରେ ବରଯାତ୍ରୀ ନାଚ

**ଡେରାଡୁନ୍:** ପିପିଇ କିଟ୍ ପିନ୍ଧି ଜଣେ ଆମ୍ବୁଲାନ୍ସ କର୍ମଚାରୀଙ୍କ ବରଯାତ୍ରୀ ନାଚ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓଟି ଉତ୍ତରାଖଣ୍ଡର ବୋଲି ଜଣାପଡ଼ିଛି। ଏକ ବରଯାତ୍ରୀ ଶୋଭାଯାତ୍ରା ଯାଉଥିବାବେଳେ ନିଜକୁ ଅଟକାଇ ପାରି ନ ଥିଲେ ଏହି ଆମ୍ବୁଲାନ୍ସ କର୍ମଚାରୀ। ସେଠାରେ ହିଁ ସେ ଗାଡ଼ି ଅଟକାଇ ପିପିଇ କିଟ୍ ପିନ୍ଧିବା ଅବସ୍ଥାରେ ବରଯାତ୍ରୀଙ୍କ ସହ ନାଚିବାରେ ଲଗିଥିଲେ। ଏହା ଦେଖି ଲୋକେ ଡରିଯିବା ସହ ତାଙ୍କଠାରୁ ଦୂରକୁ ଘୁଞ୍ଚିଯାଇଥିଲେ। ମହେଶ ନାମକ ଏହି ଆମ୍ବୁଲାନ୍ସ ଡ୍ରାଇଭର କହିଛନ୍ତି, ଦିନରାତି ରୋଗୀ ବୋହି ବୋହି ଥକି ପଡ଼ିଥିଲି। ବ୍ୟାଣ୍ଡବାଜାର ଶବ୍ଦ ଶୁଣି ନିଜକୁ କଣ୍ଟ୍ରୋଲ କରିପାରିଲିନି। ମନକୁ ଟିକେ ହାଲ୍‌କା କରିବାକୁ ବରଯାତ୍ରୀଙ୍କ ସହ ନାଚିଦେଲି।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No. RDM-LAA-MBJ-0015-2020/4506, R&DM, Dated: 9 FEB 2021

**No. XXI-19:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆଶୁକନ୍ଦ ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **କୋଠାବାଡି**, ଥାନା- ବୈଶିଙ୍ଗା ନଂ.୨, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୪.୫୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR &R Act, 2013)ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆଶୁକନ୍ଦ ମାଇନର ନିର୍ମାଣ ନିମନ୍ତେ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଏସ.ଆଇ. ଡିଭିଜନ ନଂ.-୨, ଦେଉଳି, ମୟୂରଭଞ୍ଜ ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ ।
୬- ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | କୋଠାବାଡି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୨୧.୨୪ | ଏ. ୪.୫୯ | ଏଥିସହିତ ସଂଲଗ୍ନ |

ଉକ୍ତଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ **ମୟୂରଭଞ୍ଜଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା-୩୩/୨୦୧୯, ଏ.୪.୫୯ ଡେ.ମି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଆଶୁକନ୍ଦ ମାଇନର**
**ମୌଜା- କୋଠାବାଡି, ଥାନା- ବୈଶିଙ୍ଗା ନଂ.-୨, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୩ | ୧୬୪ | ୦.୫୯ | ୦.୨୩ | ଘରବାରି | ଅଭିରାମ ମହାନ୍ତ, ଦାମୋଦର ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, କେଶବ ମହାନ୍ତ ପି: ଅନୁକୂଳ ମହାନ୍ତ, ରତ୍ନମଣି ମହାନ୍ତ, ସ୍ୱା: ଅନୁକୂଳ ମହାନ୍ତ, ରହିନା ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି: ନରସିଂହ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୫ | ୧୧୦ | ୦.୧୧ | ୦.୦୨ | ଘରବାରି | ଅଶ୍ୱନୀ କୁମାର ମହାନ୍ତ, ଅଜିତ କୁମାର ମହାନ୍ତ ପି: ମାଲିରାମ ମହାନ୍ତ, ସମବାରି ମହାନ୍ତ ସ୍ୱା: ମାଲିରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୧୭ | ୦.୩୧ | ୦.୦୯ | ଶାରଦ ଅଣ ଜଳସେଚିତ ଦୁଇ | |
| ୬ | ୧୦୯ | ୦.୨୨ | ୦.୦୬ | ଘରବାରି | ଅଶ୍ୱନୀ କୁମାର ମହାନ୍ତ, ଅଜିତ କୁମାର ମହାନ୍ତ ପି: ମାଲିରାମ ମହାନ୍ତ, ସମବାରି ମହାନ୍ତ ସ୍ୱା: ମାଲିରାମ ମହାନ୍ତ, ବୁଧରାମ ମହାନ୍ତ ପି: ପଞ୍ଚାନନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩ | ୩୨୨ | ୦.୪୭ | ୦.୦୩ | ଚକ | ଗଜେନ୍ଦ୍ର ମହାନ୍ତ ପି: ଠେଲୁ ମହାନ୍ତ, ଜା: କୁଡୁମି, ବା: ଗବପାଳ |
| ୧୬ | ୧୬୩ | ୦.୩୬ | ୦.୧୦ | ଘରବାରି | ଗୋକୁଳ ମହାନ୍ତ ପି: ଦୁର୍ଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୩୨୧ | ୦.୦୫ | ୦.୦୩ | ଚକ | |
| ୨୪ | ୩୨୮ | ୨.୯୧ | ୦.୧୨ | ଚକ | ଜନାର୍ଦ୍ଦନ ମହାନ୍ତ ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୧ | ୨୨୯ | ୦.୩୭ | ୦.୧୯ | ପତିତ | ଦଶରଥ ମହାନ୍ତ ପି: ଗୋହିରାମ ମହାନ୍ତ, ବିକାଶ ରଞ୍ଜନ ମହାନ୍ତ ପି: କ୍ଷେତ୍ର ମୋହନ ମହାନ୍ତ, ଉର୍ମିଳା ମହାନ୍ତ ସ୍ୱା: କ୍ଷେତ୍ର ମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୩୧୪ | ୨.୧୧ | ୦.୦୭ | ଚକ | |
| ୩୭ | ୧୦୨ | ୦.୦୭ | ୦.୦୧ | ଘରବାରି | ନକୁଳ ମହାନ୍ତ ପି: ଜ୍ଞାନ ଚାନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୦୬ | ୦.୦୩ | ୦.୦୩ | ଘରବାରି | |
| | ୩୦୨ | ୦.୪୫ | ୦.୦୧ | ଚକ | |
| ୩୯ | ୩୦୦ | ୧.୩୪ | ୦.୦୨ | ଚକ | ନବଘନ ମହାନ୍ତ ପି: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୦ | ୧୫୪ | ୦.୮୧ | ୦.୨୦ | ଘରବାରି | ନବଘନ ମହାନ୍ତ, ପୁରନ ମହାନ୍ତ, ଉର୍ବଶୀ ମହାନ୍ତ ପି: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୩ | ୧୪୧ | ୦.୩୨ | ୦.୧୦ | ଘରବାରି | ପରମାନନ୍ଦ ମହାନ୍ତ, ପ୍ରେମଚାନ୍ଦ ମହାନ୍ତ, ପରମେଶ୍ୱର ମହାନ୍ତ, ମୋହିନୀ ମହାନ୍ତ, ଭାରତୀ ମହାନ୍ତ ପି: ବିଶ୍ୱାମିତ୍ର ମହାନ୍ତ, ଶକୁନ୍ତଳା ମହାନ୍ତ ସ୍ୱା: ବିଶ୍ୱାମିତ୍ର ମହାନ୍ତ, ଶକୁନ୍ତଳା ମହାନ୍ତ ପି: ନିରଞ୍ଜନ ମହାନ୍ତ, କଳେଶ୍ୱରୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୪୨ | ୦.୦୭ | ୦.୦୧ | ଶାରଦ ଅଣ ଜଳସେଚିତ ଦୁଇ | |
| ୪୬ | ୩୧୩ | ୦.୪୮ | ୦.୧୬ | ଚକ | ପ୍ରତାପ ଚନ୍ଦ୍ର ମହାନ୍ତ ପି: ଶ୍ରୀହରି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୯ | ୧୦୪ | ୦.୧୦ | ୦.୦୭ | ଘରବାରି | ପ୍ରହ୍ଲାଦ ମହାନ୍ତ, ଉଗ୍ରସେନ ମହାନ୍ତ, ଯୋଗେଶ୍ୱର ମହାନ୍ତ ପି: ତାରାଚାନ୍ଦ ମହାନ୍ତ, ସୋମନାଥ ମହାନ୍ତ, ବିଶ୍ୱନାଥ ମହାନ୍ତ, ରଙ୍ଗି ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ଦ୍ରୌପଦୀ ମହାନ୍ତ, ପଦ୍ମାବତୀ ମହାନ୍ତ ପି: କଳେଶ୍ୱର ମହାନ୍ତ, ରଥି ମହାନ୍ତ ସ୍ୱା: କଳେଶ୍ୱର ମହାନ୍ତ, ଜା: କୁଡୁମି, ବା: ଗବପାଳ |
| ୫୫ | ୧୦୭ | ୦.୦୩ | ୦.୦୩ | ଘରବାରି | ବାଉରିବନ୍ଧୁ ମହାନ୍ତ ପି: ଗୋରାଚାନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୬୦ | ୨୨୮ | ୦.୧୫ | ୦.୦୮ | ଘରବାରି | ବିଦ୍ୟାଧର ମହାନ୍ତ, ବୁଧୁ ମହାନ୍ତ ପି: ଲାଲମୋହନ ମହାନ୍ତ, ଜା: କୁଡିମି, ବା: ଗବପାଳ |
| ୬୧ | ୯୯ | ୦.୫୫ | ୦.୨୭ | ଘରବାରି | ବିଦ୍ୟାଧର ମହାନ୍ତ, ଯୁଧିଷ୍ଠିର ମହାନ୍ତ, ବାଞ୍ଛାରାମ ମହାନ୍ତ, ସଲାବତ ମହାନ୍ତ, ସୁଦାମ ମହାନ୍ତ ପି: ମୁନୀରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୧୧ | ୦.୯୨ | ୦.୨୦ | ଘରବାରି | |
| ୬୫ | ୧୦୮ | ୦.୧୦ | ୦.୧୦ | ଘରବାରି | ବୁଧୁରାମ ମହାନ୍ତ ପି: ପଞ୍ଚାନନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୧୮ | ୦.୨୨ | ୦.୧୦ | ଶାରଦ ଅଣ ଜଳସେଚିତ ଦୁଇ | |
| ୬୬ | ୩୨୩ | ୦.୧୬ | ୦.୦୬ | ଚକ | ବୃନ୍ଦାବନ ମହାନ୍ତ, ତ୍ରିଭୁବନ ମହାନ୍ତ, ଲମ୍ବୋଦର ମହାନ୍ତ, ବେଣୁଧର ମହାନ୍ତ, ଗଣେଶ୍ୱର ମହାନ୍ତ, ଶକୁନ୍ତଳା ମହାନ୍ତ, ମଞ୍ଜୁଳା ମହାନ୍ତ, ଅଞ୍ଜନା ମହାନ୍ତ ପି: ଗୋପାଳ ମହାନ୍ତ, ନେତ୍ରି ମହାନ୍ତ ସ୍ୱା: ଗୋପାଳ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୭୨ | ୧୦୦ | ୧.୧୩ | ୦.୧୦ | ଘରବାରି | ଭାଗିରଥି ମହାନ୍ତ, ଶତ୍ରୁଘ୍ନ ମହାନ୍ତ ପି: ତନୁରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୭୬ | ୨୧୯ | ୦.୨୬ | ୦.୦୬ | ଶାରଦ ଅଣ ଜଳସେଚିତ ଦୁଇ | ମନୋହର ମହାନ୍ତ, ରତ୍ନାକର ମହାନ୍ତ, ପରମେଶ୍ୱର ମହାନ୍ତ, ପି: ସୀତାରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୭୯ | ୩୧୫ | ୦.୪୫ | ୦.୨୨ | ଚକ | ମହେନ୍ଦ୍ର ମହାନ୍ତ, ପ୍ରଭାକର ମହାନ୍ତ, ତାରାକାନ୍ତ ମହାନ୍ତ, ପି: ମଙ୍ଗୁଲୁ ମହାନ୍ତ, ଫୁକୁରୀ ମହାନ୍ତ, ସ୍ୱା: ମଙ୍ଗୁଲୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୮୫ | ୧୪୦ | ୦.୩୨ | ୦.୦୯ | ଘରବାରି | ରଞ୍ଜନ କୁମାର ମହାନ୍ତ, ସୁବାସ ଚନ୍ଦ୍ର ମହାନ୍ତ, ପି: ଛତିଶ ଚନ୍ଦ୍ର ମହାନ୍ତ, ରାନିଆ ମହାନ୍ତ, ସ୍ୱା: ଛତିଶ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୨୭ | ୦.୨୦ | ୦.୧୧ | ଘରବାରି | |
| ୯୩ | ୧୬୨ | ୦.୩୬ | ୦.୧୦ | ଘରବାରି | ରମାକାନ୍ତ ମହାନ୍ତ, ଭରତ ମହାନ୍ତ, କୃଷ୍ଣ ମହାନ୍ତ, ଟିକାଏତ ମହାନ୍ତ, ପି: ପୁରସ୍ତମ ମହାନ୍ତ, ସୁମିତ୍ରା ମହାନ୍ତ ସ୍ୱା: ପୁରସ୍ତମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୩୨୦ | ୦.୦୫ | ୦.୦୫ | ଚକ | |
| ୯୬ | ୯୪ | ୦.୬୬ | ୦.୨୮ | ଘରବାରି | ରାମ ମାଝୀ ପି: ଚୈତନ୍ୟ ମାଝୀ, କର ମାଝୀ ପି: କଙ୍କା ମାଝୀ, ଜା: ସାନ୍ତାଳ, ବା: ପାଟପୁର |
| ୧୧୩ | ୩୧୯ | ୦.୩୪ | ୦.୦୫ | ଚକ | ସୁଦାମ ମହାନ୍ତ, ଚୁନୁକା ମହାନ୍ତ, ମକରା ମହାନ୍ତ, ପୁଥ ମହାନ୍ତ, ହରି ମହାନ୍ତ, ଫୁଲ ମହାନ୍ତ, ଗୁଜୁରି ମହାନ୍ତ ପି: ମଧୁ ମହାନ୍ତ, ଜା: କୁଡୁମି, ବା: ବଡଶୋଳ ଥା: ବେତନଟି |
| ୧୧୮ | ୧୦୫ | ୦.୦୬ | ୦.୦୬ | ଘରବାରି | ହାଡିରାମ ମହାନ୍ତ ପି: ଗୋରାଚାନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୫୯ | ୦.୦୮ | ୦.୦୧ | ଘରବାରି | |
| ୧୧୯/୪ | ୩୧୮ | ୦.୨୦ | ୦.୦୭ | ଚକ | ନବଘନ ମହାନ୍ତ ପି: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ଗବପାଳ |
| ୧୧୯/୯ | ୧୩୮ | ୦.୪୫ | ୦.୧୦ | ଘରବାରି | ତାପସ କୁମାର ମହାନ୍ତ ନା. ବା. ଗା. ପି. ସୁଦର୍ଶନ ମହାନ୍ତ ପି: ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ପାଟପୁର |
| ୧୧୯/୧୫ | ୩୧୬ | ୦.୬୪ | ୦.୧୨ | ଚକ | ବିଶ୍ୱଜିତ ମହାନ୍ତ, ଡମ୍ବରୁଧର ମହାନ୍ତ, ସଂଜୟ କୁମାର ମହାନ୍ତ ପି: ଶେଖର ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: କୋଠାବାଡ଼ି |
| ୧୧୯/୧୮ | ୯୯/୪୪୪ | ୦.୧୩ | ୦.୦୩ | ଘରବାରି | ପ୍ରଭାକର ମହାନ୍ତ ପି: ବାଞ୍ଛାରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧୯/୧୯ | ୩୨୪ | ୧.୫୫ | ୦.୫୨ | ଚକ | ଚନ୍ଦ୍ରମୋହନ ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ପି: ଭରତ ମହାନ୍ତ ଜା: କୁଡୁମି, ବା: ଗବପାଳ |
| ୧୧୯/୨୫ | ୨୩୦ | ୦.୪୨ | ୦.୦୧ | ଘରବାରି | ଦେବାଶିଷ ମହାନ୍ତ, ସୁବାଶିଷ ମହାନ୍ତ ପି: ଅନନ୍ତକୁମାର ମହାନ୍ତ, ପ୍ରମିଳା ମହାନ୍ତ, ସ୍ୱା: ଅନନ୍ତକୁମାର ମହାନ୍ତ, ଜା: କୁଡୁମି, ବା: ଗବପାଳ |
| ୧୧୯/୩୧ | ୩୧୭ | ୦.୬୪ | ୦.୨୨ | ଚକ | ପ୍ରଭାକର ମହାନ୍ତ ପି: ବାଞ୍ଛାନିଧି ମହାନ୍ତ, ଜା: କୁଡୁମି, ବା: କୋଠାବାଡି |
| ମୋଟ | ୪୪ ପ୍ଲଟ୍ | ଏ.୨୧.୨୪ ଡେ.ମି. | ଏ.୪.୫୯ ଡେ.ମି. | | |

OIPR-24001/14/0026/2122

# ଲଙ୍ଗ୍‌ଜମ୍ପ ଓ ୧୦୦ ମିଟରରେ ବିସ୍ମୟ



ଅଶୋକ ମହାନ୍ତି

## କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ଐତିହାସିକ ସଫଳତା

(ଭାଗ-୨)

**ଟୋକିଓ** ଅଲିମ୍ପିକ୍ସ ଚଳିତବର୍ଷ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କୋଭିଡ୍-୧୯ ସଂକ୍ରମଣ ଯୋଗୁ ଏହି ଅଲିମ୍ପିକ୍ସ ଆୟୋଜନ ନେଇ ଅନେକ ସମୟରେ ଆଶଙ୍କା ପ୍ରକାଶ ପାଉଥିଲେ ହେଁ ଆୟୋଜକମାନେ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ ନେଇ ଦୃଢ଼ୋକ୍ତି ପ୍ରକାଶ କରି ଆସୁଛନ୍ତି। ନିକଟରେ ଏହାର ୧୦୦ ଦିନିଆ ଅବଗଣନା ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗତ କ୍ରୀଡ଼ାଜଗତ ପୃଷ୍ଠାରେ ଅଲିମ୍ପିକ କ୍ରୀଡ଼ାର ୧୨୪ ବର୍ଷର ଇତିହାସ ସହିତ ଜଡ଼ିତ ଅସଂଖ୍ୟ ରୋଚକ ଘଟଣା ଏବଂ ବିଶ୍ୱସ୍ତରୀୟ ପ୍ରଦର୍ଶନ ମଧ୍ୟରୁ ୧୯୬୮ ମସିହା ମେକ୍ସିକୋ ଅଲିମ୍ପିକ୍ କ୍ରୀଡ଼ାରେ ତିନିଜଣ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ଅଭୂତପୂର୍ବ ଏବଂ ଐତିହାସିକ ଦକ୍ଷତା ପ୍ରଦର୍ଶନ ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ମେକ୍ସିକୋ କ୍ରୀଡ଼ାରେ ଦୌଡ଼କୁଦ ଶୃଙ୍ଖଳାରେ କ୍ରୀଡ଼ାବିତ୍‌ମାନଙ୍କର ସଫଳତା ମଧ୍ୟରୁ ୩ଟି ଇଭେଣ୍ଟ ଯଥା ପୁରୁଷ ୧୦୦ ମି., ଲଙ୍ଗଜମ୍ପ ଏବଂ ହାଇଜମ୍ପରେ ପ୍ରଦର୍ଶନ ବିଶ୍ୱ କ୍ରୀଡ଼ା ଇତିହାସରେ ଅଭୂତପୂର୍ବ ବୋଲି କୁହାଯାଉଥିବାବେଳେ, ହାଇଜମ୍ପ ଇଭେଣ୍ଟର ଟେକ୍ନିକ୍‌ରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇଥିଲା। ପୂର୍ବ କ୍ରୀଡ଼ାଜଗତ ପୃଷ୍ଠାରେ ମେକ୍ସିକୋ ଅଲିମ୍ପିକ୍ସ ସମ୍ପର୍କିତ ପୂର୍ବାଭାଷ ସହ ରିଚାର୍ଡ 'ଡିକ୍' ଫସବରି ହାଇଜମ୍ପରେ ପ୍ରୟୋଗ କରିଥିବା ନୂଆ ବୈଷୟିକ କୌଶଳ ଉପରେ ଆଲୋକପାତ କରାଯାଇଥିଲା। ୧୯୬୮ ମସିହା ମେକ୍ସିକୋ ଅଲିମ୍ପିକ୍ କ୍ରୀଡ଼ାରେ ଆମେରିକୀୟ ଆଥଲେଟ୍ ଫସବରି ହାଇଜମ୍ପରେ କିପରି ଏକ ସମ୍ପୂର୍ଣ୍ଣ ନୂତନ କୌଶଳ ପ୍ରୟୋଗ କରି ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଆଲୋଡନ ସୃଷ୍ଟି କରିଥିଲେ, ପରବର୍ତ୍ତୀ ସମୟରେ 'ଫସବରି ଫ୍ଲପ୍' ଭାବେ ସାରା ବିଶ୍ୱରେ କିପରି ପ୍ରସିଦ୍ଧି ଲାଭ କରିଥିଲା ଏବଂ ଏହି ନୂତନ କୌଶଳ ସମସ୍ତ କ୍ରୀଡ଼ାବିତ୍ (ହାଇଜମ୍ପ)ଙ୍କ ଦ୍ୱାରା ଆଦୃତ ହୋଇଥିଲା ସେ ସମ୍ପର୍କରେ ଅବତାରଣା କରାଯାଇଥିଲା। ମେକ୍ସିକୋ ଅଲିମ୍ପିକ୍ସରେ ଅନ୍ୟ ଦୁଇ ବିଖ୍ୟାତ ଆଥଲେଟ୍ ଲଙ୍ଗଜମ୍ପର ବବ୍ ବିମନ ଏବଂ ୧୦୦ ମିଟର ସ୍ପ୍ରିଣ୍ଟର ଜିମ୍ ହାଇନ୍ସଙ୍କ ଅବିଶ୍ୱସନୀୟ ପ୍ରଦର୍ଶନକୁ ନେଇ ଏହି ଆଲେଖ୍ୟ...



ଜିମ୍ ହାଇନ୍ସ

**ଲଙ୍ଗଜମ୍ପ (ବବ୍ ବିମନ୍)**

ଦୌଡକୁଦ ପ୍ରତିଯୋଗିତାର ଅନ୍ୟତମ ଆକର୍ଷଣୀୟ ଇଭେଣ୍ଟ ଲଙ୍ଗଜମ୍ପ ବା ଲମ୍ବଡିଆଁ। ଉଭୟ ସ୍ପ୍ରିଣ୍ଟ୍ ଏବଂ ଜମ୍ପିଂରେ ବିଶେଷ ଦକ୍ଷତା ରଖିଥିବା କ୍ରୀଡ଼ାବିତ୍‌ମାନେ ହିଁ ଏହି ଇଭେଣ୍ଟରେ କୃତକାର୍ଯ୍ୟ ହୋଇଥାନ୍ତି। ମେକ୍ସିକୋ ଅଲିମ୍ପିକ୍ କ୍ରୀଡ଼ାରେ ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଥିଲା ଏହି ଇଭେଣ୍ଟରେ। ପୂର୍ବ ଅଲିମ୍ପିକ୍ସ (ଟୋକିଓ, ୧୯୬୪)ରେ ଲଙ୍ଗଜମ୍ପ ସ୍ୱର୍ଣ୍ଣ ପଦକ ଜିତିଥିବା ବ୍ରିଟେନ୍‌ର ଲିଆନ୍ ଡେଭିସ୍ ବିଶ୍ୱ ରେକର୍ଡର ଅଧିକାରୀ ଆମେରିକାର ରାଲଫ ବୋଷ୍ଟନ୍ ଏବଂ ଟୋକିଓଠାରେ ବ୍ରୋଞ୍ଜ ପଦକ ବିଜେତା ସୋଭିଏଟ୍ ରୁଷ୍‌ର ଓଭାନେସିଆନ୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାକୁ ଅପେକ୍ଷା କରିଥାନ୍ତି ସମସ୍ତ ଦର୍ଶକ। ଏମାନଙ୍କ ସହିତ ଆଉ ଜଣେ ୨୨ ବର୍ଷୀୟ ଆମେରିକୀୟ ନିଗ୍ରୋ ଯୁବକ ବବ୍ ବିମନ ମଧ୍ୟ ଭାଗ ନେଉଥାନ୍ତି। ମେଘ ଘୋଡେଇ ହୋଇଥିବା ଆକାଶ ତଳେ ଆରମ୍ଭ ହେଲା ବହୁ ପ୍ରତୀକ୍ଷିତ ଇଭେଣ୍ଟ। ସେହିବର୍ଷ ବବ୍ ବିମନ ଅଲିମ୍ପିକ୍ସ ପୂର୍ବରୁ ଭାଗ ନେଇଥିବା ୨୩ଟି ଇଭେଣ୍ଟରୁ ୨୨ଟିରେ ବିଜୟୀ ହୋଇଥିବାବେଳେ ତାଙ୍କର ଶ୍ରେଷ୍ଠ ଜମ୍ପ ଥିଲା ୮.୩୩ ମିଟର। ତେଣୁ ବିମନଙ୍କୁ ମଧ୍ୟ ସ୍ୱର୍ଣ୍ଣପଦକ ଆଶାୟୀ ଭାବେ ଗଣା ଯାଉଥିଲା। ଦର୍ଶକମାନଙ୍କ କରତାଳି ମଧ୍ୟରେ ବିମନ ତାଙ୍କ ରନ୍‌ଅପ୍ ଆରମ୍ଭ କଲେ ଏବଂ ଏକ ଅତିକାୟ ଜମ୍ପ ଦ୍ୱାରା ପିଟ୍‌ର ପ୍ରାୟ ଶେଷ ଭାଗରେ ଲ୍ୟାଣ୍ଡ କଲେ। ଦୂରତା ମପା ହେଲା ପରେ ଅଧିକାରୀମାନେ ଯେତେବେଳେ ଫଳାଫଳ ଘୋଷଣା କଲେ ଭରପୂର ଷ୍ଟାଡ଼ିୟମରେ ଏକ ଅବିଶ୍ୱାସର ଗୁଞ୍ଜରଣ ସୃଷ୍ଟି ହେଲା। ବିମନ ୮.୯୦ ମିଟର (୨୯.୫ ଇଞ୍ଚ) ଦୂରତା ଅତିକ୍ରମ କରି ତାଙ୍କର ଅବିଶ୍ୱାସନୀୟ ଦକ୍ଷତା ପ୍ରଦର୍ଶନ କରିଥିଲେ। ବିମନ୍ ଭୂମିକୁ ମୁଣ୍ଡିଆ ମାରି ଚୁମ୍ବନ ଦେଉଥିଲେ ଏବଂ କୃତଜ୍ଞତା ଜଣାଇଥିଲେ। ପୂର୍ବତନ ବିଶ୍ୱ କୀର୍ତ୍ତିମାନଠାରୁ ୫୫ ସେମି ଅଧିକ ଦୂରତ୍ୱ ଲମ୍ଫ ପ୍ରଦାନ କରି ତାଙ୍କ ସହ ପ୍ରତିଯୋଗୀ ମାନଙ୍କୁ ବହୁ ପଛରେ ପକାଇ ଦେଇଥିଲେ। ତାଙ୍କର ସହ ପ୍ରତିଯୋଗୀ ଏବଂ ପ୍ରଶିକ୍ଷକ ଓ ପୂର୍ବ ବିଶ୍ୱରେକର୍ଡର ଅଧିକାରୀ ରାଲଫ ବୋଷ୍ଟନ ତାଙ୍କୁ କହିଥିଲେ, ''ୟୁ ହାଓ ଡେଷ୍ଟ୍ରଏଡ୍ ଦି ଇଭେଣ୍ଟ''। ବିଖ୍ୟାତ୍ କ୍ରୀଡ଼ା ପତ୍ରିକା 'ସ୍ପୋର୍ଟ୍ସ ଇଲଷ୍ଟ୍ରେଟେଡ୍' ଏହି ଐତିହାସିକ ଜମ୍ପକୁ ଶତାବ୍ଦୀର ଶ୍ରେଷ୍ଠ ପାଞ୍ଚଟି କ୍ରୀଡ଼ା ପ୍ରଦର୍ଶନ ମଧ୍ୟରୁ ଅନ୍ୟତମ ବୋଲି ଅଭିହିତ କରିଥିଲା। ଏହି କୀର୍ତ୍ତିମାନକୁ ୨୩ ବର୍ଷ ପରେ ଆଉ ଜଣେ ଆମେରିକୀୟ ଆଥଲେଟ୍ ମାଇକ୍ ପାଓ୍ୱେଲ ୧୯୯୧ ଟୋକିଓ ବିଶ୍ୱ କ୍ରୀଡ଼ା ପ୍ରତିଯୋଗିତାରେ ୮.୯୫ ମିଟର ଦୂରତା ଲମ୍ଫ ପ୍ରଦାନ କରି ଅତିକ୍ରମ କରିଥିଲେ।

**ମେକ୍ସିକୋ ଅଲିମ୍ପିକ୍ସର ଦୌଡ଼କୁଦ ଶୃଙ୍ଖଳାରେ କ୍ରୀଡ଼ାବିତ୍‌ମାନଙ୍କ ସଫଳତା ମଧ୍ୟରୁ ୩ଟି ଇଭେଣ୍ଟ ପୁରୁଷ ୧୦୦ ମି., ଲଙ୍ଗଜମ୍ପ ଏବଂ ହାଇଜମ୍ପର ପ୍ରଦର୍ଶନ ବିଶ୍ୱ କ୍ରୀଡ଼ା ଇତିହାସରେ ଅଭୂତପୂର୍ବ ଥିଲା। ଏହାକୁ ନେଇ ଆଲେଖ୍ୟର ପ୍ରଥମ ଭାଗରେ ହାଇଜମ୍ପର ରିଚାର୍ଡ 'ଡିକ୍' ଫସବରିଙ୍କ ପ୍ରଦର୍ଶନ ଏବଂ ତାଙ୍କ ନୂଆ କୌଶଳ ଉପରେ ଆଲୋକପାତ କରାଯାଇଥିବାବେଳେ ଏଥର ଆଉ ଦୁଇ ବିଖ୍ୟାତ ଆଥଲେଟ୍ ଲଙ୍ଗଜମ୍ପର ବବ୍ ବିମନ ଏବଂ ୧୦୦ ମିଟର ସ୍ପ୍ରିଣ୍ଟର ଜିମ୍ ହାଇନ୍ସଙ୍କ ଅବିଶ୍ୱସନୀୟ ପ୍ରଦର୍ଶନକୁ ନେଇ ଏହି ଉପସ୍ଥାପନା...**



ବବ୍ ବିମନ୍

**୧୦୦ ମି. ଦୌଡ଼ (ଜିମ୍ ହାଇନ୍ସ)**

ଯେ କୌଣସି ଦୌଡ଼କୁଦ କ୍ରୀଡ଼ା ପ୍ରତିଯୋଗିତାରେ ୧୦୦ ମିଟର ଦୌଡ ସାଧାରଣତଃ ସର୍ବାଧିକ ଆକର୍ଷଣୀୟ ଇଭେଣ୍ଟ ଭାବେ ବିବେଚିତ ହୋଇଥାଏ। ଅଲିମ୍ପିକ୍ କ୍ରୀଡ଼ାରେ ମଧ୍ୟ ୧୦୦ ମିଟର ଦୌଡ ସର୍ବାଧିକ ଲୋକପ୍ରିୟ ଇଭେଣ୍ଟର ମାନ୍ୟତା ପାଇଥାଏ ଏବଂ ଏହି ଇଭେଣ୍ଟରେ ବିଜୟୀ ହୋଇଥିବା ଆଥ୍‌ଲେଟଙ୍କୁ ଦ୍ରୁତତମ ଧାବିକା ଓ ଧାବକ କୁହାଯାଇଥାଏ। ୧୯୧୨ରେ ଅର୍ନ୍ତଜାତୀୟ ଆମେଚର ଆଥଲେଟିକ୍ ଫେଡେରେଶନ (ଆଇଏଏଏଫ) ଦ୍ୱାରା ୧୦୦ ମିଟର ଦୌଡ଼ରେ ପ୍ରଥମ ଥର ପାଇଁ ରେକର୍ଡ କରାଯାଇଥିବା ସମୟକୁ ମାନ୍ୟତା ମିଳିଥିଲା। ଆମେରିକାର ଡୋନାଲ୍‌ଡ ଲିପିନକଟ ଷ୍ଟକ୍ ହୋମଠାରେ ଜୁଲାଇ ୬ ତାରିଖରେ ଏହି ଦୂରତାକୁ ୧୧.୬ ସେକେଣ୍ଡ ସମୟରେ ଅତିକ୍ରମ କରି ରେକର୍ଡ ପ୍ରତିଷ୍ଠା କରିଥିଲେ। ହାତଘଣ୍ଟା ଦ୍ୱାରା ଏହି ସମୟ ରେକର୍ଡ ହୋଇଥିଲା ବେଳେ ୧୯୭୭ରେ ପ୍ରଥମଥର ପାଇଁ ଇଲେକ୍‌ଟ୍ରୋନିକ୍ ଟାଇମିଂର ପ୍ରୟୋଗ ଆରମ୍ଭ ହୋଇଥିଲା। ୧୯୬୪ ମସିହା ପର୍ଯ୍ୟନ୍ତ ୧୦୦ମି (ପୁରୁଷ) ଦୌଡ଼କୁ ୧୦ ସେକେଣ୍ଡ କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ଶେଷ କରିବା ସମ୍ଭବ ହୋଇ ନ ଥିଲା। ୧୯୬୪ ଟୋକିଓ ଅଲିମ୍ପିକ୍ କ୍ରୀଡ଼ାରେ ଆମେରିକାର ବବ ହେଜ ୧୦୦ମି. ଦୌଡ଼କୁ ୧୦ ସେକେଣ୍ଡ ସମୟରେ ସମାପ୍ତ କରି ବିରଳ କୀର୍ତ୍ତିମାନ ସୃଷ୍ଟି କରିଥିଲେ। ସେ ସମୟରେ କେତେକ କ୍ରୀଡ଼ା ବିଶେଷଜ୍ଞ ମତ ଦେଇଥିଲେ ଯେ, କୌଣସି ସ୍ପ୍ରିଣ୍ଟର ୧୦୦ମି. ଦୌଡ଼କୁ ୧୦ ସେକେଣ୍ଡରୁ କମ୍ ସମୟରେ ଶେଷ କରିବା ସମ୍ଭବ ମନେ ହେଉ ନାହିଁ। କିନ୍ତୁ ମନୁଷ୍ୟର ଅଗ୍ରଗତି କରିବାର ଇଚ୍ଛାଶକ୍ତି, ପ୍ରବୃତ୍ତି ଏବଂ ଚେଷ୍ଟା ସହିତ ପ୍ରଶିକ୍ଷଣରେ ବିଜ୍ଞାନର ପ୍ରୟୋଗ, ଉନ୍ନତ ରନିଂ ଟ୍ରାକ୍, ଆଧୁନିକ କ୍ରୀଡ଼ା ଉପକରଣ ବ୍ୟବହାର ପ୍ରଭୃତି ଜଣେ କ୍ରୀଡ଼ାବିତ୍‌କୁ ପାରମ୍ପରିକ ଧାରାରୁ ଆଗକୁ ଯାଇ ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବ କରିବାରେ ସହାୟକ ହୋଇପାରିଛି।

ଟୋକିଓ କ୍ରୀଡ଼ାର ୪ ବର୍ଷ ପରେ ୧୯୬୮ରେ ମେକ୍ସିକୋ ସହରରେ ଅନୁଷ୍ଠିତ ହୋଇଥିବା ୧୮ତମ ଅଲିମ୍ପିକ୍ କ୍ରୀଡ଼ାରେ ପ୍ରଥମ ଥର ପାଇଁ ଏକାଧିକ ନୂତନ ବ୍ୟବସ୍ଥାର ଆରମ୍ଭ ହୋଇଥିଲା। ଏଗୁଡ଼ିକ ହେଲା ୧) ପ୍ରଥମଥର ପାଇଁ ଦକ୍ଷିଣ ଆମେରିକୀୟ ଦେଶରେ ସର୍ବବୃହତ୍ କ୍ରୀଡ଼ା ସମାରୋହ ଆୟୋଜନ; ୨) ପ୍ରଥମ ଥର ପାଇଁ କୃତ୍ରିମ ସିନ୍ଥେଟିକ୍ ରନିଂ ଟ୍ରାକ୍‌ର ବ୍ୟବହାର ; ୩) 'ଡୋପିଙ୍ଗ୍' ପରୀକ୍ଷାର ପ୍ରୟୋଗ ପ୍ରଭୃତି।

ଏହି କ୍ରୀଡ଼ାରେ ୧୦୦ମି. (ପୁରୁଷ) ଦୌଡ଼ ପ୍ରତିଯୋଗିତାରେ ମଧ୍ୟ ଏକ ଅବିଶ୍ୱସନୀୟ ବିଶ୍ୱ କୀର୍ତ୍ତିମାନ ପ୍ରତିଷ୍ଠା ହୋଇଥିଲା। ଆମେରିକାର କୃଷ୍ଣକାୟ ଆଥଲେଟ୍ ଜିମ୍ ହାଇନ୍ସ ବିଶ୍ୱର ପ୍ରଥମ ଆଥଲେଟ୍ ଭାବେ ୧୦ ସେକେଣ୍ଡ୍‌ସରୁ କମ୍ ସମୟ ଭିତରେ (୯.୯୫ସେ.) ୧୦୦ମି. ଦୌଡ଼କୁ ଶେଷ କରି ଏକ ନିଆରା କୀର୍ତ୍ତିମାନର ଅଧିକାରୀ ହୋଇଥିଲେ। ବିଶ୍ୱର ଅନେକ କ୍ରୀଡ଼ାପ୍ରେମୀଙ୍କ ମତରେ ଜିମ୍ ହାଇନ୍ସଙ୍କ ଏପରି ଉଚ୍ଚକୋଟିର ପ୍ରଦର୍ଶନ ୫୦ ଦଶକର ଅନ୍ୟତମ କିମ୍ବଦନ୍ତୀ କ୍ରୀଡ଼ାବିତ୍ ଡ. ରଜର ବାନିଷ୍ଟରଙ୍କ ପ୍ରଦର୍ଶନ (୧ ମାଇଲ ଦୌଡ଼) ସହିତ ତୁଳନୀୟ। ବ୍ରିଟିଶ ଆଥଲେଟ୍ ରଜର ବାନିଷ୍ଟର (ପରବର୍ତ୍ତୀ ସମୟରେ ଜଣେ ନ୍ୟୁରୋଲୋଜି ଡାକ୍ତର ଭାବେ ପ୍ରସିଦ୍ଧି ଲାଭ କରିଥିଲେ) ବିଶ୍ୱର ପ୍ରଥମ କ୍ରୀଡ଼ାବିତ୍ ଭାବେ ୧୯୫୪ରେ ୧ ମାଇଲ ଦୌଡ଼କୁ ୪ମିନିଟ୍‌ରୁ କମ୍ ସମୟ ମଧ୍ୟରେ (୩ମି ୫୯.୪ ସେ.) ଶେଷ କରିବା ଥିଲା ସେ ସମୟର କ୍ରୀଡ଼ା ମହଲରେ ସର୍ବାଧିକ ଚର୍ଚ୍ଚାର ବିଷୟ। ତେଣୁ ବିଶ୍ୱ କ୍ରୀଡ଼ା ଗଣମାଧ୍ୟମ ତାଙ୍କୁ ଜଣେ ବିସ୍ମୟ କ୍ରୀଡ଼ାବିତ୍ ଭାବେ ବର୍ଣ୍ଣନା କରିଥିଲେ। କାରଣ ଏକମାଇଲ ରେସ୍‌କୁ ୪ ମିନିଟ୍ ବ୍ୟବଧାନ ମଧ୍ୟରେ ଶେଷ କରିବା ସେ ସମୟରେ ଅସମ୍ଭବ ମନେ ହେଉଥିଲା। ୧୦୦ ମି. ଦୌଡ଼ରେ ବିଶ୍ୱ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ଜିତିବା ପରେ ହାଇନ୍ସ ୪×୧୦୦ ମି. ରିଲେ ଦୌଡ଼ରେ ମଧ୍ୟ ଆମେରିକା ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଏଣୁ ବିଶ୍ୱ ଏବଂ ଅଲିମ୍ପିକ୍ କ୍ରୀଡ଼ା ଇତିହାସରେ ମେକ୍ସିକୋ ଅଲିମ୍ପିକ୍ସରେ ହାଇନ୍ସ, ଫସବରି ଏବଂ ବିମନଙ୍କ ଯୁଗାନ୍ତକାରୀ କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ ସର୍ବକାଳୀନ ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ ଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସ୍ୱୀକୃତି ଲାଭ କରିପାରିଛି ଏଥିରେ ସନ୍ଦେହ ନାହିଁ।

# ମୁଖ୍ୟ କୋଚ୍ ଦୌଡ଼ରେ ୫ ମହିଳା

**ନୂଆଦିଲ୍ଲୀ, ୨୯।୪(ପି.ଟି.):** ଭାରତୀୟ ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍ ଦୌଡ଼ରେ ୫ ଜଣ ମହିଳା ସାମିଲ ହୋଇଛନ୍ତି। ୨୦୧୭ରୁ ଏହି ପଦରେ ପୁରୁଷ କୋଚ୍ ରହି ଆସୁଥିଲେ। ଏଥର ଆବେଦନ କରିଥିବା ମହିଳାଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ଚୟନ କମିଟି ମୁଖ୍ୟ ହେମଲତା କାଲା, ମମତା ମାବେନ୍, ଜୟା ଶର୍ମା, ସୁମନ ଶର୍ମା ଓ ନୋସିନ ଅଲ୍ କାଦିର। ପୁରୁଷଙ୍କ ମଧ୍ୟରେ ବର୍ତ୍ତମାନର କୋଚ୍ ଡବ୍ଲ୍ୟୁ.ଭି. ରମଣ ଗତ ମାର୍ଚ୍ଚରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜ ପରେ ପୁଣି ଆବେଦନ କରିଛନ୍ତି। ପୂର୍ବରୁ କୋଚ୍ ଦାୟିତ୍ୱ ତୁଲାଇ ସାରିଥିବା ରମେଶ ପାଓ୍ୱାର, ତୁଷାର ଆରୋଥେ ମଧ୍ୟ ପୁଣି ଏହି ଦୌଡ଼ରେ ସାମିଲ ହୋଇଛନ୍ତି। ସିନିୟର ଖେଳାଳିଙ୍କ ସହ ମତଭେଦ ଯୋଗୁ ଅପ୍ରୀତିକର ପରିସ୍ଥିତିରେ ପାଓ୍ୱାର ଓ ଆରୋଥେଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା। ଚଳିତ ମାସ ୨୬ ଆବେଦନର ଶେଷ ତାରିଖ। ଏହାପରେ ମଦନ ଲାଲଙ୍କ ନେତୃତ୍ୱାଧୀନ କ୍ରିକେଟ ପରାମର୍ଶଦାତା କମିଟି ମୁଖ୍ୟ କୋଚ୍ ଚୟନ କରିପାରନ୍ତି। ମହିଳା ଚୟନ କମିଟି ମୁଖ୍ୟ ନୀତୁ ଡେଭିଡ ଜଣେ ମହିଳା ଜାତୀୟ ଦଳର ମୁଖ୍ୟ କୋଚ୍ ହୁଅନ୍ତୁ ବୋଲି ଚାହୁଛନ୍ତି। ନ୍ୟୁଜିଲାଣ୍ଡରେ ଆସନ୍ତା ବର୍ଷ ହେବାକୁ ଥିବା ଏକଦିବସୀୟ ବିଶ୍ୱକପ ପାଇଁ ନୂଆ କୋଚ୍ ଦଳକୁ ପ୍ରସ୍ତୁତ କରିବେ।

**ଭାରତୀୟ ମହିଳା କ୍ରିକେଟ ଦଳ**



ହେମଲତା କାଲା

# ରାଜସ୍ଥାନ ରୟାଲ୍ସ ଦେଲା ୭.୫ କୋଟି

ନୂଆଦିଲ୍ଲୀ, ୨୯।୪(ପି.ଟି.)

କୋଭିଡ୍‌ର ଦ୍ୱିତୀୟ ଲହରରେ ପ୍ରଭାବିତ ଲୋକମାନଙ୍କୁ ସହାୟତା କରିବାକୁ ଯାଇ ଆଇପିଏଲ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ଏହାର ନିଜସ୍ୱ ଫାଉଣ୍ଡେଶନ (ରୟାଲ ରାଜସ୍ଥାନ ଫାଉଣ୍ଡେଶନ) ଜରିଆରେ ରିଲିଫ ପାଣ୍ଠିକୁ ୭.୫ କୋଟି ଟଙ୍କା ଦାନ କରିଛି। ରିପୋର୍ଟ ଅନୁସାରେ ବୁଧବାର ଗୋଟିଏ ଦିନରେ ଦେଶରେ ୩,୭୯,୨୫୭ ନୂଆ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଫଳରେ ଦେଶରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୮୩, ୭୬, ୫୨୪କୁ ବୃଦ୍ଧି ପାଇଛି। ରାଜସ୍ଥାନ ରୟାଲ୍ସର ଖେଳାଳିଙ୍କ ବ୍ୟତୀତ ଟିମ୍ ମାଲିକ ଓ ଟିମ୍ ମ୍ୟାନେଜମେଣ୍ଟ ପାଣ୍ଠି ସଂଗ୍ରହ ପାଇଁ ଆଗଭର ହୋଇଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ଜାତୀୟ ରାଜଧାନୀରେ କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା କ୍ଷେତ୍ରରେ ବ୍ୟୟ ପାଇଁ ୧.୫ କୋଟି ଟଙ୍କା ଦାନ କରିଛି।

# ତେନ୍ଦୁଲକର ଦେଲେ ୧କୋଟି



**ନୂଆଦିଲ୍ଲୀ, ୨୯।୪ (ପି.ଟି.):** କରୋନା ରୋଗୀଙ୍କ ପାଇଁ ଅକ୍ସିଜେନ କ୍ରୟ ଲାଗି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଗୁରୁବାର ୧କୋଟି ଟଙ୍କା ଦାନ କରିଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଥିବାରୁ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବେ ସଙ୍କଟରେ ପଡ଼ିଛି। ରୋଗୀଙ୍କୁ ଚିକିତ୍ସା କ୍ଷେତ୍ରରେ ଅକ୍ସିଜେନ ଓ ଗୁରୁତ୍ୱପୂର୍ଣ୍ଣ ଔଷଧର ଅଭାବ ଦେଖାଦେଇଛି। ସମଗ୍ର ଦେଶରେ ହସ୍ପିଟାଲଗୁଡ଼ିକୁ ଜୀବନରକ୍ଷାକାରୀ ଅକ୍ସିଜେନ କନ୍‌ସେନଟ୍ରେଟର୍ସ ଯୋଗାଇ ଦେଉଥିବା 'ମିଶନ ଅକ୍ସିଜେନ୍' ନାମକ ସଂସ୍ଥାକୁ ତେନ୍ଦୁଲକର ଏହି ଅର୍ଥ ଦାନ କରିଛନ୍ତି। ସୂଚନାଯୋଗ୍ୟ, ମୁମ୍ବାଇର ଏହି ୪୮ ବର୍ଷୀୟ ବ୍ୟାଟିଂ ଆଇକନ ଗତ ମାସରେ କରୋନା ସଂକ୍ରମିତ ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ଯୋଗ୍ୟ ବିବେଚିତ ହେବା ମାତ୍ରେ ସେ ପ୍ଲାଜ୍ମା ଦାନ କରିବାକୁ ପ୍ରସ୍ତୁତ ବୋଲି ନିକଟରେ ପ୍ରକାଶ କରିଥିଲେ।

# ମୁମ୍ବାଇର ତୃତୀୟ ବିଜୟ

ନୂଆଦିଲ୍ଲୀ, ୨୯।୪

ଯଶପ୍ରୀତ୍ ବୁମ୍‌ରାଙ୍କ ଟାଇଟ୍ ବୋଲିଂ ପରେ କ୍ୱିଣ୍ଟନ ଡି'କକ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୭ ଉଇକେଟରେ ପରାସ୍ତ କରିଛି। କ୍ରମାଗତ ୨ ପରାଜୟ ପରେ ବିଜୟ ସ୍ୱାଦ ଚାଖିଛି ରୋହିତ ଶର୍ମାଙ୍କ ଦଳ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ଧାର୍ଯ୍ୟ ୧୭୨ ରନ ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୧୮.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚ ବିଜୟୀ ଇନିଂସ ପାଇଁ ଡି'କକ୍ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପୂର୍ବ ୨ ମ୍ୟାଚରେ ମୁମ୍ବାଇ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ନିକଟରୁ ପରାଜିତ ହୋଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ଟପ୍ ଅର୍ଡର ବ୍ୟାଟିଂ ସଫଳତା ବଳରେ ସମ୍ମାନଜନକ ସ୍କୋର ଛିଡ଼ା କରିଥିଲା। ଜୋସ୍ ବଟଲର ଓ ଯଶସ୍ୱୀ ଜୟସ୍ୱାଲ ଓପନିଂ ଯୋଡ଼ିରେ ୪୬ ବଲ୍‌ରୁ ୬୬ ରନ ସହ ଭଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିବାବେଳେ ଅଧିନାୟକ ସଞ୍ଜୁ ସାମ୍‌ସନ ଓ ଶିବମ୍ ଦୁବେ ଉପଯୋଗୀ ଅବଦାନ ଦେଇଥିଲେ। ଟପ୍ ସ୍କୋରର ସାମ୍‌ସନ ୨୭ ବଲ୍‌ରୁ ୫ ଚୌକା ସହାୟତାରେ ୪୨ ରନ କରିଥିବାବେଳେ ଟ୍ରେଣ୍ଟ ବୋଲ୍ଟଙ୍କ ୟର୍କରରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ବଟଲର ୩୨ ବଲ୍‌ରୁ ୪୧(୩ ଚୌକା, ୩ ଛକା) ରନ କରିଥିବାବେଳେ ରାହୁଲ ଚହରଙ୍କ ବଲ୍‌ରେ ଉଇକେଟକିପର ଡି'କକ୍‌ଙ୍କୁ କ୍ୟାଚ ଦେଇଥିଲେ। ଯୁବ ଓପନର ଜୟସ୍ୱାଲ ୨୦ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହ ଦ୍ରୁତ ୩୨ ରନ କରିଥିବାବେଳେ ଦୁବେ ୩୧ ବଲ୍‌ରୁ ୩୫(୨ ଚୌକା, ୨ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ରାଜସ୍ଥାନ ୨୦ ଓଭରରେ ୪ ଉଇକେଟ ହରାଇ ୧୭୧ ରନ କରିଥିଲା। ମୁମ୍ବାଇ ପକ୍ଷରୁ ରାହୁଲ ଚହର ୨ଟି ଏବଂ ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ୍ ବୁମ୍‌ରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବୁମ୍‌ରା ଚମତ୍କାର ସ୍ପେଲ ୪-୦-୧୫-୧ ବୋଲିଂ କରିଥିଲେ।





ପ୍ଲେୟର୍ ଅଫ୍ ଦି ମ୍ୟାଚ୍ କ୍ୱିଣ୍ଟନ ଡି'କକ୍।

୧୭୨ ରନ ବିଜୟ ଲକ୍ଷ୍ୟରେ ମୁମ୍ବାଇ ଅଧିନାୟକ ରୋହିତ ଶର୍ମା ଓ ଡି'କକ୍‌ଙ୍କ ଓପନିଂ ଯୋଡ଼ିରେ ୩୦ ବଲ୍‌ରୁ ୪୯ ରନ ସଂଗ୍ରହ କରିଥିଲା। ରୋହିତ ୧୭ ବଲ୍‌ରୁ ମାତ୍ର ୧୪ ରନ କରିପାରିଥିଲେ। ସୂର୍ଯ୍ୟକୁମାର ଯାଦବ ୧୦ ବଲ୍‌ରୁ ୧୬(୩ ଚୌକା) ଏବଂ କୃନାଲ ପାଣ୍ଡ୍ୟା ୨୬ ବଲ୍‌ରୁ ୩୯(୨ ଚୌକା, ୨ ଛକା) ରନର ଯୋଗଦାନ ଦେଇଥିବାବେଳେ ଡି'କକ୍ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଥିଲେ। ଏହି ଦକ୍ଷିଣ ଆଫ୍ରିକୀୟ ବ୍ୟାଟ୍ସମ୍ୟାନ ୫୦ ବଲ୍‌ରୁ ୬ ଚୌକା ଓ ୨ ଛକା ସହ ୭୦ ରନ ସଂଗ୍ରହ କରିଥିଲେ। କିରନ ପୋଲାର୍ଡ ୮ ବଲ୍‌ରୁ ୧୬(୨ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ଡି'କକ୍ ଓ କୃନାଲଙ୍କ ତୃତୀୟ ଉଇକେଟ ଯୋଡ଼ିରେ ୪୬ ବଲ୍‌ରୁ ମୂଲ୍ୟବାନ ୬୩ ରନର ଭାଗୀଦାରି ହୋଇଥିଲା। ଅସମାପ୍ତ ୪ର୍ଥ ଉଇକେଟରେ ଡି'କକ୍ ଓ ପୋଲାର୍ଡ ମାତ୍ର ୧୧ ବଲ୍‌ରୁ ୨୬ ରନ ସଂଗ୍ରହ କରି ୯ ବଲ୍ ବାକିଥାଇ ମୁମ୍ବାଇକୁ ଜିତାଇଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ କ୍ରିସ୍ ମୋରିସ ୨ଟି ଓ ମୁସ୍ତାଫିଜୁର ରହମାନ ଗୋଟିଏ ଉଇକେଟ ନେଇଥିଲେ।

**ଆଜିର ମ୍ୟାଚ**

**ପଞ୍ଜାବ କିଙ୍ଗ୍ସ**
**ବନାମ**
**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**



**ପ୍ରସାରଣ**
**ସ୍ଥାନ : ଅହମଦାବାଦ**
**ସମୟ : ସନ୍ଧ୍ୟା ୭.୩୦**
**ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୧/୪(ସଞ୍ଜୁ ସାମ୍‌ସନ-୪୨, ଜୋସ ବଟଲର-୪୧, ଶିବମ ଦୁବେ-୩୫, ଯଶସ୍ୱୀ ଜୟସ୍ୱାଲ-୩୨, ରାହୁଲ ଚହର-୨/୩୩, ଟ୍ରେଣ୍ଟ ବୋଲ୍ଟ-୧/୩୭, ଯଶପ୍ରୀତ୍ ବୁମ୍‌ରା-୧/୧୫)। ମୁମ୍ବାଇ ଇଣ୍ଡିଆନ୍ସ ୧୮.୩ ଓଭରରେ ୧୭୨/୩ (କ୍ୱିଣ୍ଟନ ଡି'କକ୍-୭୦*, କୃନାଲ ପାଣ୍ଡ୍ୟା-୩୯, କ୍ରିସ ମୋରିସ-୨/୩୩, ମୁସ୍ତାଫିଜୁର ରହମନ-୧/୩୭)।

# ଦେଶକୁ ଫେରିବାକୁ ବିଦେଶୀ କୋଚ୍ ଓ ଖେଳାଳିଙ୍କୁ ଅନୁମତି

**ମାର୍ଗାଓ, ୨୯।୪ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଗୋଆ ଏଫ୍‌ସି ଏହାର ଶେଷ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ମ୍ୟାଚ ପୂର୍ବରୁ ଦଳର ସ୍ପାନିଶ ମୁଖ୍ୟ କୋଚ୍ ଜୁଆନ ଫେରାଣ୍ଡୋ ଓ କେତେଜଣ ଫୁଟ୍‌ବଲରଙ୍କ ସମେତ ବିଦେଶୀ ଷ୍ଟାଫ୍‌ଙ୍କୁ ସେମାନଙ୍କ ଦେଶକୁ ଫେରିଯିବା ଲାଗି ଅନୁମତି ପ୍ରଦାନ କରିଛି। କରୋନାର ଦ୍ୱିତୀୟ ଲହର ଏବେ ଭାରତକୁ କବଳିତ କରିଛି। ଅଷ୍ଟ୍ରେଲିଆ, ଇଟାଲୀ ଓ ଜର୍ମାନୀ ସମେତ ବହୁ ଦେଶ ଭାରତ ସହ ବିମାନଚଳାଚଳକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିଛି। ଦେଶରୁ ପ୍ରଥମ ଦଳ ଭାବେ ମହାଦେଶୀୟ କ୍ଳବ ପ୍ରତିଯୋଗିତାରେ ଭାଗ ନେଇଛି। ଦଳ ଗୁରୁବାର ଆବୁଧାବିସ୍ଥିତ କ୍ଳବ ଅଲ୍ ଓ୍ୱାହଦା ବିପକ୍ଷରେ ଏହାର ଶେଷ ଗ୍ରୁପ୍ ମ୍ୟାଚ ଖେଳିବ। ଏଫ୍‌ସି ଗୋଆ ପାଇଁ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। କ୍ଳବ ସହ ସମ୍ପୃକ୍ତ ବିଦେଶାଗତଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି କରି ଏଫ୍‌ସି ଗୋଆର ମ୍ୟାନେଜମେଣ୍ଟ ଏହି ନିଷ୍ପତ୍ତି ନେଇଛି। କୋଚ୍ ଫେରାଣ୍ଡୋଙ୍କ ବ୍ୟତୀତ ଏଫ୍‌ସି ଗୋଆ ସ୍କ୍ୱାଡର ଅନ୍ୟ ୩ଜଣ ଇଭାନ ଗୋଞ୍ଜାଲେଜ୍, ଏଡୁ ବେଡିଆ ଓ ଜର୍ଜ ଓରିଜ୍ ଏବଂ ଅଷ୍ଟ୍ରେଲିଆର ଜେମ୍ସ ଡୋନାଚି ପ୍ରମୁଖ ସ୍ୱଦେଶ ଫେରିଯିବେ।

# କୋଲକାତାକୁ ହରାଇ ଦ୍ୱିତୀୟରେ ଦିଲ୍ଲୀ

**ଅହମଦାବାଦ, ୨୯।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ଉଇକେଟରେ କୋଲକାତା ନାଇଟ ରାଇଡର୍ସଙ୍କୁ ପରାସ୍ତ କରିଛି। କୋଲକାତା ୨୦ ଓଭରରେ ୬ ଉଇକେଟ ହରାଇ ୧୫୪ ରନ କରିଥିଲା। ଜବାବରେ ଦିଲ୍ଲୀ ପୃଥ୍ୱୀ ଶ'ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ୧୬.୩ ଓଭରରେ ୩ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରି ନେଇଥିଲା। ୭ ମ୍ୟାଚରୁ ୫ମ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ଶିବମ ମାଭୀ ଇନିଂସର ପ୍ରଥମ ଓଭରର ପ୍ରଥମ ବଲ୍‌କୁ ୱାଇଡ୍ ପକାଇଥିବାବେଳେ ପରବର୍ତ୍ତୀ ୬ଟି ବଲ୍‌ରେ ଚୌକା ମାରି ୨୫ ରନ ସଂଗ୍ରହ କରିବା ସହ ଆକ୍ରମଣାତ୍ମକ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ପୃଥ୍ୱୀ। କୋଲକାତା ବୋଲରମାନେ ୧୩.୪ ଓଭର ପର୍ଯ୍ୟନ୍ତ ଦିଲ୍ଲୀର ଉଇକେଟ ଖସାଇ ପାରି ନ ଥିଲେ। ଫଳରେ ଦୁଇ ଓପନର ପୃଥ୍ୱୀ ଓ ଶିଖର ଧାୱନ ୧୩୨ ରନ ଭାଗୀଦାରି ଗଢ଼ି ବିଜୟ ପଥ ପରିଷ୍କାର କରିଥିଲେ। ୧୪ତମ ଓଭରର ୫ମ ବଲ୍‌ରେ ପ୍ୟାଟ୍ କମିନ୍ସ ଯୋଡ଼ି ଭାଙ୍ଗିବା ବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ଆକ୍ରମଣର ନେତୃତ୍ୱ ନେଇଥିବା ପୃଥ୍ୱୀ ୪୧ ବଲ୍‌ରୁ ସର୍ବାଧିକ ୮୨(୧୧ ଚୌକା, ୩ ଛକା), ଧାୱନ ୪୭ ବଲ୍‌ରୁ ୪୬(୪ ଚୌକା, ୧ ଛକା) ଓ ଅଧିନାୟକ ରିଷଭ ପନ୍ତ ୮ ବଲ୍‌ରୁ ୧୬ (୨ ଚୌକା, ୧ ଛକା) ରନକରି ଆଉଟ ହୋଇଥିଲେ। କୋଲକାତାର କମିନ୍ସ ୩ଟି ଯାକ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଦିଲ୍ଲୀ। ଏହାର ବୋଲରମାନେ ପ୍ରଭାବୀ ବୋଲିଂ କରି ୧୩ ଓଭର ମଧ୍ୟରେ କୋଲକାତାର ନୀତୀଶ ରାଣା (୧୫), ରାହୁଲ ତ୍ରିପାଠୀ (୧୯), ଇଅନ ମୋର୍ଗାନ (୦), ସୁନୀଲ ନାରିନ (୦) ଓ ଶୁବମନ ଗିଲ୍ (୪୩ ରନ, ୩୮ ବଲ, ୩ ଚୌକା, ୧ ଛକା)ଙ୍କ ଉଇକେଟ ଅକ୍ତିଆର କରି ନେଇଥିଲେ। ଏକଦା ୮୨ ରନରେ ୫ ଉଇକେଟ ପଡ଼ିଥିଲେ ହେଁ ହେଁ ଲୋୟର ଅର୍ଡରରେ ଆନ୍ଦ୍ରେ ରସେଲ ୨୭ ବଲ୍‌ରୁ ୪୫(୨ ଚୌକା, ୪ ଛକା) ରନରେ ଅପରାଜିତ ରହିବାରୁ କୋଲକାତା ସ୍କୋର ୧୫୦ ଅତିକ୍ରମ କରିଥିଲା। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ଅକ୍ଷର ପଟେଲ ଓ ଲଳିତ ଯାଦବ ୨ଟି ଲେଖାଏ ଏବଂ ଆଭେଶ ଖାଁ ଓ ମାର୍କୁସ ଷ୍ଟୋଇନିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୫୪/୬(ଆନ୍ଦ୍ରେ ରସେଲ-୪୫*, ଶୁବମନ ଗିଲ-୪୩, ଅକ୍ଷର ପଟେଲ-୨/୩୨, ଲଳିତ ଯାଦବ-୨/୧୩, ଆଭେଶ ଖାଁ-୧/୩୧, ମାର୍କୁସ ଷ୍ଟୋଇନିସ-୧/୭)। ଦିଲ୍ଲୀ କ୍ୟାପିଟାଲ୍ସ ୧୬.୩ ଓଭରରେ ୧୫୬/୩(ପୃଥ୍ୱୀ ଶ'-୮୨, ଶିଖର ଧାୱନ-୪୬, ପ୍ୟାଟ୍ କମିନ୍ସ-୩/୨୪)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୫ | ୧ | ୧୦ | +୧.୪୭୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୪୬୬ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୫ | ୧ | ୧୦ | +୦.୦୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୩ | ୩ | ୬ | +୦.୦୭୧ |
| ନାଇଟ ରାଇଡର୍ସ | ୭ | ୨ | ୫ | ୪ | -୦.୪୯୪ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | -୦.୬୦୮ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | -୦.୬୯୦ |
| ସନ୍‌ରାଇଜର୍ସ | ୬ | ୧ | ୫ | ୨ | -୦.୨୬୪ |




# ଆଇପିଏଲ୍‌ରୁ ଓହରିଲେ ଅମ୍ପାୟର ମେନନ

**ନୂଆଦିଲ୍ଲୀ, ୨୯।୪ (ପି.ଟି.):** ଭାରତର ଟପ୍ ଅମ୍ପାୟର ନୀତୀନ ମେନନ ଚଳିତ ଆଇପିଏଲ୍‌ରୁ ଓହରିଯାଇଛନ୍ତି। ତାଙ୍କ ପରିବାରର ୨ ସଦସ୍ୟ କୋଭିଡ୍ ସଂକ୍ରମଣରେ ଥିବା ଜଣାପଡ଼ିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ଭାରତରୁ ଅଷ୍ଟ୍ରେଲିଆକୁ ବିମାନଯାତ୍ରା ବନ୍ଦ ଘୋଷଣା ପରେ ଅଷ୍ଟ୍ରେଲୀୟ ଅମ୍ପାୟର ପଲ୍ ରିଫେଲ ନିଜ ଦେଶକୁ ଫେରିଯିବା ଚେଷ୍ଟା କରି ବିଫଳ ହୋଇଛନ୍ତି। ଖବର ଅନୁସାରେ ଇନ୍ଦୋର ବାସିନ୍ଦା ମେନନଙ୍କ ସ୍ତ୍ରୀ ଓ ମା' କରୋନା ସଂକ୍ରମିତ ହୋଇଛନ୍ତି। ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ଅମ୍ପାୟର୍ସ ତାଲିକାରେ ମେନନ ଏକମାତ୍ର ଭାରତୀୟ। ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ ବେଳେ ତାଙ୍କ କାର୍ଯ୍ୟଦକ୍ଷତାର ଉଚ୍ଚ ପ୍ରଶଂସା କରାଯାଇଥିଲା। ପରିବାରରେ ଦୁଇଜଣ କରୋନାରେ ଆକ୍ରାନ୍ତ ହୋଇଥିବାରୁ ମେନନ ବର୍ତ୍ତମାନ ମାନସିକ ସ୍ତରରେ ମ୍ୟାଚ ପରିଚାଳନା କରିବା ଅବସ୍ଥାରେ ନ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଭାରତରେ କରୋନା ମହାମାରୀ ଏହାର କାୟାବିସ୍ତାର କରି ଚାଲିଥିବାରୁ ଅଷ୍ଟ୍ରେଲିଆ ସରକାର ଭାରତରୁ ତାଙ୍କ ଦେଶକୁ ବିମାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ରିଫେଲ ତେଣୁ ଦୋହା ବାଟ ଦେଇ ସ୍ୱଦେଶ ଫେରିଯିବାକୁ ଉଦ୍ୟମ କରିଥିଲେ। ନିଜେ ଜଣେ ଅଷ୍ଟ୍ରେଲୀୟ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ରିଫେଲ ବର୍ତ୍ତମାନ ଅହମଦାବାଦସ୍ଥିତ ଏକ ହୋଟେଲରେ ଅବସ୍ଥାନ କରୁଛନ୍ତି। ସେ କହିଛନ୍ତି ତାଙ୍କ ଦେଶରେ ଦୁଇଜଣ ଖେଳାଳି ଦୋହା ବାଟ ଦେଇ ସ୍ୱଦେଶ ଫେରିଯିବାରେ ସଫଳ ହୋଇଛନ୍ତି। ମାତ୍ର ମୋ ବେଳକୁ ଏହି ରାସ୍ତା ବନ୍ଦ ହୋଇଯାଇଛି। ତେଣୁ ମେ' ୩୦ରେ ଟୁର୍ନାମେଣ୍ଟ ଶେଷ ହେଲା ପରେ ଯାଇ ସେ ଅଷ୍ଟ୍ରେଲିଆ ଯିବେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଶିକ୍ଷକ ସଂଘ ପକ୍ଷରୁ ସହାୟତା ପ୍ରଦାନ

ଓଡ଼ଗାଁ, (ସ୍ୱ.ପ୍ର.):ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବଦ୍ରିନାରାୟଣ ସୁବୁଦ୍ଧିଙ୍କ ବିଧବା ପତ୍ନୀ ସ୍ୱର୍ଣ୍ଣଲତା ସୁବୁଦ୍ଧିଙ୍କୁ ସମନ୍ୱୟ ଶିକ୍ଷକ ସଂଘ ତରଫରୁ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । କରୋନାରେ ପୀଡ଼ିତ ସୁବୁଦ୍ଧି ୨୮ ଅଗଷ୍ଟ ୨୦୨୦ରେ ପ୍ରାଣ ହରାଇଥିଲେ । ସମନ୍ୱୟ ଶିକ୍ଷକ ସଂଘ ପକ୍ଷରୁ ରଞ୍ଜନ କୁମାର ଦାଶ, ମନୋଜ କୁମାର ନାୟକ, ପ୍ରଦୀପ କୁମାର ପୃଷ୍ଟି, ଜଗନ୍ନାଥ ମିଶ୍ର ଓ ଲଳିତ ମୋହନ ମିଶ୍ର ବୁଧବାର ସହାୟତା ପ୍ରଦାନ କରିବା ସହିତ ସମବେଦନା ଜଣାଇଛନ୍ତି ।

# କାମ ନ କରି ୯.୭୦ ଲକ୍ଷ ଟଙ୍କାର ଫଲ୍ସ ବିଲ୍

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଦୁର୍ନୀତି
- ବିଧାନସଭାରେ ୨ ଥର ଉଠିଥିଲା ଏହି ପ୍ରସଙ୍ଗ
- ୪ କର୍ମଚାରୀ, ଜଣେ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

ନୟାଗଡ଼ ଅଫିସ,୨୯।୪

ବିକାଶର ଭେଲିକି ଦେଖାଇ ୯.୭୦ ଲକ୍ଷ ଟଙ୍କା ଫଲ୍ସ ବିଲ୍ ହୋଇଛି। ଏଭଳି ଅନିୟମିତତା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଛି। ନୟାଗଡ଼ ଜିଲା ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତରେ ରାସ୍ତା ଓ ପୋଖରୀ ପାହାଚ ନ କରି ସରକାରୀ ଅନୁଦାନକୁ ହଡ଼ପ କରାଯାଇଛି। ଏନେଇ ଦୁଇ ଥର ବିଧାନସଭାରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ପ୍ରଶ୍ନ କରିବା ପରେ ୪ କର୍ମଚାରୀ ଓ ଜଣେ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ ହୋଇଛି। ତଥାପି ସେହି ଦୁର୍ନୀତିକୁ ଚାପି ଦେବାକୁ ପ୍ରୟାସ ଚାଲିଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚମ୍ପିପୁର ଭାୟା ଶ୍ୟାମଘନପୁର କେନାଲ ରୋଡ୍ ଚନ୍ଦ୍ରମାଦେଈପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ୩.୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି କୁଞ୍ଜନବନ ନୂଆପୋଖରୀ ପାହାଚ ପାଇଁ ୩ ଲକ୍ଷ ଟଙ୍କା ଓ ବ୍ରଜରାଜପୁର ପଞ୍ଚାୟତ ଅଫିସରୁ ବ୍ରଜରାଜପୁର ଗାଁ ମୁଣ୍ଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୩.୨୦ ଲକ୍ଷ ଟଙ୍କା ଏପରି ମୋଟ ୯.୭୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ସେହି ରାସ୍ତା ଓ ପୋଖରୀ ପାହାଚ କରା ଯାଇ ନ ଥିଲା। ଫଲ୍ସ ବିଲ୍ କରି କାଗଜପତ୍ରରେ କାମ ଶେଷ କରି ଦିଆଯାଇଥିଲା। ଏନେଇ ଗ୍ରାମ୍ୟ ଉନ୍ନୟନ ଓ କୃଷି ମନ୍ତ୍ରୀ ଭାରତ ସରକାର, ପଞ୍ଚାୟତିରାଜ ମନ୍ତ୍ରୀ ଓଡ଼ିଶା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଯୁଗ୍ମ ସଚିବ ଗ୍ରାମ୍ୟ ଉନ୍ନୟନ ବିଭାଗ ନୂଆଦିଲ୍ଲୀ, ଭିଜିଲାନ୍ସ ଏସ୍‌ପିଙ୍କୁ ସ୍ଥାନୀୟ ଲୋକେ ଅବଗତ କରିଥିଲେ। ପରେ ଏନେଇ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ୯.୭୦ ଲକ୍ଷ ଟଙ୍କାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିକୁ ବିଧାନସଭାରେ ଉଠାଇଥିଲେ। ମାର୍ଚ୍ଚ ୨୦୨୦ରେ ସେ ବିଧାନସଭାରେ କହିଥିଲେ, ସରକାର ନୟାଗଡ଼ ଜିଲାପାଳଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ କି। ଯଦି ହଁ, ତଦନ୍ତ ରିପୋର୍ଟ ହସ୍ତଗତ ହୋଇଛି କି। ସରକାର ଦୋଷୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ । ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, କୋଭିଡ୍ ଯୋଗୁ ତଦନ୍ତ ବିଳମ୍ବ ହୋଇଛି । ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ୨୦୨୧ ଫେବୃୟାରୀ ୨ରେ ବିଧାନସଭାରେ ରାୟଗଡ଼ା ବିଧାୟକ ପୁଣି ଥରେ ଏହି ଫଲ୍ସ ବିଲ୍ ପ୍ରସଙ୍ଗ ଉଠାଇଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ଜେନା ଉତ୍ତରରେ କହିଥିଲେ, ତଦନ୍ତ ରିପୋର୍ଟ ମିଳିଛି । ତଦନ୍ତ ରିପୋର୍ଟରେ ସରପଞ୍ଚ ସୁକାନ୍ତ ଚନ୍ଦ୍ର ସାମନ୍ତରାୟ, ରଣପୁର ବ୍ଲକ୍ ଜେଇ ତଥା ନୟାଗଡ଼ ଡିଆରଡିଏରେ ଡେପ୍ଲୟଡ ହୋଇଥିବା ବସନ୍ତ କୁମାର ଦାସ, ପଞ୍ଚାୟତର ଏକ୍ସ ପିଇଓ ତଥା ନୂଆଗାଁ ବ୍ଲକରେ କାର୍ଯ୍ୟରତ ପିଇଓ ସୂର୍ଯ୍ୟମଣି ସ୍ୱାଇଁ, ପଞ୍ଚାୟତର ଦୁଇ ଜିଆରଏସ୍ ପୂର୍ଣ୍ଣମାସୀ ଆଚାର୍ଯ୍ୟ (ମୟୂରଝାଲିଆ ପଞ୍ଚାୟତରେ କାର୍ଯ୍ୟରତ) ଓ ଲକ୍ଷ୍ମୀଧର ଜେନା ନରସିଂହପୁର ପଞ୍ଚାୟତରେ କାର୍ଯ୍ୟରତଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି ।

ଏ ନେଇ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂକ୍ରାନ୍ତରେ ଜାଣିବା ପାଇଁ ଜିଲାପାଳ ପୋମା ଟୁଡୁଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ। ଅନ୍ୟପକ୍ଷେ ଏହି ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳର ସୁନିଲ କୁମାର ପାଇକରାୟ, ଉଦୟନାଥ ସାମନ୍ତରାୟ, ରଙ୍ଗନାଥ ବେହେରା କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ବ୍ରଜରାଜପୁର ପଞ୍ଚାୟତର ଚିତ୍ର ବଦଳି ନାହିଁ। ପଞ୍ଚାୟତ ଭିତରେ ବିଭିନ୍ନ ଗାଁକୁ ପଡିଥିବା ରାସ୍ତାରେ ମାଟି ଝୁଡିଏ ପଡୁନାହିଁ। ବରଂ ବିକାଶ ନାଁରେ ଲୁଟ୍ ହେଉଛି ଲକ୍ଷାଧିକ ଟଙ୍କାର ସରକାରୀ ଅନୁଦାନ। ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନାହିଁ। ବିଧାନସଭାରେ ପ୍ରଶ୍ନ ଉଠିବା ପରେ ତଦନ୍ତ ହୋଇଛି । ୫ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ ହୋଇଛି। ତେବେ କାର୍ଯ୍ୟାନୁଷ୍ଠାନ ଫାଇଲ୍‌କୁ ଚାପିଦେବାକୁ ପ୍ରୟାସ କରାଯାଉଛି । ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।


ବ୍ରଜରାଜପୁର ପଞ୍ଚାୟତର ଏକ ପାଦଚଲା ରାସ୍ତା ।

## ସଂକ୍ଷେପରେ

### ମନୋଜ ଦାସ ପୁଣି ଥରେ ଜନ୍ମ ନେବା ଉଚିତ୍

**ନୟାଗଡ଼ ଅଫିସ,୨୯।୪:**ମନୋଜ ଦାସ ସାହିତ୍ୟ ଆକାଶର ଉଜ୍ଜଳ ନକ୍ଷତ୍ର । ସେ ଅସ୍ତମିତ ହେବା କେବଳ ଓଡିଶା ନୁହେଁ ଭାରତ ପାଇଁ ଅପୂରଣୀୟ କ୍ଷତି । ବିଶ୍ୱ ସାହିତ୍ୟର ଉତ୍ତାଙ୍ଗ ଉଚ୍ଚାରଣ, ସ୍ୱର୍ଦ୍ଧିତ ସ୍ୱର, ଓଡିଆ ସାହିତ୍ୟର ମଉଡମଣି ପଦ୍ମବିଭୂଷଣ ମନୋଜ ଦାସଙ୍କ ନିଧନ ବିଶ୍ୱାସ କରି ହେଉନି । ଏଭଳି ସ୍ରଷ୍ଟା ପୁଣିଥରେ ଉତ୍କଳ ମାଟିରେ ଜନ୍ମ ନେବା ଉଚିତ୍ ବୋଲି ନୟାଗଡ଼ ଖେଳପଡ଼ିଆରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି । ନୟାଗଡ଼ ଜିଲା ଲେଖକ ପରିଷଦ, ପରମ୍ପରା ସାହିତ୍ୟ ଏବଂ ସଂସ୍କୃତି ପରିଷଦ,ମା' ଫାଉଣ୍ଡେଶନ, ଯୁବ ମୈତ୍ରୀ ସଂସଦ ଏବଂ ସଦାନନ୍ଦ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ତଥା କବି ନିର୍ମଳ ଶୂରଦେଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମନୋଜ ଦାସଙ୍କ ସାହିତ୍ୟାକୃତି ଉପରେ ଆଲୋଚନା କରାଯାଇଥିଲା । ସଭା ପୂର୍ବରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ଅନାଦି ଚରଣ ମହାନ୍ତି, ସୁରେନ୍ଦ୍ର ନାଥ ମହାପାତ୍ର, ରାମକୃଷ୍ଣ ରଥ, ଡ.ଆଶୁତୋଷ ମିଶ୍ର, ଅଶୋକ ମଲ୍ଲ, ପ୍ରଦୀପ ସାହୁ, ହୃଷୀକେଶ ଦାଶ, ରଞ୍ଜନ ରଶ୍ମି ଜେନା, ଗୋପୀନାଥ ସେଠୀ, ଲକ୍ଷ୍ମୀଧର ସାହୁ, ମାନସ ଦାସ, ନୀଳିମା ନନ୍ଦ, ହରପ୍ରିୟା ଦ୍ୱିବେଦୀ, ସରୋଜ ସାହୁ, ପ୍ରତାପ ସାହୁ, ଲକ୍ଷ୍ମୀକାନ୍ତ ରଥ ପ୍ରମୁଖ ମନୋଜ ଦାସ ସ୍ମୃତିଚାରଣ କରିଥିଲେ ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ନୟାଗଡ଼ ଅଫିସ,୨୯।୪:**ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଇଟାମାଟି ପେଟ୍ରୋଲ ପମ୍ପ ନିକଟରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଚାକଳଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପ୍ରଦୀପ କୁମାର ଜେନା(୫୦) । ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଣିକାଗୋଡା ଗାଁରେ । ପ୍ରଦୀପ ନିଜ ବାଇକ୍‌ରେ ଗାଁରୁ ନୟାଗଡ଼ ଆସୁଥିଲେ । ନୟାଗଡ଼ରୁ ଟ୍ରକଟି ଯାଉଥିବାବେଳେ ଇଟାମାଟି ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ପୂର୍ବାହ୍ନରେ ଏହି ଦୁର୍ଘଟଣା ଘଟିଥିଲା । ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ କଟକ ବଡମେଡିକାଲରେ ଭର୍ତ୍ତି କରାଯାଇଥିଲା । ସନ୍ଧ୍ୟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଆନ୍ଦୋଳନ ପ୍ରତ୍ୟାହାର କଲା ଶିକ୍ଷକ ସଂଘ

**ଦଶପଲ୍ଲା,୨୯।୪(ଡି.ଏନ୍.ଏ.):** ୩ ଦିନ ଧରି ବକେୟା ପ୍ରାପ୍ୟ ଦାବିରେ ଦଶପଲ୍ଲା ବ୍ଲକ୍ ଏଲିମେଣ୍ଟାରୀ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା । ବୁଧବାର ସେହି ଆନ୍ଦୋଳନ ପ୍ରତ୍ୟାହାର ହୋଇଛି ବୋଲି ସଂଘ ସଭାପତି ଜୟଦେବ ମିଶ୍ର କହିଛନ୍ତି । ଶିକ୍ଷକମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଚେଷ୍ଟା ଚାଲିଛି। ଖୁବ୍‌ଶୀଘ୍ର ଆମକୁ ସଫଳତା ମିଳିବ ବୋଲି ବିଇଓଙ୍କ ପ୍ରତିଶ୍ରୁତି ଏବଂ ଅନୁରୋଧ ପରେ ସଂଘ ଆନ୍ଦୋଳନରୁ ଓହରି ଯାଇଥିବା ସଂଘ କହିଛି ।

## ୨ୟ ଦିନରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଓଡ଼ଗାଁ, ୨୯।୪(ସ୍ୱ.ପ୍ର.)

ଓଡ଼ଗାଁ ଏନ୍‌ଏସିରେ ନୂତନ ସଫେଇ କର୍ମଚାରୀଙ୍କ ନିଯୁକ୍ତିକୁ ପୁରୁଣା ସଫେଇ କର୍ମଚାରୀମାନେ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଗୁରୁବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ୫ ଜଣ ସଫେଇ କର୍ମଚାରୀଙ୍କୁ ଏନ୍‌ଏସି ତରଫରୁ ନିଯୁକ୍ତି ଦିଆଯାଇଥିଲା । ପୁରୁଣା କର୍ମଚାରୀଙ୍କ ବିନା ଅନୁମତିରେ ଅନ୍ୟ କାହାକୁ ନିଯୁକ୍ତି କରାଯାଇପାରିବ ନାହିଁ ବୋଲି ସେମାନେ କହିଥିଲେ । ଏହାକୁ ଏନ୍‌ଏସି କର୍ତ୍ତୃପକ୍ଷ ଗ୍ରହଣ ନ କରିବାରୁ ସମସ୍ତ ସଫେଇ କର୍ମଚାରୀ ବୁଧବାର ସକାଳୁ ଅଫିସ ଆଗରେ ଧାରଣା ଦେବା ସହିତ କାର୍ଯ୍ୟବନ୍ଦ କରିଥିଲେ। ଅନ୍ୟପକ୍ଷେ ସଫେଇ କର୍ମଚାରୀଙ୍କୁ ଆନ୍ଦୋଳନ ନିମନ୍ତେ ଉସୁକାଉଥିବା ଏବଂ ସନ୍ଧ୍ୟାରେ ଅଳିଆ ସଂଗ୍ରହ ପାଇଁ ଯାଉଥିବା ଗାଡ଼ିକୁ ରାସ୍ତାରେ ଅଟକାଇ ଡ୍ରାଇଭର ଓ କର୍ମଚାରୀଙ୍କୁ ଧମକ ଦେବା ଏବଂ ମାରପିଟ କରିବା ଅଭିଯୋଗରେ ୫ କର୍ମଚାରୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ଏନେଇ ଆନ୍ଦୋଳନରତ କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି । ସେମାନେ ଖୁବ୍‌ଶୀଘ୍ର କାମରେ ଯୋଗଦେବେ ବୋଲି ସେ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି ।

# ଖଣ୍ଡପଡ଼ା: କାଳବୈଶାଖୀରେ ବ୍ୟାପକ କ୍ଷତି


ରାସ୍ତା ଉପରେ ଭାଙ୍ଗିପଡିଥିବା ଗଛକୁ କଟାଯାଉଛି ।

ଖଣ୍ଡପଡ଼ା,୨୯।୪(ସ୍ୱ.ପ୍ର.)

ବୁଧବାର ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡି ପଡି ରାସ୍ତା ଅବରୋଧ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ରାସ୍ତା ଉପରୁ ଗଛ ଡାଳଗୁଡିକୁ କଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ସେହିପରି ଉଚ୍ଚ ଶକ୍ତିସଂପନ୍ନ ବିଦ୍ୟୁତ୍ ତାର ଉପରେ ଗଛର ଡାଳ ଭାଙ୍ଗି ପଡିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ଗାଁରେ ଥିବା ଚାଳଛପର ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଓ ଛିଡି ପଡିଥିବା ତାରକୁ ମରାମତି ଜାରି ରଖିଛନ୍ତି । ପନିପରିବା ଫସଲ ମଧ୍ୟ ଏହି କାଳବୈଶାଖୀରେ ନଷ୍ଟ ହୋଇଥିବା ଖବର ମିଳିଛି।

## ୩ ଦିନ ପାଇଁ ଗ୍ରାମ୍ୟ ବ୍ୟାଙ୍କ ଶାଖା ବନ୍ଦ

ଖଣ୍ଡପଡ଼ା୨୯।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ସେହି ବ୍ୟାଙ୍କ୍ ଶାଖାକୁ ୩ଦିନ ପାଇଁ ବନ୍ଦ କରାଯାଇଛି । ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଉକ୍ତ ବ୍ୟାଙ୍କ ଶାଖା ବନ୍ଦ ରହିବ । ଉକ୍ତ ଶାଖାରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅଭିସାର ପଣ୍ଡା କହିଛନ୍ତି ।

## ଅଗ୍ନି ବିପନ୍ନଙ୍କୁ ମୋ ଆବାସ ଯୋଜନାରେ ସାମିଲ ଦାବି

ଓଡ଼ଗାଁ,୨୯।୪(ସ୍ୱ.ପ୍ର.)

ଓଡ଼ଗାଁ ତହସିଲ ଅଧୀନ ବାଣ୍ପୁର ପଞ୍ଚାୟତ ପୋଡାସାହି ଗ୍ରାମର ନୂଆସାହିରେ ଘଟିଥିବା ଅଗ୍ନିକାଣ୍ଡ ବିପନ୍ନ ପରିବାରଙ୍କୁ ବ୍ଲକ କଂଗ୍ରେସ ନେତାମାନେ ଭେଟି ବିସ୍କୁଟ ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ସମସ୍ତ ୨୨ ପରିବାର ଖୋଲା ଆକାଶ ତଳେ ପିଲା ଛୁଆଙ୍କ ସହିତ ଦିନ କାଟୁଛନ୍ତି । ଏ ପରିସ୍ଥିତିରେ ସେମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମାଞ୍ଚଳ ଆବାସ ଯୋଜନାରେ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ ଓ ହାତଖର୍ଚ୍ଚ ପାଇଁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବାକୁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଓ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# କୋଭିଡ୍ କଟକଣାରେ ଚାଲିଛି ରାମଲୀଳା


ରାମଲୀଳା କଳାକାରମାନେ ସହର ପରିକ୍ରମା କରୁଛନ୍ତି ।

ଖଣ୍ଡପଡ଼ା,୨୯।୪(ସ୍ୱ.ପ୍ର.)

ଚଳିତବର୍ଷ ଶ୍ରୀରାମ ନବମୀଠାରୁ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଆସୁଛି ଖଣ୍ଡପଡ଼ାରେ ରାମଲୀଳା । ପ୍ରତିଦିନ ସନ୍ଧ୍ୟାରେ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପରିସରରେ ସନ୍ଧ୍ୟା ଆଳତି ସହ ପୁରାଣ ପାଠ ଚାଲିଛି । ଏହାପରେ ଏକ ବିମାନରେ ଚଳନ୍ତି ପ୍ରତିମାଙ୍କୁ ଖଣ୍ଡପଡ଼ା ସହରର ଗୁଣ୍ଡିଚା ଘର ନିକଟକୁ ବିଜେ କରାଯାଉଛି । ଚଳନ୍ତି ପ୍ରତିମା ଗ୍ରାମ ପରିକ୍ରମା କରୁଥିବା ବେଳେ ଶ୍ରୀରାମ, ଲକ୍ଷ୍ମଣ ଓ ମା'ସୀତାଙ୍କ ସହ ହନୁମାନଙ୍କ ବେଶରେ ରାମଲୀଳା ପରିବେଷଣ କରୁଥିବା ଅଭିନେତାମାନେ ସହର ପରିକ୍ରମା କରୁଛନ୍ତି । ପାରମ୍ପରିକ ପ୍ରଥାନୁଯାୟୀ କେବଳ ପୂଜାର୍ଚ୍ଚନା ଓ ପୁରାଣ ପାଠରେ ରାମଲୀଳା ସୀମିତ ରହିଛି ।


**ODISHA PUBLIC SERVICE COMMISSION**

**ADVERTISEMENT No. 01 of 2021-22**

**Recruitment to the Post of Homoeopathic Medical Officers in the Group-B rank of the State under Health & Family Welfare Department**

**WEBSITE: www.opsc.gov.in**

No. D-14: Online applications are invited from the prospective candidates through the proforma application to be made available on the Website of the Commission **(http://www.opsc.gov.in)**. For recruitment to 186 (one hundred eighty six) posts of Homoeopathic Medical Officers in the Group-B rank of the State under Health & Family Welfare Department in the Scale of Pay of 44900/- in Level 10, Cell - 1 of ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Health & Family Welfare Department, Government of Odisha, out of a total of 186 (56-w) vacancies, 87 (26-w) vacancies are reserved for UR Category, 06 (02-w) vacancies are reserved for SEBC, 08 (02-w) vacancies are reserved for SC category, 85 (26-w) vacancies are reserved for ST category. Also, 02 vacancies are for Sports persons, 06 vacancies are for Ex-Serviceman and 07 (03-w) are for persons with Disabilities.
3. **AGE:** A candidate must have attained the age of **21 (twenty one)** years and must not be above **32 (thrity two)** years as on **1st day of January 2021** i.e. he/she must have been born **not earlier than 2nd January, 1989 and not later than 1st January, 2000**.
4. **EDUCATIONAL QUALIFICATION:** A candidate must have possessed the Degree of Bachelor in Homoeopathic Medicine and Surgery (B.H.M.S.) or equivalent Degree from a recognized University or Institution recognized by Central Council of Homoeopathy and must have registered himself/herself under the Odisha State Board of Homoeopathic Medicines.
5. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Person with Disability (whose permanent disability is 40% and more) are exempted from payment of this fee.

**The link for registration/re-registration and payment of examination fees shall be available from 21.05.2021 to 22.06.2021 (Note: 29.06.2021 is the last date for submission of Registered Online Application).**

The candidates are advised to visit the website of the Commission at **http://opsc.gov.in for detailed information for applying to the above post**.

CUTTACK
DATE: 29.04.2021

Sd./- ADDITIONAL SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0007/2122



**MCL** ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ ।"

R-5049



**GOVERNMENT OF ODISHA**

**"e" PROCUREMENT NOTICE**

**OFFICE OF THE NOTIFIED AREA COUNCIL, DASPALLA**

**TENDER CALL NOTICE**

**E-mail: nacdaspalla@gmail.com**

**Bid Identification No. NAC-Daspalla/01/2021-22**

The Executive Officer, NAC, Daspalla, Dist.- Nayagarh inviting percentage rate bid in **online mode** for the works as detailed in the Annexure from eligible contractors for construction of civil works as detailed in the table below.

1. Nature of Work : As per DTCN
2. No. of Work : 2 Nos.
3. Tender Cost : To be remitted online through a process as mentioned in DTCN.
4. Class of Contractor : As mentioned in Annexure
5. Available of Bid Document in : From Dt.30.04.2021, 11.00 A.M. to Dt.12.05.2021 upto 5.00 P.M. in the website.
6. Date & time of opening Technical Bid : Dt.13.05.2021 at 11.00 A.M.
7. The bidders have to participate in ONLINE bidding only. Further deails can be seen from the website: **https://tenderodisha.gov.in**. Any Addendum/Corrigendum/Cancellation of tender can also be seen in the said website.

**Sd./- Executive Officer, NAC, Daspalla**



**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

No.RDM-LAA-MBJ-0008-2021 6758/ R&DM. Dated 26 Feb 2021

No.XXI-17:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଇବଣିଆ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- କାଳିକ (ଅତିରିକ୍ତ), ଥାନା- ରାଇବଣିଆ ନଂ.୬୧, ତହସିଲ- ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୪୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସିହତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଇବଣିଆ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ।
୨- **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ**- ନିର୍ବାହୀ ଯନ୍ତ୍ରୀ, ଜାମ୍ବୀରା କେନାଲ ଡିଭିଜନ, ମୋରଡା, ମୟୂରଭଞ୍ଜ।
୩- **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତା କାରଣ**- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪- **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬- **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ଜଳେଶ୍ୱର | କାଳିକ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୨.୭୪ | ଏ.୦.୪୩ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା-୪୯/୨୦୧୯
ଏ. ୦.୪୩ ଡେ.ମି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଇବଣିଆ ଡିଷ୍ଟ୍ରିବ୍ୟୁଟାରୀ**
**ମୌଜା- କାଳିକ (ଅତିରିକ୍ତ), ଥାନା- ରାଇବଣିଆ ନଂ.୬୧, ତହସିଲ- ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱର**

| ଖାତା ନଂ. ଏବଂ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୯୩୭/୯୬୯ ସ୍ଥିତିବାନ | ୯୧୯ | ୧.୧୫ | ୦.୦୩ | ଶାରଦ ତିନି | ଭାରତୀ ଦାସ, ପି.- ପୂର୍ଣ୍ଣଚନ୍ଦ୍ର ପାତ୍ର, ଜା.- ତନ୍ତୀ, ବା.- ଚାକୁଆପାଳ ସାମିଲ ନିଜଗାଁ |
| | ୧୦୬୩ | ୦.୨୨ | ୦.୧୦ | ଘରବାରୀ | |
| ୯୩୭/୯୭୦ ସ୍ଥିତିବାନ | ୯୧୨ | ୦.୨୭ | ୦.୨୨ | ଶାରଦ ତିନି | ଅସିତ କୁମାର ଦାସ, ମିହିର ରଞ୍ଜନ ଦାସ, କମଳ ରଞ୍ଜନ ଦାସ ଡାକ ନାମ ପାନାଲାଲ ଦାସ, ଦୀପ୍ତିମୟୀ ଦାସ, ଲିନା ଦାସ, ରୀନା ଦାସ, ପି.- ଅଧିର ଚନ୍ଦ୍ର ଦାସ, ଜା.- ତନ୍ତୀ, ବା.- ଚାକୁଆପାଳ ସାମିଲ ନିଜଗାଁ |
| | ୧୦୩୬ | ୧.୧୦ | ୦.୦୮ | ଶାରଦ ତିନି | |
| ମୋଟ | ୪ ପ୍ଲଟ | ଏ.୨.୭୪ ଡେ.ମି. | ଏ.୦.୪୩ ଡେ.ମି. | | |

OIPR-24001/14/0024/2122

## ସଂକ୍ଷେପରେ

### ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ

**ବ୍ରହ୍ମପୁର ଅଫିସ,୨୯।୪:**ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି ଜଣେ ମହିଳା। ତାଙ୍କ ନାମ କୁନି ଜେନା, ଘର ପୋଲସରା ବୋଲି ଜଣାପଡିଛି। ତାଙ୍କ ନିକଟରୁ ୨୪ କେଜି ଗଞ୍ଜେଇ ଜବତ ହୋଇଛି। ବୁଧବାର ରାତିରେ ଆରପିଏଫ୍ ପୁରୀ-ଅହମଦାବାଦ ଟ୍ରେନ୍‌ରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ମହିଳାଙ୍କୁ ସନ୍ଦିଗ୍ଧ ଅବସ୍ଥାରେ ପୋଲିସ ଧରିଥିଲା। ଯାଞ୍ଚ ପରେ ତାଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିଲା। ମହିଳା ଜଣକ ଖଲ୍ଲିକୋଟ ଷ୍ଟେଶନରୁ ଗଞ୍ଜେଇ ଧରି ଟ୍ରେନ୍‌ରେ ଚଢ଼ିଥିବା ପୋଲିସ କହିଛି। ଏହି ଗଞ୍ଜେଇ ମହାରାଷ୍ଟ୍ର ଚାଲାଣ ହୋଇଥାନ୍ତା ବୋଲି ତଦନ୍ତରୁ ଜଣାପଡ଼ିଛି। ଜିଆରପି ଥାନା କେସ୍ ନମ୍ବର ୧୧/୨୧ରେ ଅଭିଯୁକ୍ତ ମହିଳାଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି।

### ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୯।୪:**ସରକାରୀ ରେଲୱେ ପୋଲିସ (ଜିଆରପି) ଥାନା ଅନ୍ତର୍ଗତ ଗୋପାଳପୁର ଜଙ୍କ୍‌ଶନ ରେଳଧାରଣା ନିକଟରୁ ବୁଧବାର ରାତିରେ ପୋଲିସ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ଜବତ କରିଥିଲା। ଗୁରୁବାର ସକାଳେ ତାଙ୍କର ପରିଚୟ ସ୍ପଷ୍ଟ ହୋଇଛି। ମୃତକଙ୍କ ନାମ ମନୋଜ ସ୍ୱାଇଁ (୩୫)। ପୁଅ ଅମିତ ବ୍ରହ୍ମପୁର ବଡ଼ମେଡିକାଲରେ ପହଞ୍ଚି ବାପାଙ୍କ ମୃତଦେହ ଚିହ୍ନଟ କରିଛନ୍ତି। ନମ୍ବର ୨୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଆସିକା ଥାନା ଘଟକୁରୀରେ ରହୁଥିବା ମନୋଜ ଜଣେ କାର ଡ୍ରାଇଭର୍ ଭାବେ କାମ କରୁଥିଲେ। କରୋନା ଯୋଗୁ ତାଙ୍କୁ କାମ ମିଳୁ ନ ଥିଲା। ଏଣୁ ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ ବୋଲି ପୋଲିସ ତଦନ୍ତରେ ଜଣାପଡ଼ିଛି। ବୁଧବାର ସକାଳେ ସେ କାମ ସନ୍ଧାନରେ ଘରୁ ବାହାରି ବ୍ରହ୍ମପୁର ଆସିଥିଲେ। ରାତିରେ ରେଳଧାରଣାରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ସେ କୌଣସି ଏକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**ବ୍ରହ୍ମପୁର ଅଫିସ,୨୯।୪:** ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ନିକଟରେ ଥିବା ଏକ ଆମ୍ବ ବଗିଚାରେ ଗୁରୁବାର ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରିଥିଲା। ମଧାହ୍ନ ସାଢ଼େ ୧୨ଟାରେ ସଦର ଥାନାଧିକାରୀ ମହେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୮ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେଠାରୁ ପୋଲିସ ୨୭ ହଜାର ଟଙ୍କା, ୫ ମୋବାଇଲ ଫୋନ ଓ ୪ଟି ସ୍କୁଟି ଜବତ କରିଛି। ମାମଲା ନଂ. ୧୨୮/୨୧ରେ ଜୁଆଡ଼ିଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସାହୁ ସୂଚନା ଦେଇଛନ୍ତି।

### ଭୋଜିରେ ଚଢ଼ାଉ, ଜରିମାନା ଆଦାୟ

**ଶେରଗଡ, ୨୯।୪: (ଡି.ଏନ.ଏ.):** ଶେରଗଡ଼ ତହସିଲଦାର ଡ.ଦୟାସିନ୍ଧୁ ପରିଡା ଗୁରୁବାର କୋଭିଡ୍ ନିୟମ ଉଲ୍ଲଂଘନ କରି ଠୁରୁବୁରାଇ ଗ୍ରାମରେ ଚାଲିଥିବା ଏକ ଭୋଜିରେ ଚଢାଉ କରିଥିଲେ। ସେଠାରେ ଭୋଜିକୁ ବନ୍ଦ କରିବା ସହ ଭୋଜି ଆୟୋଜକଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ସେହିପରି ତହସିଲଦାର ଚିକିଲି, କଣଭାଗ ଗ୍ରାମରେ ହୋମ ଆଇସୋଲେଶନରେ ଥିବା ବ୍ୟକ୍ତିଙ୍କ ପରିବାର ସହ କଥା ହୋଇଛନ୍ତି।

# ଗଞ୍ଜାମରେ ସଂକ୍ରମଣ ଚେନ୍ ଭାଙ୍ଗିବାକୁ ଗୁରୁତ୍ୱ

## ୨ଟା ପରେ ଘରୁ ନ ବାହାରିବାକୁ ପରାମର୍ଶ

**ଛତ୍ରପୁର,୨୯।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ଚେନ୍ ଭାଙ୍ଗିବାକୁ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ କରାଯାଉଛି। ଅତି ଆବଶ୍ୟକ ନ ହେଲେ ଘରୁ କେହି ନ ବାହାରିବା, ଘରୁ ଜରୁରୀ କାମରେ ବାହାରିଲେ ଠିକ୍ ଭାବେ ମାସ୍କ ପରିଧାନ କରିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ସାନିଟାଇଜେଶନ୍‌କୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଉଛି। ଚିକିତ୍ସା ସହିତ ସଂକ୍ରମଣ ଚେନ୍ ଛିଣ୍ଡାଇବା ଦିଗରେ ଅଧିକ ଯତ୍ନବାନ ହେବାକୁ ଗୁରୁବାର ଅନୁଷ୍ଠିତ କୋଭିଡ୍ ପରିଚାଳନା ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଲୋକଙ୍କ ଜୀବନଜୀବିକାକୁ ପ୍ରାଧାନ୍ୟ ଦିଆଯାଉଛି । ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ନ କରିବା ପାଇଁ ଅଧିକାରୀମାନଙ୍କୁ ଜିଲାପାଳ କହିଥିଲେ । ବର୍ଷାଋତୁ ପୂର୍ବରୁ ଚାରାରୋପଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଜିଲାର ସମସ୍ତ ଦୋକାନ ବଜାର ଅପରାହ୍ନ ୨ଟାରୁ ବନ୍ଦ ରହୁଛି। ତେଣୁ ଅଯଥା ଚଳପ୍ରଚଳ ଓ ଗହଳି ନ କରିବାକୁ ଜିଲାବାସୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ଜିଲାର ଗ୍ରୀନ୍ ଜୋନ୍‌କୁ ସଂକ୍ରମଣ ଦାଉରୁ ରକ୍ଷା କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଏବଂ ରେଡ୍ ଜୋନ୍ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରି ସେଠାରୁ ଯେଭଳି ସଂକ୍ରମଣ ନ ବ୍ୟାପିବ ସେ ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଂକ୍ରମିତଙ୍କ ଚିକିତ୍ସା ସକାଶେ ଏମକେସିଜି ମେଡିକାଲରେ ଆଉ ଗୋଟିଏ କାଜୁଆଲିଟି ଏବଂ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଆଉ ଏକ ସେଣ୍ଟର ପ୍ରସ୍ତୁତ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ମେ ପହିଲାରେ ଟାଟା କୋଭିଡ୍ ଚିକିତ୍ସା କେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ ସୂଚନା ଦେଇଥିଲେ । ଖାଲିହେଉଥିବା ଅକ୍ସିଜେନ୍‌ସିଲିଣ୍ଡରର ସଂପୂର୍ଣ୍ଣ ରୂପେ କିପରି ଭରି ହେବ ସେଥିସକାଶେ ବୈଷୟିକ ଷ୍ଟାଫ୍ ରଖି ସେଗୁଡିକର ତଦାରଖ କରିବାକୁ ଜିଲାପାଳ କହିଥିଲେ ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

# ସଙ୍ଗିନ ହେଉଛି କରୋନା ସ୍ଥିତି

**ନୟାଗଡ଼ ଅଫିସ,୨୯।୪**

- ଦିନକରେ ୧୨୧ ପଜିଟିଭ୍
- ନୂଆସାହି ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

ନୟାଗଡ଼ ଜିଲାରେ କରୋନାର ସ୍ଥିତି ବିଗିଡିବାରେ ଲାଗିଛି । କରୋନା କଟକଣାକୁ ଲୋକେ ମାନୁ ନାହାନ୍ତି । ନୟାଗଡ଼ ସହରର ବିଭିନ୍ନ ଦୋକାନରେ ଗହଳି ବଢୁଛି । ସୁନା ଦେକାନରେ ଭିଡ଼ ଜମୁଛି । ପୋଲିସକୁ ଦେଖିଲେ ନାକ ଉପରେ ମାକ୍ସ ରହୁଛି । ପୋଲିସ ନ ଥିଲେ ନାକ ତଳେ ଆଦୌ ମାକ୍ସ ରହୁନି। କେତେଜଣ ଅମାନିଆଙ୍କ ଯୋଗୁ ସ୍ଥିତି ବିଗିଡିବାରେ ଲାଗିଛି । ଗୁରୁବାର ନୟାଗଡ଼ ଜିଲାରେ ୧୨୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୨ରେ ପହଞ୍ଚିଛି। ଗୁରୁବାର ରିପୋର୍ଟରେ ଭାପୁର ବ୍ଲକରେ ୨, ଦଶପଲ୍ଲା ବ୍ଲକରେ ୧୪, ଖଣ୍ଡପଡ଼ା ବ୍ଲକରେ ୮, ନୟାଗଡ଼ ବ୍ଲକରେ ୧୬, ନୂଆଗାଁ ବ୍ଲକରେ ୧୫, ଓଡ଼ଗାଁ ବ୍ଲକରେ ୧୭, ରଣପୁର ବ୍ଲକରେ ୨୭, ନୟାଗଡ଼ ପୌରାଞ୍ଚଳରେ ୨୨ ଜଣ ଚିହ୍ନଟ ହୋଇଛନ୍ତି । ଅନ୍ୟପକ୍ଷେ ବରସାହି ସିଙ୍ଗାରପୁର ନୂଆସାହିକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ସେଠାରେ ୫ଜଣ ରୋଗୀ ଚିହ୍ନଟ ପରେ ଓଡ଼ଗାଁ ତହସିଲଦାର ବିଜେୟିତା ସାମନ୍ତସିଂହାର ଗୁରୁବାର ଅପରାହ୍ନରୁ ସେହି ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି।

# ଉନ୍ନୟନ କାମ ବୁଲି ଦେଖିଲେ ସହକାରୀ କମିଶନର


ମନ୍ଦିର କର୍ମକର୍ତ୍ତାଙ୍କ ସହ ଦେବୋତ୍ତର ସହକାରୀ କମିଶନର ।

**ଓଡ଼ଗାଁ, ୨୯।୪(ସ୍ୱ.ପ୍ର.)**

ଦେବୋତ୍ତର ବିଭାଗ ସହକାରୀ କମିଶନର ଶ୍ରୀଦୀପ୍ ମିଶ୍ର ଗୁରୁବାର ଓଡ଼ଗାଁ ଶ୍ରୀରଘୁନାଥ ମନ୍ଦିର ପରିଦର୍ଶନ କରିବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି । ବିଶେଷକରି ମନ୍ଦିର ବେଢ଼ାରେ ଉଠାଯାଉଥିବା ମାର୍ବଲ କାମକୁ ତଦାରଖ କରିଥିଲେ। ଖୁବ୍‌ଶୀଘ୍ର ସେହି କାମ ସାରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଥିବା କେତେଜଣ ପୂଜକ ଓ ସେବକ ପରିଷଦ ସଦସ୍ୟଙ୍କ ଘର ବୁଲି ସେ ଦେଖିଥିଲେ । ସେମାନଙ୍କୁ ମନ୍ଦିର ତରଫରୁ ଥଇଥାନ କରିବାକୁ ଦାବି କରାଯାଇଥିଲା। ଏହା ସହିତ ସେ ଦୁଇମହଲା ବିଶିଷ୍ଟ ବଜାର ଗୃହ, ଲକ୍ଷ୍ମୀବଜାରରେ ଥିବା ଏକ ମହଲା ବିଶିଷ୍ଟ ଧର୍ମଶାଳା ବଜାରକୁ ଦୁଇ ମହଲା କରିବାକୁ ଥିବା ପ୍ରସ୍ତାବକୁ ବୁଲି ଦେଖିଥିଲେ। ସେହିପରି ସ୍ଥାନୀୟ ରାଧାକାନ୍ତ ମଠ ପରିଦର୍ଶନ କରିବା ସହିତ ସେହି ପୀଠ ପରିଚାଳନା ନେଇ ଆଲୋଚନା କରିଥିଲେ। ମନ୍ଦିର ସୁପରଭାଇଜର ଜିତେନ୍ଦ୍ର ମିଶ୍ର, ଦେବୋତ୍ତର ପରିଚାଳକ ତାପସ ପଟ୍ଟନାୟକ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଆର ପରିଷଦ ସଭାପତି କାର୍ତ୍ତିକ ପଣ୍ଡା ଓ ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ମିଥ୍ୟା ଭିଡିଓ ଭାଇରାଲ କଲେ କାର୍ଯ୍ୟାନୁଷ୍ଠାନ

**ଛତ୍ରପୁର,୨୯।୪(ଡି.ଏନ.ଏ.)**

କିଛିଦିନ ତଳେ ବ୍ରହ୍ମପୁର କାଜୁଆଲିଟିରେ ଅକ୍ସିଜେନ ଅଭାବ ନେଇ ଏକ ମିଥ୍ୟା ଭିଡିଓ ଭାଇରାଲ ହୋଇଥିଲା। ଗୁରୁବାର ଗଞ୍ଜାମ ଜିଲାପାଳ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଅକ୍ସିଜେନ ଦେବାର ନିଷ୍ପତ୍ତି ଡାକ୍ତରଙ୍କର। ଆବଶ୍ୟକତାକୁ ଦେଖି ସେ ଅକ୍ସିଜେନ ଦେବେ। ତେଣୁ ଡାକ୍ତରମାନଙ୍କୁ ରୋଗୀ କିମ୍ବା ସମ୍ପର୍କୀୟ ଚାପ ନ ପକାଇବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଏହି ମହାବିପତ୍ତି ସମୟରେ ଗୁଜବକୁ ସୋସିଆଲ ମିଡ଼ିଆରେ ଭାଇରାଲ ନ କରିବାକୁ କହିଛନ୍ତି। ଯଦି କେହି ଏପରି କରନ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

# କନ୍‌ଷ୍ଟେବଲ ୨ଶହ, ଗାଁଲୋକ ୫୦୦ ଫାଇନ ଦେଲେ

**ନୟାଗଡ଼ ଅଫିସ,୨୯।୪**

## କରୋନା କଟକଣା ଅମାନ୍ୟ ଯୋଗୁ ଅର୍ଥଦଣ୍ଡ

ମାସ୍କ ନ ପିନ୍ଧି ଜଣେ କନ୍‌ଷ୍ଟେବଲ ୨୦୦ ଟଙ୍କା ଫାଇନ ଦେଇଥିବାବେଳେ ରାମ ନାଟକ କରି ଗାଁ ଲୋକ ୫୦୦ ଟଙ୍କା ଫାଇନ ଭରିଛନ୍ତି । କରୋନା କଟକଣାକୁ ଅଣଦେଖା କରିବାରୁ ଏପରି ଫାଇନ ଆଦାୟ ହୋଇଛି । ପ୍ରାପ୍ତ ସୂଚନା ଅନୁସାରେ ଫତେଗଡ଼ ଥାନା ଗୋଳାପୋଖରୀ ପଞ୍ଚାୟତ ବେଗୁନିଆ ଗାଁରେ ବୁଧବାର ରାତିରେ ରାମ ନାଟକ ହେଉଥିଲା । ଖବର ପାଇ ଭାପୁର ଫାଣ୍ଡି କନ୍‌ଷ୍ଟେବଲ ସୋମନାଥ ଜେନା ପହଞ୍ଚି ରାମ ନାଟକ ବନ୍ଦ କରାଇଥିଲେ। ତେବେ କନ୍‌ଷ୍ଟେବଲ ମାସ୍କ ପିନ୍ଧି ନ ଥିଲେ କି ଡ୍ରେସ କୋର୍ଡରେ ନ ଥିଲେ। ଲୋକମାନେ ତାଙ୍କ ଫଟୋ ମୋବାଇଲରେ ଉଠାଇ ଏସ୍‌ପିଙ୍କ ପାଖକୁ ପଠାଇଥିଲେ । ଏସ୍‌ପିଙ୍କ ନିର୍ଦ୍ଦେଶରେ କନ୍‌ଷ୍ଟେବଲଙ୍କଠାରୁ ୨୦୦ ଟଙ୍କା ଫାଇନ୍ ଆଦାୟ କରାଯାଇଛି ବୋଲି ଆଇଆଇସି ଗିରିଜାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ୬ ବ୍ରହ୍ମଚାରୀଙ୍କ ସମୂହ ବ୍ରତୋପନୟନ


ବ୍ରହ୍ମଚାରୀମାନେ ଗ୍ରାମ ପରିକ୍ରମା କରୁଛନ୍ତି ।

**ଖଣ୍ଡପଡ଼ା,୨୯।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍‌ଅଧୀନ କଣ୍ଟିଲୋ ଯାତ୍ରାପଦା ବଜାରସ୍ଥିତ ଫଣେଶ୍ୱର ମହାଦେବ ଓ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଗୁରୁବାର ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ପକ୍ଷରୁ ଏହି ବ୍ରତୋପନୟନ ଆୟୋଜିତ ହୋଇଥିଲା। ଏହି ଅବସରରେ ନୟାଗଡ଼ ଜିଲା ନୂଆଗାଁ ବାଉଁଶିଆପଡାର ଶୁଭମ୍ କୁମାର ନାୟକ, କଟକ ଜିଲା କାଞ୍ଚିଆପଦାର ଶକ୍ତିପ୍ରସାଦ ନାୟକ, ନରସିଂହପୁରର ମୃତ୍ୟୁଞ୍ଜୟ ପଣ୍ଡା, ବଡ଼ମ୍ବାର ବୈଭବ ପ୍ରସାଦ ରଥଶର୍ମା, ବୌଦ୍ଧ ଜିଲା ହରଭଙ୍ଗା ଗ୍ରାମର ପୀତବାସ ଖଡ଼ିରତ୍ନ ଓ ଦୀପକ କୁମାର ଖଡ଼ିରତ୍ନଙ୍କ ବ୍ରତୋପନୟନ ହୋଇଥିଲା । ଆଚାର୍ଯ୍ୟ ଭାବେ ରଜନୀକାନ୍ତ ମିଶ୍ର, ବସନ୍ତ କୁମାର ମିଶ୍ର ଓ ନିରଞ୍ଜନ ମିଶ୍ର ପ୍ରମୁଖ ବ୍ରତୋପନୟନ କାର୍ଯ୍ୟ ପରିଚାଳନା କରିଥିଲେ । ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଅଗ୍ରୱାଲ ଏବଂ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଚିତ୍ରକୂଟରେ ଶ୍ରୀରାମଙ୍କ ବିଶ୍ରାମ

**ଓଡ଼ଗାଁ,୨୯।୪(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ଦଶ ଦିନ ବ୍ୟାପୀ ପ୍ରସିଦ୍ଧ ଶ୍ରୀରାମ ନବମୀ ମହୋତ୍ସବ କରୋନା କଟକଣା ମଧ୍ୟରେ ପାଳିତ ହେଉଛି । ଶ୍ରଦ୍ଧାଳୁଙ୍କୁ ସନ୍ଧ୍ୟାବେଶ ଦର୍ଶନ ଓ ମନ୍ଦିର ପ୍ରବେଶ ବାରଣ କରାଯାଇଛି । ଏପରିସ୍ଥଳେ ବୁଧବାର ସପ୍ତମ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମ ଚିତ୍ରକୂଟରେ ବିଶ୍ରାମ କରିଛନ୍ତି। ପ୍ରଭୁ ମାତା ଜାନକୀଙ୍କୁ କୋଳାଗ୍ରତ କରି ବିଶ୍ରାମ ନେଉଥିବା ବେଳେ ମାତା ଜାନକୀଙ୍କ ମଥାରେ ଚଦିତା ଲାଗି କରୁଥିବା କମନୀୟ ଦୃଶ୍ୟ ସମସ୍ତଙ୍କୁ ଆହ୍ଲାଦିତ କରିଥିଲା । ହେଲେ ବିଧିର ବିଧାନ ଅନୁସାରେ ଜ୍ୟେଷ୍ଠ ପୁତ୍ରଙ୍କ ସହିତ ଲକ୍ଷ୍ମଣ ଓ ପୁତ୍ରବଧୂଙ୍କ ୧୪ ବର୍ଷ ବନବାସରେ ଅତ୍ୟନ୍ତ ମ୍ରିୟମାଣ ରାଜା ଦଶରଥ ପରଲୋକ ଗମନ କରିଛନ୍ତି । ଏହି ଦୁଃସମ୍ବାଦ ଭରତ ଚିତ୍ରକୂଟରେ ପହଞ୍ଚି ପ୍ରଭୁ ଶ୍ରୀରାମଙ୍କୁ ଜଣାଇବା ସହିତ ଅଯୋଧ୍ୟା ଫେରିଯିବାକୁ ଅନୁରୋଧ କରିଛନ୍ତି । ହେଲେ ପିତୃସତ୍ୟରେ ଅଟଳ ରଘୁବୀର, ଭରତଙ୍କ ଅନୁରୋଧକୁ ସମ୍ମାନ ଜଣାଇ ନିଜେ ଫେରିବା ବଦଳରେ ନିଜ ପାଦୁକା ପ୍ରଦାନ କରିଛନ୍ତି । ଭରତ ମଧ୍ୟ ରାଜସିଂହାସନର ମୋହ ପରିତ୍ୟାଗ କରି ଭ୍ରାତୃପ୍ରେମର ପରାକାଷ୍ଠାର ନମୁନା ପ୍ରତିପାଦିତ କରିଛନ୍ତି। ଅନ୍ୟ ଏକ ଭ୍ରାତୃପ୍ରେମର ନିଚ୍ଛକ ନମୁନା ଏଠି ପରିଲକ୍ଷିତ ହୋଇଛି। ଅନୁଜ ଲକ୍ଷ୍ମଣ ବନ୍ୟଜନ୍ତୁଘେରା ଜଙ୍ଗଲରେ ଅହରହ ଆହାର ନିଦ୍ରା ପରିତ୍ୟାଗ କରି ଭାଇଭାଉଜଙ୍କୁ ସାଷ୍ଟାଙ୍ଗ ପ୍ରହରା ଦେଉଛନ୍ତି । ଗୁରୁବାର ସନ୍ଧ୍ୟାରେ ସାଧାରଣ ବେଶ ଦର୍ଶନ ବନ୍ଦ ରହିଛି ।


ଚିତ୍ରକୂଟରେ ଶ୍ରୀରାମଙ୍କ ବିଶ୍ରାମ ବେଶ ।

## ଶ୍ରୀରାମ ନବମୀ ଉତ୍ସବର ସପ୍ତମ ସନ୍ଧ୍ୟା

# ମହିଳା ଗ୍ରୁପ୍ ଟଙ୍କା ଆଦାୟକୁ ନେଇ ଗଣ୍ଡଗୋଳ: ୨ ମାମଲା

**ହିଞ୍ଜିଳିକାଟୁ,୨୯।୪(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ସାରୁ ଗ୍ରାମରେ ମହିଳା ଗ୍ରୁପ ଋଣ ଟଙ୍କାକୁ ନେଇ ଗଣ୍ଡଗୋଳ ହେବା ସହ ଏ ନେଇ ପୃଥକ ୨ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହିର ଏସ୍‌କେଏସ୍ ମହିଳା ଗ୍ରୁପରୁ ହିଞ୍ଜିଳି ଥାନା ସାପୁଆପଲୀ ଗ୍ରାମର ସୁମିତ୍ରା ପାଣିଗ୍ରାହୀ କିଛି ଟଙ୍କା ଋଣ ନେଇଥିଲେ। ସୁମିତ୍ରା ବ୍ରହ୍ମପୁରରେ ଏକ ଷ୍ଟେଶନେରୀ ଦୋକାନ କରିଥିବା ବେଳେ କିଛି ଦିନ ହେଲା ସାରୁ ଗ୍ରାମରେ ବାପଘରେ ରହୁଥିଲେ। ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ଏସ୍‌କେଏସ୍ ଗ୍ରୁପର କେତେଜଣ ମହିଳା ଋଣ ଟଙ୍କା ଆଦାୟ ପାଇଁ ସାରୁ ଗ୍ରାମକୁ ଆସିଥିବା ବେଳେ ସୁମିତ୍ରା ଓ ତାଙ୍କ ବାପଘର ଲୋକଙ୍କ ସହ ସେମାନଙ୍କର ପାଟିତୁଣ୍ଡ ଓ ଗଣ୍ଡଗୋଳ ହୋଇଥିଲା। ପରେ ଉଭୟ ପକ୍ଷ ପରସ୍ପର ବିରୋଧରେ ଥାନାରେ ଏତଲା ଦେଇଥିଲେ। ପୋଲିସ ପୃଥକ ମାମଲା ନଂ. ୨୦୨ ଓ ୨୦୩/୨୧ ପୃଥକ ମାମଲା ରୁଜୁ କରିଛି। ବ୍ୟକ୍ତିଗତ ମୁଚାଲିକାରେ ସମସ୍ତଙ୍କୁ ଥାନାରୁ ଛଡ଼ା ଯାଇଥିବା ପୋଲିସ କହିଛି।

# ବଜ୍ରପାତରେ ନାବାଳିକା ମୃତ

**ଦାରିଙ୍ଗବାଡ଼ି,୨୯।୪(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗୁରୁବାର ମଧାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଆସି ବଜ୍ରପାତ ହୋଇଥିଲା। ବଜ୍ରପାତରେ ପର୍ତ୍ତମାହା ପଞ୍ଚାୟତ ପେତାରବାଡି ଗ୍ରାମର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରକାଶ ପ୍ରଧାନଙ୍କ ଝିଅ ଦିପାଳୀ (୧୧)। ଦିପାଳୀ ଘରଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ଗଛରୁ ଆମ୍ବ ତୋଳୁଥିବା ବେଳେ ହଠାତ ବଜ୍ରପାତ ହେବାରୁ ଟଳିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଦାରିଙ୍ଗବାଡ଼ି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୭/୨୧)ରୁଜୁ କରାଯାଇଥିବା ଆଇଆଇସି କୌଶିକ ମାଝି କହିଛନ୍ତି। ବଜ୍ରପାତରେ ଅଞ୍ଚଳରେ ଏକାଧିକ ଲୋକଙ୍କ ବିଦ୍ୟୁତ୍‌ଚାଳିତ ସାମଗ୍ରୀ ମଧ୍ୟ ପୋଡ଼ିଯାଇଛି।

# ବ୍ରହ୍ମପୁର ବଜାରରେ ଇଜିପ୍ଟ କମଳା

**ବ୍ରହ୍ମପୁର ଅଫିସ,୨୯।୪**

## ବଢୁଛି ଚାହିଦା, ଦର ଆକାଶଛୁଆଁ

ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କ୍ଷେତ୍ରରେ ଭିଟାମିନ-ସି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଡାକ୍ତର କମଳା ଓ ଲେମ୍ବୁ ନିୟମିତ ଖାଦ୍ୟରେ ବ୍ୟବହାର କରିବା ନିମନ୍ତେ ପରାମର୍ଶ ଦେଉଛନ୍ତି। ଏହି କାରଣରୁ ବର୍ତ୍ତମାନ ବ୍ରହ୍ମପୁର ବଜାରରେ କମଳାର ଚାହିଦା ଅଧିକ ରହିଛି। କିନ୍ତୁ ଦର ଆକାଶଛୁଆଁ ଥିବା ଯୋଗୁ ସାଧାରଣ ଗ୍ରାହକଙ୍କ ନିମନ୍ତେ ଚିନ୍ତାର ବିଷୟ ପାଲଟିଛି। ସହରରେ ଗିରି ମାର୍କେଟ, ବଡ଼ବଜାର, ବିଜିପୁର, କମାପଲ୍ଲୀ ପ୍ରତ୍ୟେକ ଜାଗାରେ କମଳା ଦର କିଲୋ ପିଛା ୧୫୦ରୁ ୧୬୦ଟଙ୍କା ରହିଛି। ଏନେଇ ହୋଲ୍‌ସେଲ ଫଳ ବ୍ୟବସାୟୀ ଧୀରେନ ପାତ୍ର କହିଛନ୍ତି,ଭାରତରେ କମଳା ଉତ୍ପାଦନ ଅକ୍ଟୋବରଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ହୁଏ। ଏହି ସମୟରେ ବ୍ରହ୍ମପୁର ବଜାରରେ କେବଳ ଚଣ୍ଡିଗଡ଼ ଓ ନାଗପୁର ଅଞ୍ଚଳରୁ ଆମଦାନୀ କମଳା ବିକ୍ରି ହୁଏ। କିନ୍ତୁ କମଳା ଋତୁ ସରିଯାଇଥିଲେ ସୁଦ୍ଧା ଗ୍ରାହକଙ୍କ ମଧ୍ୟରେ ଏହି ଫଳର ଚାହିଦା ଅଧିକା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଦେଶରୁ ଆମଦାନୀ କରାଯାଉଛି। ବର୍ତ୍ତମାନ ବ୍ରହ୍ମପୁର ବଜାରରେ ଇଜିପ୍ଟରେ ଉତ୍ପାଦିତ କମଳା ବିକ୍ରି ହେଉଛି। ସପ୍ତାହକୁ ମାତ୍ର ୧୦୦୦ ପେଟି କମଳା ଆସୁଛି। ଏହା ଦର ବୃଦ୍ଧି ହେବାର ଅନ୍ୟତମ କାରଣ ମଧ୍ୟ। ଖୁଚୁରାରେ ବିଜିପୁର ଫଳ ବଜାରରେ ବିକ୍ରି କରୁଥିବା ବ୍ୟବସାୟୀ ଟିଲୁ ସାମଲ କହିଛନ୍ତି, ଗ୍ରାହକଙ୍କ ଚାହିଦା ଏବଂ ଅଭାବୀ ବିକ୍ରି କାରଣରୁ ଆଗାମୀ ଦିନରେ କମଳା ଦର ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି।


ବିକ୍ରି ହେଉଥିବା ଇଜିପ୍ଟ କମଳା ।

# ପାଣିରେ ପଡ଼ିଲା ୨୦ ଲକ୍ଷ ଟଙ୍କା

**ନୟାଗଡ଼ ଅଫିସ,୨୯।୪**

## ଭାଙ୍ଗି ଦେଲେ ୨ ପରିସ୍ରାଗାର

ନୟାଗଡ଼ ସହରର ବ୍ରଜେନ୍ଦ୍ର ହାଇସ୍କୁଲ ଓ ଟ୍ରାଫିକ ଛକ ପାଖ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଦୁଇ ପରିଶ୍ରାଗାରକୁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ମଙ୍ଗଳବାର ରାତିରେ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପରିଶ୍ରାଗାର ନିର୍ମାଣ କରାଯାଇଥିଲା । ଏନେଇ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ଦୁଇ ପରିଶ୍ରାଗାରରେ ପାଣିର ସୁବିଧା ନ ଥିଲା । ଦୁର୍ଗନ୍ଧ ହେଉଥିଲା । ନୂଆ ଢ଼ାଞ୍ଚାରେ ପାଣିର ସୁବିଧା କରାଯାଇ ପୁଣି ଉପରୋକ୍ତ ସ୍ଥାନରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଦୁଇଟି ପରିଶ୍ରାଗାର ନିର୍ମାଣ କରାଯିବ । କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ପ୍ରାୟ ୨ବର୍ଷ ତଳେ ନୟାଗଡ଼ ସହରରେ ଶୌଚାଳୟ ନିର୍ମାଣ ହୋଇଥିଲା । ନିର୍ମାଣ ସମୟରେ ପାଣିର ବ୍ୟବସ୍ଥା କରା ନ ଯିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇ ପଡିଥିଲା । ସେଠାରେ ପାଣିର ବ୍ୟବସ୍ଥା କରା ନ ଯାଇ ୨ ପରିଶ୍ରାଗାର ଭାଙ୍ଗି ଦେବା ଠିକ୍ ହୋଇ ନାହିଁ । ପୁଣି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକମାନେ ହଇରାଣ ହେଉଥିବା ସେ ଅଭିଯୋଗ କରିଛନ୍ତି ।

